JULY 19, 2026
SUNDAY, BHUBANESWAR

ଜୁଲାଇ ୧୯, ୨୦୨୬
ରବିବାର, ଭୁବନେଶ୍ୱର

ବିଜ୍ଞାପନ ଓ ପ୍ରସାର ପାଇଁ ଯୋଗାଯୋଗ କରନ୍ତୁ
9937085463
akhyara.advertisement@gmail.com

# ଅକ୍ଷର
AKHYARA ODISHA ଓଡ଼ିଶା

epaper.akhyaraodisha.in
www.akhyaraodisha.in
DIGITAL MEDIA PARTNER
AKHYARA LIVE
akhyaraodisha@gmail.com

VOLUME 1 ● ISSUE- 314 ବର୍ଷ- ୧ ● ସଂଖ୍ୟା- ୩୧୪ | RNI REGD NO. ORIORI/25/A2226 ● DAILY EDITION | ପୃଷ୍ଠା-୧୨ ● ମୂଲ୍ୟ- ୭/- PAGES - 12 ● PRICE- 7/-

**ବିକାଶ ଭି ବିରାସତ ଭି**

# ବିକାଶ ଓ ସଂସ୍କୃତିର ସୁରକ୍ଷା ଆମ ସଂକଳ୍ପ

## ଜନଜାତିଙ୍କ ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଗୁରୁମନ୍ତ୍ର କଥାରେ ନୁହେଁ କାମରେ ବିଶ୍ୱାସ

## Yes, We Can' ମନୋବୃତ୍ତିରେ ଜନଜାତିଙ୍କ ସେବା କରନ୍ତୁ: ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର, ୧୮/୦୭ : ରାଜ୍ୟର ଜନଜାତି ବର୍ଗଙ୍କ ସାମଗ୍ରିକ ବିକାଶ ଓ ସେମାନଙ୍କ କଳା-ସଂସ୍କୃତିର ସଂରକ୍ଷଣକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ନବନିଯୁକ୍ତ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷମାନଙ୍କୁ ଗୁରୁମନ୍ତ୍ର ଦେଇଛନ୍ତି। ଲୋକସେବା ଭବନ କନ୍‌ଭେନ୍‌ସନ ସେଣ୍ଟରରେ ଆୟୋଜିତ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ବୈଠକରେ ୨୩ଟି ସ୍ୱତନ୍ତ୍ର ଉନ୍ନୟନ ପରିଷଦର ନବନିଯୁକ୍ତ ପଦାଧିକାରୀମାନଙ୍କ ସହ ମୁଖ୍ୟମନ୍ତ୍ରୀ ବିସ୍ତୃତ ଆଲୋଚନା କରିଛନ୍ତି। ବୈଠକରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ନୂତନ ସରକାର ଗଠନ ହେବା ପରେ ଆଦିବାସୀମାନଙ୍କ ବିକାଶ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ସରକାରଙ୍କ ପାଇଁ ରାଜନୀତି କ୍ଷମତା ଭୋଗର ମାଧ୍ୟମ ନୁହେଁ, ବରଂ ଅନ୍ତିମ ଧାଡ଼ିରେ ଥିବା ଗରିବ ଲୋକର ସେବା କରିବାର ମାଧ୍ୟମ, ଯାହାକୁ 'ଅନ୍ତ୍ୟୋଦୟ' କୁହାଯାଏ। ତେଣୁ ନବନିଯୁକ୍ତ ପଦାଧିକାରୀମାନେ ସମାଜର ଶେଷ ଧାଡ଼ି ପର୍ଯ୍ୟନ୍ତ ପହଞ୍ଚି ଲୋକଙ୍କ ପାଇଁ କାର୍ଯ୍ୟ କରିବା ଉଚିତ।

**ସମାଜର ଶେଷ ଧାଡ଼ିର ଲୋକଙ୍କ ପାଇଁ କାମ କରନ୍ତୁ**

ଅଧ୍ୟକ୍ଷ ଓ ଉପାଧ୍ୟକ୍ଷମାନଙ୍କୁ ଉପଦେଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡିଶାର ଜନସଂଖ୍ୟାର ଏକ-ଚତୁର୍ଥାଂଶ ହେଉଛନ୍ତି ଜନଜାତି। କିନ୍ତୁ, ଏହି ବର୍ଗର ଲୋକମାନେ ବିକାଶଧାରା ଠାରୁ ବହୁତ ପଛରେ ଅଛନ୍ତି। ଆମ ସରକାର କ୍ଷମତାକୁ ଆସିବା ପରେ ସେଥିପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି। ତେଣୁ, ଆମେ କିଭଳି ସେହି ଲୋକମାନଙ୍କ ପାଖରେ ବିକାଶର ଚିତ୍ର ପହଞ୍ଚାଇପାରିବା ସେଥିପ୍ରତି ନିଷ୍ଠାର ସହ କାମ କରିବା ଉଚିତ। ସେ କହିଥିଲେ ଆମ ଜନଜାତି ସଂପ୍ରଦାୟଙ୍କ ଭାଷା, କଳା ଓ ସଂସ୍କୃତି ଅନ୍ୟମାନଙ୍କ ଠାରୁ ସ୍ୱତନ୍ତ୍ର। ଜନଜାତି କଳା ଓ ସଂସ୍କୃତିର ବିବିଧତା ଆମ ଓଡିଶାର ଓ ଦେଶର ସାମଗ୍ରିକ ସଂସ୍କୃତିକୁ ଋଦ୍ଧିମନ୍ତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ 'ବିକାଶ ଭି, ବିରାସତ ଭି' ମନ୍ତ୍ରକୁ ଆଧାର କରି ଆମେ ଯେତେବେଳେ ବିକାଶର ମାର୍ଗରେ ଆଗକୁ ବଢୁଛୁ, ସେତେବେଳେ ଆମର ଏହି ମହାନ ସଂସ୍କୃତିକୁ ପଛରେ ପକେଇ ହେବ ନାହିଁ। ତା'ର ସଂରକ୍ଷଣ ଓ ବିକାଶ ପାଇଁ ଆମକୁ କାମ କରିବାକୁ ପଡିବ। ସମ୍ବିଧାନର ଧାରା ୨୭୫(୧)ର ପ୍ରାବଧାନ ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଜନଜାତି ଉନ୍ନୟନ ପାଇଁ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ବିକାଶମୂଳକ ଯୋଜନା ଓ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସମସ୍ତ ଯୋଜନା ମିଳିତ ଭାବେ କାର୍ଯ୍ୟକାରୀ ହେଲେ, ଜନଜାତି ବିକାଶ କ୍ଷେତ୍ରରେ ଆମେ ସଫଳତା ହାସଲ କରିବା। ମୁଖ୍ୟମନ୍ତ୍ରୀ ଜନଜାତି ବିକାଶ ପାଇଁ ରାଜ୍ୟ ସରକାର ବୈଷୟିକ ଶିକ୍ଷାରେ ସମାନୁପାତିକ ସଂରକ୍ଷଣ, ଶହୀଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା, ପ୍ରି-ମାଟ୍ରିକ ସ୍କଲାରସିପରେ ବୃଦ୍ଧି, ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନରେ ଅଣୁ-ଉଦ୍ୟୋଗ ପ୍ରତିଷ୍ଠା ପାଇଁ ସହାୟତା ଆଦି ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି କେନ୍ଦ୍ର ସରକାରଙ୍କ ଯୋଜନା ଉପରେ ଆଲୋକପାତ କରି ☞ପୃଷ୍ଠା-୨

### ଭିନ୍ନକ୍ଷମ ବାଳିକାଙ୍କ ସହ ଭାବବିନିମୟ କଲେ ରାଜ୍ୟପାଳ

## ଦକ୍ଷତା ବିକାଶ ଓ ରୋଜଗାର ସୃଷ୍ଟି ଉପରେ ଗୁରୁତ୍ୱ



ଭୁବନେଶ୍ୱର, ୧୮ /୦୭ : ଓଡ଼ିଶାର ରାଜ୍ୟପାଳ ଡ ହରିବାବୁ କମ୍ଭମପାଟି ଶନିବାର ଦିନ ଶ୍ରବଣ ଶକ୍ତି ବାଧିତ ବାଳିକାମାନଙ୍କ ସହ ଭାବବିନିମୟ କରିଛନ୍ତି ଓ ଏହି ଅବସରରେ ରାଜ୍ୟପାଳ ଶ୍ରବଣ ଶକ୍ତି ବାଧିତ ବାଳିକାଙ୍କ ନିମନ୍ତେ ଦକ୍ଷତା ବିକାଶ ଏବଂ ରୋଜଗାର ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଛନ୍ତି। ରାଜ୍ୟର ଶିଳ୍ପ କ୍ଷେତ୍ର ସହିତ ସେମାନଙ୍କୁ ଯୋଡ଼ିବା ପାଇଁ ପ୍ରୟାସ କରିବାକୁ ମଧ୍ୟ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି।

ଲୋକ ଭବନର ଅଭିଷେକ ହଲରେ କେନ୍ଦୁଝରର ସେବା ଫାଉଣ୍ଡେସନ୍‌ର ପ୍ରାୟ ୫୦ ଜଣ ସଦସ୍ୟଙ୍କ (ଶ୍ରବଣ ଶକ୍ତି ବାଧିତ ବାଳିକା ଓ ଶାରୀରିକ ଭିନ୍ନକ୍ଷମ ବ୍ୟକ୍ତିଙ୍କ ସମେତ) ସହିତ ଆଲୋଚନା କରିବା ସମୟରେ ଏହି ବାଳିକାମାନଙ୍କୁ ଦରଜି ଏବଂ ହସ୍ତଶିଳ୍ପ ପ୍ରଶିକ୍ଷଣ ଦିଆଯାଉଛି ବୋଲି ରାଜ୍ୟପାଳଙ୍କୁ ଅବଗତ କରାଯାଇଥିଲା ଓ ଏହି ଅବସରରେ ଓଡ଼ିଶାରେ ଏକାଧିକ ବୟନ ଶିଳ୍ପ ପ୍ରତିଷ୍ଠା ହେବାକୁ ଯାଉଥିବା ଦୃଷ୍ଟିରୁ ପ୍ରଶିକ୍ଷିତ ବାଳିକାମାନଙ୍କ ପାଇଁ ଏହି ଶିଳ୍ପସଂସ୍ଥା ଗୁଡ଼ିକରେ ରୋଜଗାର

**❖ କାଲି ପୁରୀ ଗସ୍ତ କରିବେ ଭିନ୍ନକ୍ଷମ ବାଳିକାଙ୍କ**

**❖ ସିଏସଆର ମାଧ୍ୟମରେ ମିଳିବ ଶ୍ରବଣ ଯନ୍ତ୍ର**

ସୁଯୋଗ ଖୋଜିବାକୁ ସଂଗଠନକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ଏହା ଦ୍ୱାରା ସେମାନେ ଆର୍ଥିକ ସ୍ୱାବଲମ୍ବୀ ହୋଇ ସମ୍ମାନଜନକ ଜୀବନ ଯାପନ କରିପାରିବେ ବୋଲି ରାଜ୍ୟପାଳ ମତ ପ୍ରକାଶ କରିଥିଲେ।

ଅଂଶଗ୍ରହଣକାରୀଙ୍କ ସହିତ ଭାବ ବିନିମୟ ସମୟରେ ସେମାନଙ୍କୁ ପ୍ରଦାନ କରାଯାଉଥିବା ଶ୍ରବଣ ଯନ୍ତ୍ର, କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଆଦି ସହାୟତା ବିଷୟରେ ରାଜ୍ୟପାଳ ପଚାରି ବୁଝିଥିଲେ। ଏହି ପ୍ରସଙ୍ଗରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରଶାସନ କର୍ପୋରେଟ ସାମାଜିକ ଦାୟିତ୍ୱ (CSR) ମାଧ୍ୟମରେ ଶ୍ରବଣ ଶକ୍ତି ଯନ୍ତ୍ର ଯୋଗାଇ ଦେବା ନିମନ୍ତେ ରାଜ୍ୟପାଳ ପରାମର୍ଶ ଦେଇଥିଲେ। ଏହା ପରେ ଶ୍ରବଣ ଶକ୍ତି ବାଧିତ ବାଳିକା ଓ ଶାରୀରିକ ଭିନ୍ନକ୍ଷମ ବ୍ୟକ୍ତିମାନ ଲୋକ ଭବନ ପରିସରସ୍ଥିତ ଉଦ୍ୟାନ, ଅଟଳ ବନ ଏବଂ ହରିଣ ପାର୍କ ପରିଦର୍ଶନ କରିଥିଲେ। ଆସନ୍ତା କାଲି ସେମାନଙ୍କର ପୁରୀ ଗସ୍ତ ନିମନ୍ତେ ବିହିତ ବ୍ୟବସ୍ଥା ଲୋକ ଭବନ ପକ୍ଷରୁ କରାଯାଇଛି।

**ନିର୍ଦ୍ଧାରିତ ସମୟରେ ସରିବ ପ୍ରକଳ୍ପ**

# ବଦଳିବ ଓଡ଼ିଶାର ଭିତ୍ତିଭୂମି

- ◆ ଗଠନ ହେବ 'ଷ୍ଟେଟ୍ ସ୍ପେଶାଲ୍ ସେଲ୍'
- ◆ ଏଆଇ ଏବଂ ଡ୍ରୋନ୍ ସର୍ଭେରେ ହେବ ପ୍ରକଳ୍ପର ଯାଞ୍ଚ
- ◆ ବିଳମ୍ବ ଓ ବ୍ୟୟ ବୃଦ୍ଧି ଉପରେ ଲାଗିବ ରୋକ
- ◆ ଭିଜନ ଓଡ଼ିଶା ୨୦୩୬' ଅଭିମୁଖେ ବଡ଼ ପଦକ୍ଷେପ



ଭୁବନେଶ୍ୱର, ୧୮/୦୭ : ରାଜ୍ୟରେ ବୃହତ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏବଂ ଏଗୁଡ଼ିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ବଡ଼ ନିର୍ଦ୍ଦେଶ ଦେଇଛନ୍ତି। ଏଣିକି ସବୁ ଭିତ୍ତିଭୂମି ପ୍ରକଳ୍ପର ନିରନ୍ତର ସମୀକ୍ଷା କରାଯିବ। ପ୍ରକଳ୍ପ କାର୍ଯ୍ୟରେ ଗତିଶୀଳତା ଆଣିବା ପାଇଁ ରାଜ୍ୟରେ ଏକ 'ଷ୍ଟେଟ୍ ସ୍ପେଶାଲ୍ ସେଲ୍' ଗଠନ କରିବାକୁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରସ୍ତାବିତ ସେଲ ପ୍ରକଳ୍ପଗୁଡିକୁ କାର୍ଯ୍ୟକାରୀ କରିବାକୁ ଏକ ଅଗ୍ରଣୀ ଅନୁଷ୍ଠାନ ଭାବେ କାମ କରିବ। ଏହି ସେଲ ବିଭିନ୍ନ ବିଭାଗ ଦ୍ୱାରା ପରିଚାଳିତ ଭିତ୍ତିଭୂମି ପ୍ରକଳ୍ପର କାର୍ଯ୍ୟକାରୀ କରିବାକୁ ଡିଜାଇନ ପ୍ରସ୍ତୁତି ଠାରୁ ଆରମ୍ଭ କରି ଡିପିଆର ପ୍ରସ୍ତୁତି ପର୍ଯ୍ୟନ୍ତ ସାହାଯ୍ୟ କରିବ। ପ୍ରକଳ୍ପଗୁଡିକୁ ନିରନ୍ତର ସମୀକ୍ଷା ଓ ମୂଲ୍ୟାୟନ କରିବ ଏହି ସେଲ। ଏହାଦ୍ୱାରା ଏହି ସେଲ ସବୁ ଭିତ୍ତିଭୂମି ପ୍ରକଳ୍ପ ପାଇଁ ଏକ ସିଙ୍ଗଲ ଓ୍ୱିଣ୍ଡୋ ଭାବେ କାମ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଗତ ମାର୍ଚ୍ଚ ୧୮ ତାରିଖରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ପାଖକୁ ଏନେଇ ଚିଠି ଲେଖି ଏହି ନିର୍ଦ୍ଦେଶ ଦେବା ସହ ସେଲ ଗଠନ ପାଇଁ ପ୍ରକ୍ରିୟା ଆରମ୍ଭ କରିବାକୁ କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ପ୍ରଶାସନ ଏ ଦିଗରେ ଆଗକୁ ବଢ଼ିଛି। ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏହାର ପ୍ରଥମ ବୈଠକ ଅନୁଷ୍ଠିତ ହେବ। ସବୁ ବିଭାଗୀୟ ମୁଖ୍ୟମାନେ ଏହି ବୈଠକରେ ଯୋଗ ଦେବେ। ଭିଜନ ଓଡିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ହାସଲ ପାଇଁ ଆଗାମୀ ବର୍ଷଗୁଡ଼ିକରେ ପରିବହନ, ସହରୀ ବିକାଶ, ସ୍ୱାସ୍ଥ୍ୟ, ଶିକ୍ଷା, ପର୍ଯ୍ୟଟନ, ସୂଚନା ପ୍ରଯୁକ୍ତି ଓ ଶିଳ୍ପ କ୍ଷେତ୍ରରେ ବୃହତ୍ ଭିତ୍ତିଭୂମି ପ୍ରକଳ୍ପ ହାତକୁ ନିଆଯିବ। କିନ୍ତୁ ବର୍ତ୍ତମାନ ବିଭିନ୍ନ ବିଭାଗ ପୃଥକ ପୃଥକ ପରାମର୍ଶଦାତାଙ୍କ ମାଧ୍ୟମରେ ଡିପିଆର୍ ପ୍ରସ୍ତୁତ କରୁଥିବାରୁ ଡିଜାଇନ୍, ବ୍ୟୟ ଆକଳନ, ବୈଷୟିକ ମାନଦଣ୍ଡ ଓ ଯୋଜନା ପ୍ରଣାଳୀରେ ଅସମାନତା ଦେଖାଦେଉଛି। ଏହା ଯୋଗୁଁ ପ୍ରକଳ୍ପ ବିଳମ୍ବ, ବ୍ୟୟ ବୃଦ୍ଧି ☞ପୃଷ୍ଠା-୨

**ଏମ୍ସ ଭୁବନେଶ୍ୱରର ଷଷ୍ଠ ସମାବର୍ତ୍ତନ ଉତ୍ସବ**

# ୬୮୪ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ




- ❖ ୩୨ ମେଧାବୀଙ୍କୁ ମିଳିଲା ସ୍ୱର୍ଣ୍ଣ ପଦକ
- ❖ ଆତ୍ମବିଶ୍ୱାସ ଏବଂ କରୁଣା ସହିତ ଧଳା କୋଟ୍ ପିନ୍ଧନ୍ତୁ: ଶ୍ରୀମତୀ ଅନୁପ୍ରିୟା ପଟେଲ

ଭୁବନେଶ୍ୱର, ୧୮/୦୭: ଏମ୍ସ ଭୁବନେଶ୍ୱର ଏହାର ଷଷ୍ଠ ସମାବର୍ତ୍ତନ ସମାରୋହକୁ ସଫଳତାର ସହିତ ପାଳନ କରିଛି, ଯାହା ଚିକିତ୍ସା ଶିକ୍ଷା, ଗବେଷଣା, ନବସୃଜନ ଏବଂ ରୋଗୀ ସେବାରେ ପ୍ରତିଷ୍ଠାନର ଉତ୍କର୍ଷତା ଯାତ୍ରାରେ ଆଉ ଏକ ମାଇଲଖୁଣ୍ଟ। ଏହି ଉତ୍ସବରେ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ଏବଂ ରସାୟନ ଏବଂ ସାର ରାଷ୍ଟ୍ରମନ୍ତ୍ରୀ ଶ୍ରୀମତୀ ଅନୁପ୍ରିୟା ପଟେଲ ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ମଧ୍ୟ ଯୋଗ ଦେଇଥିଲେ। ସମାବର୍ତ୍ତନ ଭାଷଣ ପ୍ରଦାନ କରି, ଶ୍ରୀମତୀ ଅନୁପ୍ରିୟା ପଟେଲ ସ୍ନାତକ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଉତ୍ସାହିତ କରିଥିଲେ ସେମାନଙ୍କୁ ନୈତିକ, କରୁଣାପୂର୍ଣ୍ଣ ଏବଂ ରୋଗୀ-କୈନ୍ଦ୍ରିକ ସ୍ୱାସ୍ଥ୍ୟସେବା ପାଇଁ ନିଜକୁ ଉତ୍ସର୍ଗ କରିବା ପାଇଁ। ଡାକ୍ତରୀ ବୃତ୍ତି ସହିତ ଜଡିତ ମୂଲ୍ୟବୋଧ ଉପରେ ଗୁରୁତ୍ୱାରୋପ କରି ସେ କହିଲେ, 'ଧଳା କୋଟ୍ ବିଶ୍ୱାସ, ଦାୟିତ୍ୱ, ପ୍ରତିବଦ୍ଧତା ଏବଂ ଅପାର ସୁବିଧାର ପ୍ରତୀକ।' 'ଆତ୍ମବିଶ୍ୱାସ ଏବଂ କରୁଣା ସହିତ ଏହାକୁ ପିନ୍ଧନ୍ତୁ।' ଏମ୍ସରୁ ସ୍ନାତକ ହୋଇଥିବା ଡାକ୍ତରମାନେ ଏକ ସ୍ୱତନ୍ତ୍ର ପରିଚୟ ବହନ କରନ୍ତି, ସେମାନଙ୍କୁ "Woe+' ଭାବରେ ବର୍ଣ୍ଣନା କରି ବିଶ୍ୱସ୍ତରୀୟ ଭିତ୍ତିଭୂମି, ଉନ୍ନତ ଚିକିତ୍ସା ସୁବିଧା, ଗବେଷଣା ସୁଯୋଗ, ବିଶେଷଜ୍ଞ ☞ପୃଷ୍ଠା-୨

**ଶରଧାବାଲିରେ ଭକ୍ତିର ଜୁଆର**

# ଜନ୍ମବେଦୀରେ ଦର୍ଶନ ଦେଲେ ମହାପ୍ରଭୁ



ପୁରୀ, ୧୮/୦୭ : ଶ୍ରୀକ୍ଷେତ୍ର ପୁରୀରେ ରଥଯାତ୍ରାର ଆଉ ଏକ ପବିତ୍ର ଓ ଆକର୍ଷଣୀୟ ପର୍ବ ଆରମ୍ଭ ହୋଇଛି। ରଥ ଉପରେ ଭକ୍ତଙ୍କୁ ଦର୍ଶନ ଦେବା ପରେ ଏବେ ଆଡ଼ପ ମଣ୍ଡପ ବିଜେ ନୀତି ଆରମ୍ଭ ହୋଇଛି। ଶରଧାବାଲିରେ ଦଣ୍ଡାୟମାନ ତାଳଧ୍ୱଜ, ଦର୍ପଦଳନ ଓ ନନ୍ଦିଘୋଷ ରଥରୁ ପାରମ୍ପରିକ ଗୋଟି ପହଣ୍ଡିରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଶ୍ରୀଗୁଣ୍ଡିଚା ମନ୍ଦିରର ଜନ୍ମବେଦୀ ବା ଆଡ଼ପ ମଣ୍ଡପକୁ ବିଜେ କରାଯାଉଛି। ପାରମ୍ପରିକ ନୀତି ଅନୁଯାୟୀ ପ୍ରଥମେ ମଦନମୋହନ ଓ ରାମକୃଷ୍ଣଙ୍କ ପହଣ୍ଡି ସମ୍ପନ୍ନ ହୋଇଛି। ଏହାପରେ ଚକ୍ରରାଜ ସୁଦର୍ଶନ, ବଡ଼ଭାଇ ବଳଭଦ୍ର, ଦେବୀ ସୁଭଦ୍ରା ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଭକ୍ତିମୟ ପରିବେଶ ମଧ୍ୟରେ ଜନ୍ମବେଦୀକୁ ବିଜେ କରାଯାଉଛି। ଢୋଲ, ଘଣ୍ଟ, କାହାଳୀ ଓ ହରିବୋଲ ଧ୍ୱନିରେ ସମଗ୍ର ଶରଧାବାଲି ଭକ୍ତିରସରେ ଭରିଯାଇଛି। ପହଣ୍ଡି ନୀତି ଦେଖିବା ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିବା ବେଳେ ଶ୍ରୀମନ୍ଦିର ପ୍ରଶାସନ, ଦଇତାପତି ☞ପୃଷ୍ଠା-୨

- ▲ ଆରମ୍ଭ ହେଲା ଆଡ଼ପ ମଣ୍ଡପ ନୀତି
- ▲ ଘଣ୍ଟ-କାହାଳୀ ନାଦରେ ମୁଖରିତ ଶ୍ରୀକ୍ଷେତ୍ର

## 'ବିକ୍ରମ-୧'ର ଲଞ୍ଚ ସଫଳ




ଶ୍ରୀହରିକୋଟା, ୧୮/୦୭ : ସ୍କାଏରୁଟ୍ ଏରୋସ୍ପେସର 'ମିଶନ ଆଗମନ' ଅନ୍ତର୍ଗତ ପ୍ରଥମ ଘରୋଇ କ୍ଷେତ୍ରର ରକେଟ 'ବିକ୍ରମ-୧'କୁ ଆନ୍ଧ୍ରପ୍ରଦେଶର ତିରୁପତି ଜିଲ୍ଲାର ଶ୍ରୀହରିକୋଟାର ସତୀଶ ଧାଓ୍ୱନ ମହାକାଶ କେନ୍ଦ୍ରରୁ ସଫଳତାର ସହ ଉତ୍‌କ୍ଷେପଣ କରାଯାଇଛି। ଏହା ସହିତ ଭାରତର ମହାକାଶ ଯାତ୍ରାରେ ଏକ ନୂତନ ଐତିହାସିକ ଅଧ୍ୟାୟ ଯୋଡ଼ି ହୋଇଛି। ଶନିବାର ମଧ୍ୟାହ୍ନ ୧୨ଟା ୫ରେ ସ୍କାଏରୁଟ୍ ଏରୋସ୍ପେସ ଭାରତର ପ୍ରଥମ ଘରୋଇ ଭାବରେ ବିକଶିତ କକ୍ଷପଥ ପ୍ରକ୍ଷେପଣ ଯାନ, ବିକ୍ରମ-୧ର ପ୍ରଥମ ☞ପୃଷ୍ଠା-୨




**ବ୍ୟଙ୍ଗ ବିଚାର**

**ଡ.ଗିରୀଶ ରଂଜନ**

ଏବେ ପ୍ରତି ଘରକୁ ଶୁଦ୍ଧ ଜଳ
ଯୋଗାଇବେ ସରକାର
ସେଇ ଜଳ ପରା ଇନ୍ଦ୍ର ଛାଡୁଛନ୍ତି
ଦେଖ ପ୍ରତିଦିନ ଝର ଝର
ଆଉ ଜଳ କ'ଣ ଦରକାର
ଖରାଦିନ ଗଲା ଜଳ ଅଭାବରେ
ଏବେ ବରଷାରେ ତରବର

**ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥାର ସମୀକ୍ଷା**

# ପ୍ରତି ଘରକୁ ଶୁଦ୍ଧ ଜଳ ମୋହନ ସରକାରଙ୍କ ସଙ୍କଳ୍ପ

## ଢେଙ୍କାନାଳରୁ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ କଡ଼ା ଚେତାବନୀ

- ❖ ନିମ୍ନମାନର କାର୍ଯ୍ୟ କଲେ ହେବ କଠୋର କାର୍ଯ୍ୟାନୁଷ୍ଠାନ
- ❖ ଫାଇଲ୍ ତଳୁ ବାହାରିବେ ଅଟକି ରହିଥିବା ସମସ୍ତ ପ୍ରକଳ୍ପ
- ❖ ସୁସ୍ଥ, ସ୍ୱଚ୍ଛ ଏବଂ ବିକଶିତ ଢେଙ୍କାନାଳ ଗଠନ ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ



ଢେଙ୍କାନାଳ, ୧୮/୦୭ (ବିଜ୍ଞାନ ମହାନ୍ତି): ରାଜ୍ୟରେ ଶାସନ ପରିବର୍ତ୍ତନ ସହ ପ୍ରଶାସନିକ ସ୍ୱଚ୍ଛତା ଓ ଜନକଲ୍ୟାଣକାରୀ ଯୋଜନାର ଦ୍ରୁତ ରୂପାୟନ ଉପରେ ମୋହନ ଚରଣ ମାଝୀଙ୍କ ନେତୃତ୍ୱାଧୀନ ସରକାର ସର୍ବାଧିକ ଗୁରୁତ୍ୱ ଦେଉଛନ୍ତି। ଏହି କ୍ରମରେ ଗ୍ରାମାଞ୍ଚଳର ପ୍ରତିଟି ପରିବାର ପାଖରେ ଶୁଦ୍ଧ ପାନୀୟ ଜଳ ପହଞ୍ଚାଇବାକୁ ସରକାର ନିଜର ପ୍ରାଥମିକ ସଙ୍କଳ୍ପ ଭାବେ ଗ୍ରହଣ କରିଛନ୍ତି। ଢେଙ୍କାନାଳ ନିର୍ବାଚନ ମଣ୍ଡଳୀର ସଦର ଓ ଗଁଦିଆ ବ୍ଲକର ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ମାରାଥନ ବୈଠକରେ ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଭାଗୀୟ କାର୍ଯ୍ୟକଳାପର ତୃଣମୂଳ ସ୍ତରର ସମୀକ୍ଷା କରିବା ସହ ଅଧିକାରୀମାନଙ୍କୁ ଦୃଢ଼ ଚେତାବନୀ ଦେଇଛନ୍ତି। ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ, ସରକାରୀ ଯୋଜନାରେ ନିମ୍ନମାନର କାମକୁ କୌଣସି ବି ପରିସ୍ଥିତିରେ ବରଦାସ୍ତ କରାଯିବ ନାହିଁ। ଯଦି କେଉଁଠି ଗୁଣାତ୍ମକ ମାନରେ ତ୍ରୁଟି ପରିଲକ୍ଷିତ ହୁଏ, ତେବେ ସମ୍ପୃକ୍ତ ଅଧିକାରୀ ଓ ଠିକାଦାରଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ରୋଡମ୍ୟାପ୍ ପ୍ରସ୍ତୁତ ସରିଛି। ଏହି ବିକାଶର ମୂଳଦୁଆ ହେଉଛି ସୁସ୍ଥ ସମାଜ, ଯାହା ଶୁଦ୍ଧ ପାନୀୟ ଜଳ ଏବଂ ଉତ୍ତମ ପରିମଳ ବ୍ୟବସ୍ଥା ଉପରେ ନିର୍ଭର କରେ। ବୈଠକରେ ମନ୍ତ୍ରୀ ଶ୍ରୀ ପାତ୍ର ଗଁଦିଆ ଓ ସଦର ବ୍ଲକରେ ଚାଲିଥିବା ପ୍ରତ୍ୟେକଟି ଜଳ ଯୋଗାଣ ପ୍ରକଳ୍ପର ସ୍ଥିତି ପରଖିଥିଲେ।

ପାଇପ୍‌ଲାଇନ ବିସ୍ତାରଠାରୁ ଆରମ୍ଭ କରି ଓଭରହେଡ୍ ଟ୍ୟାଙ୍କ ନିର୍ମାଣ ଏବଂ ☞ପୃଷ୍ଠା-୨

### ଖିଲାପକାରୀଙ୍କୁ କଡ଼ା ନିର୍ଦ୍ଦେଶ

ବିଗତ ଦିନରେ ବିଭିନ୍ନ ପ୍ରକଳ୍ପରେ ଗୁଣବତ୍ତାକୁ ନେଇ ଆସୁଥିବା ଅଭିଯୋଗ ଉପରେ ଏବେ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ମନ୍ତ୍ରୀ ଶ୍ରୀ ପାତ୍ର ବୈଠକରେ ଉପସ୍ଥିତ ଇଞ୍ଜିନିୟର ଏବଂ ବିଭାଗୀୟ କର୍ମଚାରୀଙ୍କୁ ସ୍ପଷ୍ଟ ଚେତାବନୀ ଦେଇ କହିଛନ୍ତି ଯେ, ଜନସାଧାରଣଙ୍କ ଟିକସ ପଇସାରେ ହେଉଥିବା କାର୍ଯ୍ୟରେ କୌଣସି ପ୍ରକାର ଶିଥିଳତା କିମ୍ବା ଦୁର୍ନୀତିକୁ ପ୍ରଶ୍ରୟ ଦିଆଯିବ ନାହିଁ। ସମସ୍ତ ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସରକାରୀ ଗାଇଡଲାଇନ ଅନୁଯାୟୀ ଉଚ୍ଚମାନର ହେବା ଆବଶ୍ୟକ। ଯଦି ପ୍ରକଳ୍ପ ଅବଧି ପୂର୍ବରୁ ପାଇପ୍ ଫାଟିଯାଏ କିମ୍ବା ଟ୍ୟାଙ୍କରେ ସମସ୍ୟା ଦେଖାଦିଏ, ତେବେ ଉଭୟ ଠିକାଦାର ଓ ତଦାରଖ କରୁଥିବା ଯନ୍ତ୍ରୀ ସମାନ ଭାବେ ଦାୟୀ ରହିବେ।



## କାମାକ୍ଷାନଗର ମହାବିଦ୍ୟାଳୟରେ 'ଶକ୍ତିଶ୍ରୀ' କର୍ମଶାଳା




କାମାକ୍ଷାନଗର:୧୮/୭(ସୁମନ୍ତ ଜେନା) କାମାକ୍ଷାନଗର ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର 'ଶକ୍ତିଶ୍ରୀ' ସଶକ୍ତି କରଣ ବିଭାଗ ଆନୁକୂଲ୍ୟରେ ଏକ ସଚେତନତା କର୍ମଶାଳା ଆୟୋଜିତ ହୋଇଥିଲା । ମହାବିଦ୍ୟାଳୟର ଶକ୍ତିଶ୍ରୀ ବିଭାଗର ସଂଯୋଜିକା ଅଧ୍ୟାପିକା ଶନ୍ତାନିବେଦିତା ମହାନ୍ତି ଙ୍କ ପୌରହିତରେ କର୍ମଶାଳା ଉଦଘାଟିତ ହୋଇଥିଲା । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ ପ୍ରଶାନ୍ତ କୁମାର ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିବା ଅବସରରେ ସଂପ୍ରତିକ ପରିସ୍ଥିତି ରେ ନାରୀ ସଶକ୍ତିକରଣର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ । ଇତ୍ୟବସରରେ କାମାକ୍ଷାନଗର ଉପଖଣ୍ଡସ୍ଥ 'ଆଇନା'ର ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ବେହେରା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଲିଙ୍ଗଗତ ବୈଷମ୍ୟ ର ପ୍ରଭାବ ଓ ପରିଣତି କିପରି ସମାଜ କୁ ହିନବିର୍ଯ୍ୟ କରିବା ସଙ୍ଗେ ସଙ୍ଗେ ଏକ ଅସନ୍ତୁଳିତ ବ୍ୟଭିଚାରଗ୍ରସ୍ତ ମାନସିକତାକୁ ଖୋରାକ ଯୋଗାଉଛି ଏବଂ ଏହାର ଆଶୁ ନିରାକରଣ ଜନିତ ସୁଚିନ୍ତିତ ପଦକ୍ଷେପ ସମ୍ବନ୍ଧରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ସତ୍ୟନାରାୟଣ ମିଶ୍ର ନାରୀ ସଶକ୍ତିକରଣର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ । ଅଧ୍ୟାପକ ପ୍ରଦୀପ କୁମାର ମହାପାତ୍ର ବିଭିନ୍ନ ଉଦାହରଣ ମାଧ୍ୟମରେ ନାରୀ ସମ୍ପର୍କିତ ସାମାଜିକ ବୈଷମ୍ୟ ଦୂରୀକରଣ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଆଇନାର ପ୍ରଶିକ୍ଷିକା ଭାନୁମତୀ ପଣ୍ଡା, ମହାବିଦ୍ୟାଳୟ ଶକ୍ତୀଶ୍ରୀ ବିଭାଗର ସହସଂଯୋଜିକ ଅଧ୍ୟାପିକା ଜ୍ୟୋତିର୍ମୟୀ ବେହେରା, ସଦସ୍ୟା ଅଧ୍ୟାପିକା ଲିପସା ପ୍ରଧାନ ଶକ୍ତୀଶ୍ରୀର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ନିଜନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରାୟ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତି ଥିଲେ । ପରିଶେଷରେ ଶକ୍ତିଶ୍ରୀ ସଦସ୍ୟା ଅଧ୍ୟାପିକା ସାଗରିକା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## କାୟାତୋଟାରୁ ଆସି କୁମୁଟି ଏବେ ଭବ୍ୟ ଓ ବିଶାଳ ମନ୍ଦିରରେ ପୂଜା ପାଉଛନ୍ତି ମା' ମଙ୍ଗଳା

# ରେକୁଳା ହାଡ଼ ଯୋଡ଼ା କେନ୍ଦ୍ର ପାଇଁ ରାଜ୍ୟରେ ପ୍ରସିଦ୍ଧ

କାମାକ୍ଷାନଗର:୧୮/୭(ସୁମନ୍ତ ଜେନା)କାମାକ୍ଷାନଗର ସହର ନିକଟସ୍ଥ ରେକୁଳା ଗାଁରେ ପରମ୍ପରା ଓ ଆଧ୍ୟାତ୍ମିକତାର ମିଶ୍ରଣକୁ ନେଇ ରହିଛି ସମୃଦ୍ଧ ଇତିହାସ ଯାହା ଆଜି ବି ବଖାଣୁଛି ଗାଁର ପ୍ରତ୍ୟକ୍ଷ ଦେବୀ ଭାବେ ପୂଜା ପାଉଥିବା ମା' ମଙ୍ଗଳାଙ୍କ ଆବିର୍ଭାବର କାହାଣୀ ।ପ୍ରାୟ ୨୦୦ ବର୍ଷ ତଳର କଥା । ରାମିଆଳ ନଦୀ କୂଳରେ ଥିଲା ରେକୁଳା ଗାଁ । ଘଞ୍ଚ ଆମ୍ବ ଗଛ ଓ ବଣବୁଦା ଭିତରେ ରହିଥିଲା କାୟାତୋଟା ।ନଦୀ କୂଳରେ ଥିବା ଏହି ତୋଟା ସେତେବେଳେ ଘଞ୍ଚ ଜଙ୍ଗଲ ଭଳି ରହିଥିଲା । ସେହି ତୋଟାରେ ଆବିର୍ଭୂତା ହୋଇଥିଲେ ମା' ମଙ୍ଗଳା । ଏକ ଆମ୍ବଗଛ ମୂଳରେ ମା'ଙ୍କ ପ୍ରତିମା ଆବିର୍ଭାବ ହୋଇଥିବା ବେଳେ ମାଟି ମଣ୍ଡପ ସଦୃଶ ସ୍ଥାନରେ ବିରାଜମାନ କରିଥିଲେ । ଏହି ଖବର ପ୍ରଚାରିତ ହେବା ପରେ ଗ୍ରାମବାସୀ କାହିଁ କେଉଁ ଆବହମାନ କାଳରୁ ଗ୍ରାମରେ ଗ୍ରାମଦେବତୀଙ୍କ ପୂଜା ହୋଇ ଆସୁଛି । ଗାଁର ଭଲମନ୍ଦ, ସୁଖଦୁଃଖରେ ମା' ସାହା ହୋଇ ଆସିଛନ୍ତି । ବାରମାସରେ ତେର ପର୍ବଠାରୁ ସ୍ୱତନ୍ତ୍ର ବ୍ୟଞ୍ଜନ ଭୋଗ ଲାଗି ହୁଏ ମା'ଙ୍କ ପୀଠରେ ଗ୍ରାମଦେବତୀ ଆମ ଓଡ଼ିଆ ଗାଁର ଆସ୍ଥା ଓ ବିଶ୍ୱାସର ପ୍ରାଣକେନ୍ଦ୍ର । ସମସ୍ତ ମାଙ୍ଗଳିକ କାର୍ଯ୍ୟରେ ମା'ଙ୍କୁ ପ୍ରଥମେ ମାଜଣା କରାଯାଏ । ରୋଗବୈରାଗ୍ୟଠାରୁ ପ୍ରାକୃତିକ ଦୁର୍ବିପାକରେ ମା'ଙ୍କ ଶରଣ ପଶନ୍ତି ଗ୍ରାମବାସୀ । ସହରୀ ସଭ୍ୟତାରେ ହଜି ଯାଉଥିବା ଗାଁର ଜୀବନଶୈଳୀରେ ଆଜି ବି ବି ଗ୍ରାମଦେବତୀ ସବୁ ପରିବାରର ଅଭିଭାବକ ।ଘରୁ ବାହାରିଲେ ପ୍ରଥମେ ମା'ଙ୍କୁ ହିଁ ଲୋକେ ମୁଣ୍ଡିଆ ମାରି ଅନୁକୂଳରେ ପାଦ କାଢ଼ନ୍ତି ମା'ଙ୍କ ପ୍ରତିମାକୁ ଗାଁ ମୁଣ୍ଡକୁ



ଆଣି ସ୍ଥାପନା କରିଥିଲେ । ଚୁନ ଓ ମାଟିରେ ନିର୍ମିତ କୁମୁଟିରେ ରହି ପୂଜା ପାଇଲେ ମା' ଗାଁର ହେମ ସାହୁ ସେତେବେଳେ ମା'ଙ୍କ ପୂଜା ରୀତିନୀତି ଅନୁଯାୟୀ କରୁଥିବା ବେଳେ ପ୍ରତ୍ୟକ୍ଷ ଦେବୀ ହୋଇଥିବାରୁ କିଛି ଦିନ ମଧ୍ୟରେ ମା'ଙ୍କ ଅପାରଶକ୍ତି ବିଷୟରେ ଗ୍ରାମବାସୀ ଅବଗତ ହୋଇଥିଲେ । ଆଜି ଯେଉଁ ରେକୁଳା ଗାଁ ସାରା ରାଜ୍ୟରେ ହାଡ଼ ଯୋଡ଼ା ପାଇଁ ପ୍ରସିଦ୍ଧ ଲାଭ କରିଛି ତାହା ସେତେବେଳେ ମା'ଙ୍କ ଆଶୀର୍ବାଦରୁ ହିଁ ସମ୍ଭବ ହୋଇଥିଲା ବୋଲି ଗ୍ରାମବାସୀ କୁହନ୍ତି ।ଗାଁର ବୟସ୍କ ଲୋକଙ୍କ କହିବାନୁଯାୟୀ ସେତେବେଳେ ଗାଁରେ ହାଡ଼ିବନ୍ଧୁ ପାତ୍ର ନାମରେ ଜଣେ ବ୍ୟକ୍ତି ଥିଲେ । ସେ ମା' ମଙ୍ଗଳାଙ୍କର ଜଣେ ବଡ଼ ଉପାସକ ମା'ଙ୍କ ସେବାରେ ସର୍ବଦା ନିଜକୁ ନିୟୋଜିତ ରଖୁଥିଲେ । ଏଥିରେ ପ୍ରୀତ ହୋଇ ମା' ତାଙ୍କୁ ଆଶିଷ ପ୍ରଦାନ କରିଥିଲେ । ସେ ପ୍ରଥମେ ଗାଈଗୋରୁ ଓ ପରେ ମଣିଷଙ୍କ ହାଡ଼ଯୋଡ଼ା ଚିକିତ୍ସା ଆରମ୍ଭ କରିଥିଲେ । ଅତି ସହଜରେ ସେ ହାଡ଼ ଯୋଡ଼ି ପାରୁଥିଲେ ।ପରେ ପୁଅ ପ୍ରଭାକର ମଧ୍ୟ ବାପାଙ୍କ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ମା'ଙ୍କ ସେବାରେ ନିଜକୁ ସମର୍ପିତ କରିବା ସହ ବାପାଙ୍କ ଠାରୁ ହାଡ଼ଯୋଡ଼ା ବିଦ୍ୟା ଶିକ୍ଷା କରିଥିଲେ ।ଧିରେଧିରେ ସେ ମଧ୍ୟ କୁଶଳୀ ହାଡ଼ଯୋଡ଼ା ବୈଦ୍ୟ ଭାବେ ପରିଚିତ ହୋଇ ପାରିଛନ୍ତି ।ପ୍ରଭାକରଙ୍କ ସମୟରେ ମା'ଙ୍କ ମନ୍ଦିର ଉନ୍ନତିକରଣ କାର୍ଯ୍ୟ ଆରମ୍ଭ ହୋଇ ଘର ନିର୍ମାଣ ହୋଇଥିଲା । ତାଙ୍କ ପରେ ତାଙ୍କ ପୁଅ ରବିନାରାୟଣ ପାତ୍ରଙ୍କ ଅଦମ୍ୟ ଇଚ୍ଛାଶକ୍ତି ଓ ଭକ୍ତି ବଳରେ ରେକୁଳା ଗାଁ ହାଡ଼ଯୋଡ଼ା ପାଇଁ ବିଖ୍ୟାତ ହୋଇଥିବା ବେଳେ ମା'ଙ୍କ ଭବ୍ୟ ମନ୍ଦିର ନିର୍ମାଣର ମୂଳଦୁଆ ପଡ଼ିଥିଲା । ହାଡ଼ଯୋଡ଼ା କେନ୍ଦ୍ରକୁ ଆସୁଥିବା ରୋଗୀଙ୍କର ମା'ଙ୍କ ପ୍ରତି ବିଶ୍ୱାସ ବଢ଼ିବା ସହ ସମସ୍ତଙ୍କ ସହଯୋଗରେ ମା'ଙ୍କ ଦାନହୁଣ୍ଡି ପୂର୍ଣ୍ଣ ହୋଇଛି । ଦକ୍ଷିଣା ଓ ଗ୍ରାମବାସୀଙ୍କ ଅକୁଣ୍ଠ ସହଯୋଗ ଫଳରେ ରବିନାରାୟଣ ଙ୍କ ପୁଅ ତଥା ବର୍ତ୍ତମାନ ରେକୁଳା ହାଡ଼ଯୋଡ଼ା କେନ୍ଦ୍ରର ବୈଦ୍ୟରାଜ ସର୍ବେଶ୍ୱର ପାତ୍ରଙ୍କ ଉଦ୍ୟମ ରେ ରେକୁଳା ଗାଁରେ ପ୍ରତିଷ୍ଠା ହୋଇଛି ମା' ମଙ୍ଗଳାଙ୍କ ଭବ୍ୟ ଓ ବିଶାଳ ମନ୍ଦିର ।ମା ମଙ୍ଗଳାଙ୍କ ଅପାର କରୁଣା ରୁ ଚାରିଆଡୁ ଲୋକେ ଏଠାକୁ ମାନସିକ ପୂରଣ ଲାଗି ଆସିଥାନ୍ତି । ମା'ଙ୍କ କରୁଣାରୁ ଏଠାରେ ହାଡ଼ଯୋଡ଼ା ସହଜ ଓ ସମ୍ଭବ ହୋଇପାରୁଛି ।ଏହି ବିଜ୍ଞାନ ଯୁଗରେ ବିନା କୌଣସି ଅସ୍ତ୍ରୋପଚାରରେ ଆଜି ପର୍ଯ୍ୟନ୍ତ ଦୈନିକ ହଜାର ହଜାର ରୋଗୀ ଏଠାକୁ ଆସି ହାଡ଼ଯୋଡ଼ା ଚିକିତ୍ସା ପାଇ ପାରୁଛନ୍ତି । ମା ମଙ୍ଗଳା ଙ୍କ ଲାଗି ଆଜି ରେକୁଳା ଗାଁ ସ୍ୱତନ୍ତ୍ର ପରିଚୟ ପାଇଛି ।

## ସାରଙ୍ଗଧର ହାଇସ୍କୁଲ ର ପରିଚାଳନା କମିଟି ଗଠିତ

# ଏସ. କେ. ଆଫ୍ରୋଜ ଅଧ୍ୟକ୍ଷ, ରୁକ୍ମିଣୀ ଖଟୁଆ ଉପାଧ୍ୟକ୍ଷା



କାମାକ୍ଷାନଗର ୧୮/୭ (ସୁମନ୍ତ ଜେନା) କାମାକ୍ଷାନଗର ର ସର୍ବପୁରାତନ ଉଚ୍ଚ ବିଦ୍ୟାଳୟ ପିଏମଶ୍ରୀ ସାରଙ୍ଗଧର ଉଚ୍ଚ ବିଦ୍ୟାଳୟ ର ପରିଚାଳନା କମିଟି ଗଠିତ ହୋଇଯାଇଛି । ଭାରପ୍ରାପ୍ତ ପ୍ରଧାନଶିକ୍ଷୟତ୍ରୀ ରଶ୍ମିତା ଦେହୁରୀ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନିର୍ବାଚନ ରେ ସମୁଦାୟ ୧୫ ଜଣ ସଭ୍ୟ ସଭ୍ୟା ଙ୍କ ମଧ୍ୟରୁ ଆଜି ମୋଟ୍ ୧୪ ଜଣ ଉପସ୍ଥିତ ଥିଲେ । ଜଣ ଙ୍କ ଦେହ ଅସୁସ୍ଥ ଥିବାରୁ ସେ ଆଜି ର ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇ ପାରିନଥିଲେ । ଅଧ୍ୟକ୍ଷ ପଦ ଲାଗି ଦିଲ୍ଲୀପ କୁମାର ସାହୁ, ନିଶାକର ବେହେରା ଓ ଏସ.କେ.ଆଫ୍ରୋଜ୍ ମୋଟ୍ ୩ ଜଣ ପାର୍ଥି ଠିଆ ହୋଇଥିଲେ । ସେମାନଙ୍କ ମଧ୍ୟରୁ ଦିଲ୍ଲୀପ କୁମାର ସାହୁ ୨ ଖଣ୍ଡ, ନିଶାକର ବେହେରା ୩ ଖଣ୍ଡ ଏବଂ ଏସ.କେ.ଆଫ୍ରୋଜ୍ ୯ ଖଣ୍ଡ ଭୋଟ ପାଇ ନିର୍ବାଚିତ ହୋଇଥିଲେ । ସେଇ ଭଳି ଉପାଧ୍ୟକ୍ଷା ପଦ ଲାଗି କେବଳ ରୁକ୍ମିଣୀ ଖଟୁଆ ଙ୍କ ବ୍ୟତୀତ ଆଉ କେହି ଠିଆ ନହେବାରୁ ସେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ । ଆଜି ର ଏହି କାର୍ଯ୍ୟକ୍ରମ କୁ ବ୍ଲକ ନୋଡାଲ ଅଫିସର ସୁରେନ୍ଦ୍ର କୁମାର ବେହେରା ଓ ଏ.ବି.ଓ ବିଷ୍ଣୁ ପ୍ରସାଦ ମହାଳିକ ପରିଚାଳନା କରିଥିଲେ ।

# ପାନୀୟଜଳ ଯୋଗାଣପାଇଁ ଦଳିତ ଜନସାଧାରଣଙ୍କ ବ୍ଲକ୍ ଘେରାଉ

ଖଜୁରିଆକଟା ୧୮/୭(ନୀଳକଣ୍ଠ ଦାସ)ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଓଡ଼ାପଡ଼ା ବ୍ଲକ ବଦାଲୁ ପଞ୍ଚାୟତ ଅଧୀନ ଘୋଡାଡିଆଁ ଗ୍ରାମ ଦଳିତ ସାହି ର ଲୋକ ମାନେ ବିଭିନ୍ନ ସମସ୍ୟା କୁ ନେଇ ଆନ୍ଦୋଳନ କୁ ଓହ୍ଲାଇ ଥିବା ଜଣାଯାଇଛି ।ଘୋଡାଡିଆଁ ଗ୍ରାମ ର ଦଳିତ ଲୋକମାନେ ଆଜି ଓଡ଼ାପଡ଼ା ବ୍ଲକ ଦଳିତ ଶୋଷଣ ମୁକ୍ତି ମଞ୍ଚ ନେତୃତ୍ୱରେ ହିନ୍ଦୋଳ ରୋଡ ବଜାର ଦେଇ ଏକ ଶୋଭାଯାତ୍ରାରେ ଯାଇ ଓଡ଼ାପଡ଼ା ବ୍ଲକ କୁ ଯାଇ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇ ଆନ୍ଦୋଳନ କରିଥିଲେ । ଏହି ଆନ୍ଦୋଳନ ରେ ସି ପି ଆଇ (ଏମ୍) ର ରାଜ୍ୟ ସଦସ୍ୟ ବଦ୍ରିନାରାୟଣ ଦାସ,ନିର୍ମାଣ ଶ୍ରମିକ ନେତା ସର୍ବଜ୍ଞ ସାହୁ,କୃଷକ ନେତା ସରୋଜ ଶତପଥୀ କଂଗ୍ରେସ ନେତା ବିନୟ କୁମାର ସାହୁ ଯୋଗ ଦେଇ କହିଥିଲେ କି ଘୋଡାଡିଆଁ ଦଳିତ ଲୋକଙ୍କ ବିଭିନ୍ନ ମୌଳିକ ସମସ୍ୟା ନେଇ ଏକ ଦ୍ୱି ପତ୍ର କରିଥିଲେ । କିନ୍ତୁ ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ସମସ୍ୟାର ସମାଧାନ ନହେବା ଯୋଗୁଁ ଆଜି ଏହି ଆନ୍ଦୋଳନ ର ଆବଶ୍ୟକତା ପଡିଥିବା କହିବା ସହିତ ଦଳିତ ଲୋକଙ୍କ ମୌଳିକ ସୁବିଧା ସୁଯୋଗ ରୁ ବଞ୍ଚିତ



ହେଉଥିବା ସଂମ୍ପର୍କରେ ଡବଲ ଇଂଜିନି ସରକାରଙ୍କୁ ସମାଲୋଚନା କରି ବିବୃତି ରଖିଥିଲେ । ଆନ୍ଦୋଳନ କାରୀ ମାନେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲିପ କୁମାର ଷଡଙ୍ଗୀ ଙ୍କୁ ସାକ୍ଷାତ କରି ସେମାନେ ପୂର୍ବରୁ ଦେଇଥିବା ଦାବି ଆପତ୍ତି ଉପରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଭିନ୍ନ ବିଭାଗର ଅଧିକାରୀ ମାନଙ୍କୁ ଡ଼ାକି ଆଲୋଚନା କରିଥିଲେ । ମେଗା ପାନୀୟଜଳ ପ୍ରକଳ୍ପ ରୁ ପାଣି ମିଳିବା ପର୍ଯ୍ୟନ୍ତ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ । ସେହିପରି ଭୂମି ହିନ ପ୍ରଜା ମାନେ ଘରଡିହ ପଟ୍ଟା ପାଇବା ପାଇଁ ନିର୍ଦ୍ଧାରିତ ଫର୍ମରେ ଆବେଦନ କରିବା ପାଇଁ ପରାମର୍ଶ ଦେଇଥିଲେ । ରାସ୍ତା ମରାମତି କରିବା ପାଇଁ ଚଳିତ ମାସ ରେ ଗ୍ରାମ ସଭାରେ ପ୍ରସ୍ତାବ ଦେବାକୁ ପରାମର୍ଶ ଦେଇଥିଲେ । ଏହିପରି ସେମାନଙ୍କ ସମସ୍ୟାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ।

## ପ୍ରେମଜନିତ କାରଣକୁ ନେଇ ଯୁବକଙ୍କ ଆତ୍ମହତ୍ୟା

କାମାକ୍ଷାନଗର ୧୮/୭( ସୁମନ୍ତ ଜେନା) କାମାକ୍ଷାନଗର ଥାନା କେନ୍ଦୁପଶି ଗ୍ରାମରେ ପ୍ରେମଜନିତ କାରଣକୁ ନେଇ ଯୁବକଙ୍କ ଆତ୍ମହତ୍ୟା କ୍ଷ ମୃତ ଯୁବକ ଜଣକ ମହାବିରୋଡ଼ ଥାନା କୁଟୁରିଆ ଗ୍ରାମ ର ଜିତୁ ପଧାନ । ସେ କେନ୍ଦୁପଶି ଗ୍ରାମ ରେ ରହି ଗାଈଗୋରୁ ଚରାଉଥିବା ବେଳେ ଆଜି ସକାଳୁ ସେ ରହୁଥିବା ଘରେ ଆତ୍ମହତ୍ୟା କରିଛନ୍ତି । ପରିବାର ଲୋକ ଙ୍କ କହିବାନୁଯାୟୀ ଜିତୁ ପୂର୍ବରୁ ଜଣେ ଝିଅ ଙ୍କୁ ପ୍ରେମ କରୁଥିବା ବେଳେ ସେହି ଝିଅ କିଛିମାସ ତଳେ ଅନ୍ୟ ଜଣ ଙ୍କୁ ବିବାହ କରିଥିଲେ । ଯାହାକୁ ନେଇ ଜିତୁ ମାନସିକ ଅବସାଦ ମଧ୍ୟରେ କେନ୍ଦୁପଶି ଗାଁ ମୁଣ୍ଡରେ ରହୁଥିବା ଘରେ ଦଉଡି ଲଗାଇ ଆତ୍ମହତ୍ୟା କରିଛନ୍ତି । ଖବର ପାଇ କାମାକ୍ଷାନଗର ପୋଲିସ ଘଟଣା ସ୍ଥଳ ରେ ପହଞ୍ଚି ମୃତଦେହ କୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ମେଡିକାଲ କୁ ପଠାଇ ଅଧିକ ତଦନ୍ତ ଆରମ୍ଭ କରିଛି ।

# ନିଟ ପାଇଲେ ଦେବସ୍ରାତ, ୬୧୨ ନମ୍ବର ରଖି କୃତକାର୍ଯ୍ୟ



କାମାକ୍ଷାନଗର ୧୮/୭ (ସୁମନ୍ତ ଜେନା) ଚଳିତ ନିଟ ପରୀକ୍ଷାରେ ସଫଳତା ଅର୍ଜନ କରିଛନ୍ତି କାମାକ୍ଷାନଗର ସହର ର ଅନନ୍ତପୁର ସାହି ର ଦେବସ୍ରାତ ଖୁଣ୍ଟିଆ । ନିଜର ପ୍ରଥମ ପ୍ରୟାସ ରେ ୬୧୨ ନମ୍ବର ରଖି ସେ କୃତକାର୍ଯ୍ୟ ଅର୍ଜନ କରିଥିବା ବେଳେ ଏହାକୁ ନେଇ ବେଶ ଖୁସି ଦେବସ୍ରାତ ଓ ପରିବାର ଲୋକ । ବାପା ରାଘବଚନ୍ଦ୍ର ଖୁଣ୍ଟିଆ ଓ ମା ସଂଯୁକ୍ତା ଜେନାଙ୍କ ପୁଅ ଦେବସ୍ରାତ କାମାକ୍ଷାନଗର ଓଡିଶା ଆଦର୍ଶ ବିଦ୍ୟାଳୟ ରେ ସ୍କୁଲ ଓ ଆଇକନିକ ଓଡିଶା ଆଦର୍ଶ ବିଦ୍ୟାଳୟ ଭୁବନେଶ୍ୱର ରେ କଲେଜ ଶିକ୍ଷା ଗ୍ରହଣ କରିଥିବା ବେଳେ ପ୍ରଥମ ପ୍ରୟାସ ରେ ସେ ଏହି ସଫଳତା ଅର୍ଜନ କରିଛନ୍ତି । ବାପା ଜଣେ ଅବସରପ୍ରାପ୍ତ ଶିକ୍ଷକ ହୋଇଥିବା ବେଳେ ମା ମଧ୍ୟ ଶିକ୍ଷୟତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି । ନିଟ ରେ ସଫଳତା ପାଇବାପାଇଁ ପ୍ରତ୍ୟୋକ ଦିନ ସେ ୧୦ ରୁ ୧୨ ଘଣ୍ଟା ପରିଶ୍ରମ କରୁଥିବା ବେଳେ ଭବିଷ୍ୟତ ରେ ଜଣେ ଡାକ୍ତର ହୋଇ ଗରିବ ଲୋକ ଙ୍କ ସେବା କରିବାକୁ ସେ ଇଚ୍ଛା ରଖିଛନ୍ତି । ବାପା, ମା, ଦୁଇ ଭଉଣୀ ଓ ସେ ପଢୁଥିବା ସ୍କୁଲ, କଲେଜ ର ଶିକ୍ଷକ, ଶିକ୍ଷୟତ୍ରୀ ମାନଙ୍କୁ ସେ ସଫଳତା ର ଶ୍ରେୟ ଦେଇଥିବା ବେଳେ ଏହି ସଫଳତା ପାଇଁ କାମାକ୍ଷାନଗର ଅଞ୍ଚଳ ରେ ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ନିଟ ରେ ସଫଳତା ପାଇବା ପରେ ଦେବସ୍ରାତ ଆଗାମୀ ସମୟରେ ଜଣେ ଡାକ୍ତର ହୋଇ ଅଳ୍ପମୂଲ୍ୟ ରେ କିପରି ରୋଗୀ ମାନେ ଚିକିତ୍ସା ପାଇବେ ସେନେଇ ଚେଷ୍ଟା କରିବାକୁ କହିଛନ୍ତି ।

# ଧୀରପାଟଣା ଗ୍ରାମରେ ଭବ୍ୟ ରଥଯାତ୍ରା



ଢେଙ୍କାନାଳ,୧୮/୭(ବିଜ୍ଞାନ ମହାନ୍ତି ) ସଦର ବ୍ଲକ୍ ଧୀରପାଟଣା ଗ୍ରାମରେ ମହାପ୍ରଭୁ ଶ୍ରୀବଳଭଦ୍ର, ମା' ସୁଭଦ୍ରା ଓ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ସହସ୍ରାଧିକ ଜନସମାଗମରେ ଲଗାଣ ବର୍ଷା ସତ୍ତ୍ୱେ ଆଡମ୍ବର ସହକାରେ ପାଳିତ ହୋଇଥିଲା । ଯୁବରାଜ ଅମରଜ୍ୟୋତି ସିଂହଦେଓ, ଜିଲ୍ଲା ଶ୍ରୀଜଗନ୍ନାଥ ସେବା ପରିଷଦର ସଭାପତି ପ୍ରଦ୍ୟୁମ୍ନ ରଥ, ସକ୍ରିୟ ସଭ୍ୟ ପ୍ରେମଶଙ୍କର ମିଶ୍ର, ପରେଶ ମିଶ୍ର, ମନୋରଞ୍ଜନ ମିଶ୍ର, ସମ୍ବିତ୍ ରଥ ଓ ରାଜ ପୁରୋଧା ଦିବ୍ୟଜ୍ୟୋତି ମିଶ୍ର ପ୍ରମୁଖ ଅପରାହ୍ନ ସାଢେ ୪ଟା ବେଳକୁ ଗ୍ରାମରେ ପହଁଚିଥିଲେ । ଅପେକ୍ଷାରତ ଗ୍ରାମବାସୀ ବାଜା ଓ ବାଣ ମଧ୍ୟରେ ଫୁଲମାଳ ଓ ଉତରୀୟ ପ୍ରଦାନ ପୂର୍ବକ ଅତିଥିମାନଙ୍କୁ ପାଛୋଟି ନେଇଥିଲେ । ଏହି ଯାତ୍ରାର ଆଦ୍ୟ ସେବକ ଭାବେ ଯୁବରାଜ ଶ୍ରୀଜଗନ୍ନାଥ ମନ୍ଦିରରେ ମଙ୍ଗଳ ଆଳତି କରିବା ପରେ ଶ୍ରୀ ବିଗ୍ରହମାନଙ୍କୁ ଧାଡି ପହଣ୍ଡିରେ ପ୍ରଥମେ ଚକ୍ରରାଜ ଶ୍ରୀ ସୁଦର୍ଶନ ପରେ ଶ୍ରୀ ବଳଭଦ୍ର, ମା'ସୁଭଦ୍ରା ଓ ଶେଷରେ ଶ୍ରୀଜଗନ୍ନାଥଙ୍କୁ ରଥାରୁଢ କରାଯାଇଥିଲା । ରଥ ଉପରେ ଆରତ୍ରିକ ଓ ରାଜ ଦର୍ଶନ ପରେ ରାଜପୁରୋଧାଙ୍କ ସହଯୋଗରେ ଯୁବରାଜ ଅମରଜ୍ୟୋତି ସିଂହଦେଓ ନୂତନ ଝାଡୁରେ ଛେରା ପହଁରା କାର୍ଯ୍ୟ ସଂପନ୍ନ କରିଥିଲେ । ଏହା ପରେ ରଥ ଦଉଡି ଲାଗି ହୋଇ ଗୋଟିଏ ପଟେ ମହିଳାମାନେ ଓ ଆଉ ଗୋଟିଏ ପଟେ ପୁରୁଷମାନେ ରଥକୁ ଟାଣି ଟାଣି ନେଇ ଗ୍ରାମ ମୁଣ୍ଡ ଗୁଣ୍ଡିଚା ମନ୍ଦିର ନିକଟରେ ରଖିଥିଲେ । ରଥଟଣା ସମୟରେ ଢୋଲବାଦ୍ୟ ଓ ଘଂଟ ବାଦନ ସହିତ ଆଦିବାସୀ ଘୁମୁରା ବାଦ୍ୟ ଓ ନୃତ୍ୟ ଦଳ ରଥର ପୁରୋଭାଗରେ ରହି ଶୋଭା ବର୍ଦ୍ଧନ କରୁଥିଲେ । ଚଳିତ ବର୍ଷ ପ୍ରଥମକରି କାଷ୍ଠ ନିର୍ମିତ କଳା ଓ ଧଳା ଘୋଡା ଦୁଇଟି ରଥରେ ଯୋଚା ଯାଇଥିଲା ଏବଂ ସତନ୍ତ୍ର ବେଶରେ ଡାହୁକ ରଥଗୀତ ଗାନ କରି ରଥକୁ ଆଗେଇ ନେଉଥିଲେ । ଗ୍ରାମର ବିଶିଷ୍ଟ ବ୍ୟକ୍ତି ଅରୁଣ କୁମାର ସାହୁ, ତ୍ରିଲୋଚନ ସାହୁ ଓ ରବିନାରାୟଣ ସାହୁ ପ୍ରମୁଖ ରଥଯାତ୍ରାର ତତ୍ତ୍ୱବଧାନ କରିଥିଲେ । ସଂଧ୍ୟା ପୂର୍ବରୁ ମହାପ୍ରଭୁଙ୍କ ରଥଯାତ୍ରା ଶେଷ ହୋଇଥିଲା ।

## ଢେଙ୍କାନାଳରେ ପ୍ରାଦେଶିକ କବାଡ଼ି ଓ ଯୋଗାସନ ପ୍ରତିଯୋଗିତା

# ୪ ରାଜ୍ୟର ୩୦୦ ଶିଶୁଙ୍କ ଭାଗ




ଢେଙ୍କାନାଳ, ୧୮/୦୭ (ସୁଶାନ୍ତ କୁମାର ପାଣୀ): ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସୁନ୍ଦରୀଖାଲଠାରେ ପ୍ରାଦେଶିକ କବାଡ଼ି ଓ ଯୋଗାସନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡା ଅଧିକାରୀ ଦୟାନିଧି ପାତ୍ର ଦୀପ ପ୍ରଜ୍ୱଳନ କରିଥିଲେ । ସେ ପାଠପଢ଼ା ସହ ଖେଳର ଆବଶ୍ୟକତା ସମ୍ପର୍କରେ ବୁଝାଇଥିଲେ । ମୁଖ୍ୟ ବକ୍ତା କ୍ଷେତ୍ର ସଂଗଠନ ମନ୍ତ୍ରୀ ତାରକ ସରକାର ଖେଳର ପ୍ରଭାବ ବିଷୟରେ ମାର୍ଗଦର୍ଶନ ଦେଇଥିଲେ ।ପ୍ରାନ୍ତ ଶାରୀରିକ ଶିକ୍ଷା ସଂଯୋଜକ ସଂଜୟ କୁମାର ମିଶ୍ର ଖେଳାଳିମାନଙ୍କ ମନରେ ସର୍ବଦା ସକାରାତ୍ମକ ଚିନ୍ତାଧାରା ରଖିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ମଧ୍ୟ ସଂଭାଗ ସଂଯୋଜକ ବରଞ୍ଜିନାରାୟଣ ମହାପାତ୍ର ଉପସ୍ଥିତ ଥିଲେ । ବିଦ୍ୟାଳୟର ସଭାପତି ବାବୁଚାନ୍ଦ ମହାଳିକ ଧନ୍ୟବାଦ ଅର୍ପଣ କରିବା ସହ ଖେଳାଳିମାନଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ ।ଉକ୍ତ ପ୍ରତିଯୋଗିତାରେ ଓଡ଼ିଶା ସମେତ ଆଣ୍ଡମାନ, ସିକିମ୍ ଓ ପଶ୍ଚିମବଙ୍ଗରୁ ମୋଟ ୩୦୦ ଜଣ ଶିଶୁ ଭାଗନେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ପଂଚାୟତନିର୍ବାଚନ ଉପଲକ୍ଷେ ସାଙ୍ଗଠନିକ ପ୍ରସ୍ତୁତି ବୈଠକ



ଖଜୁରିଆକଟା ୧୮/୭(ନୀଳକଣ୍ଠ ଦାସ)ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ହିନ୍ଦୋଳ ବ୍ଲକ ବିଜୁଜନତାଦଳ ପକ୍ଷରୁ ଆଗାମୀ ପଂଚାୟତ ନିର୍ବାଚନ ପରିପେକ୍ଷୀରେ ହିନ୍ଦୋଳ ବିଧାୟକପାର୍ଥି ପୂର୍ବତନ ଢେଙ୍କାନାଳ ସାଂସଦ ମହେଶ ସାହୁଙ୍କ ନେତୃତ୍ୱରେ ଏକ ସାଙ୍ଗଠନିକ ପ୍ରସ୍ତୁତି ବୈଠକ ସ୍ଥାନୀୟ ସାତମାଇଲ ସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ହିନ୍ଦୋଳ ବ୍ଲକ ବିଜେଡି ସଭାପତି ଦେବୀପ୍ରସାଦ ପଟ୍ଟନାୟକ ସଭାପତିତ୍ୱ କରିଥିବାବେଳେ ପୂର୍ବତନ ସାଂସଦ ମହେଶ ସାହୁ ମୁଖ୍ୟଅତିଥି ଭାବରେ ଯୋଗଦେଇ ତୃଣମୂଳ ସ୍ତରରେ ସଂଗଠନ କିପରି ସୁଦୃଢ଼ ଗୁରୁମନ୍ତ୍ର ଦେଇ କାର୍ଯ୍ୟକର୍ତା ଓ କର୍ମୀମାନଙ୍କ ମନୋବଳ ବଢ଼ାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ମହିଳା ସାଧାରଣ ସମ୍ପାଦିକା ମମତା ସାହୁ,ରାଜ୍ୟ ଯୁବବିଜେଡି ସମ୍ପାଦକ ତପନ ପରିଡା,ଓଡାପଡା ବ୍ଲକ ସଭାପତି ଜଟି ନାୟକ,ହିନ୍ଦୋଳ ଏନଏସି ସଭାପତି ପ୍ରଦ୍ୟୁମ୍ନ ବେହେରା,ହିନ୍ଦୋଳ ବ୍ଲକ ମହିଳା ସଭାପତି ଯୋଗମାୟା ଗଡ଼ନାୟକ,ଜିଲ୍ଲାପରିଷଦ ସଭ୍ୟା ମମତାଞ୍ଜଳି ବେହେରା,ଜିଲ୍ଲା ସମ୍ପାଦକ ପ୍ରଶାନ୍ତ ଦାସ ଓ ହାପି ଗଡ଼ନାୟକ,ବରିଷ୍ଠ ବିଜେଡି ନେତା ସମିତିସଭ୍ୟ ହେମନ୍ତ ସାହୁ,ପ୍ରମୋଦ ନାୟକ,ଛାତ୍ରନେତା ପ୍ରକାଶ ନାୟକ ପ୍ରମୁଖଙ୍କ ସହ ସମସ୍ତ ପଂଚାୟତରୁ ବହୁ ବରିଷ୍ଠ ବିଜେଡି କାର୍ଯ୍ୟକର୍ତା ଓ କର୍ମୀ ଯୋଗଦେଇଥିବାବେଳେ ବିଜେଡି ର ଏହି ବୈଠକ ବହୁ ଗୁରୁତ୍ୱପୂର୍ଣ୍ଣ ବୈଠକ ଥିଲାବୋଲି ନିର୍ବାଚନମଣ୍ଡଳୀ ରାଜନୈତିକ ସମୀକ୍ଷକମାନେ ମତପୋଷଣ କରିଛନ୍ତି ।

## ରଥଯାତ୍ରାରେ ୫ କଥାବାଚକଙ୍କୁ ସମ୍ବର୍ଦ୍ଧନା

# ପହଣ୍ଡିରୁ ରଥାରୂଢ଼ ଯାଏଁ ଚାଲିଲା ଧାରାବିବରଣୀ



ଢେଙ୍କାନାଳ, ୧୮/୦୭ (ସୁଶାନ୍ତ କୁମାର ପାଣୀ): ଢେଙ୍କାନାଳ ସହରର ମୁଖ୍ୟ ରଥଯାତ୍ରାରେ ଜଗନ୍ନାଥ ସଂସ୍କୃତିର ବରିଷ୍ଠ କଥାବାଚକ ପ୍ରଦ୍ୟୁମ୍ନ ରଥ, ପଣ୍ଡିତ ବିପିନ ବିହାର ଶତପଥୀ, ପ୍ରମୋଦ କୁମାର ନାୟକ, କାଳନ୍ଦୀ ଚରଣ ବେହେରା ଓ ଯୁବ କଥାବାଚକ ଜିଜ୍ଞାସୁ ସାହୁଙ୍କୁ ଦେବୋତ୍ତର ପ୍ରଶାସନ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭାଗ ପରିଚାଳନା କରିଥିଲା ।ଅନୁଗୋଳ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମୁଖରେ ପ୍ରସ୍ତୁତ ମଞ୍ଚରୁ ଜଗନ୍ନାଥ ସଂସ୍କୃତି ଆଧାରିତ ସ୍ୱତନ୍ତ୍ର ଧାରାବିବରଣୀ ପୂର୍ବାହ୍ନ ସାଢେ ୧୦ଟାରେ ପହଣ୍ଡିବିଜେଠାରୁ ଆରମ୍ଭ ହୋଇ ମହାପ୍ରଭୁ ରଥାରୂଢ଼ ହେବା ଯାଏଁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଚାଲିଥିଲା । ଅପରାହ୍ନ ସାଢେ ୩ଟାରେ ଆନୁଷ୍ଠାନିକ ଭାବେ ରଥଟଣା ଆରମ୍ଭ ହୋଇଥିଲା ।

# ଦୁଇ କାର୍ ମୁହାଁମୁହିଁ ଧକ୍କା, ଜଣେ ଆହତ

ପରଜଙ୍ଗ,୧୮/୦୭(ଅକ୍ଷର ଓଡ଼ିଶା): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଥାନା ଦେଇ ଯାଇଥିବା ୫୩ ନମ୍ବର ଜାତୀୟ ରାଜପଥ ବଡଝରା ରେଙ୍ଗାଲି ବାମ କେନାଲ ନିକଟରେ ଦୁଇଟି କାର୍ ମୁହାଁମୁହିଁ ଧକ୍କା, ଜଣେ ଆହତ ହୋଇଛନ୍ତି । ଆହାତ ଜଣଙ୍କ ରାଞ୍ଚି ଅଞ୍ଚଳର ଡି ଏସ ଘୋଷ ବୋଲି ଜଣାପଡିଛି । ସୂଚନା ମୁତାବକ ରାଞ୍ଚି ବାସିନ୍ଦା ଶ୍ରୀ ଘୋଷ ଭୁବନରୁ ରାଉରକେଲା ଅଭିମୁଖେ ଯାଉଥିବା ବେଳେ ରାସ୍ତା ପାର୍ଶ୍ୱର ସମ୍ମୁଖରୁ ଏକ କାର୍ ଆସି ମୁହାଁମୁହିଁ ଧକ୍କା ହୋଇଥିଲା । ସ୍ଥାନୀୟ ଲୋକଙ୍କ ସହାୟତାରେ ଗୋଟିଏ କାର୍ ର ଜଣେ ଆହତ କୁ ଉଧାର କରି ରୋଗୀ ବାହାକ ଯୋଗେ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ଘଟଣାସ୍ଥଳରେ ପରଜଙ୍ଗ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି ।

# କୁଞ୍ଜକାନ୍ତରେ ଶ୍ରୀ ଗୁଣ୍ଡିଚା ଯାତ୍ରା

ଢେଙ୍କାନାଳ୧୮/୦୭(ଅକ୍ଷର ଓଡ଼ିଶା): ଢେଙ୍କାନାଳ ସହରସ୍ଥିତ କୁଞ୍ଜକାନ ଜଗନ୍ନାଥ ମନ୍ଦିରର ଚୁତର୍ଦ୍ଧାମୂର୍ତ୍ତି ପହଣ୍ଡି ପରେ ସୁସଜ୍ଜିତ ରଥକୁ ବିଜେ କରିଥିଲେ । ଶହ ଶହ ଶ୍ରଦ୍ଧାଳୁ ଭକ୍ତ ରଥକୁ ଟାଣି ଟାଣି କୁଞ୍ଜକାନ୍ତସ୍ଥିତ ଚନ୍ଦ୍ରଶେଖର ପ୍ରେସ୍ ପରିସରରେ ଥିବା ମାଉସୀ ମା' ମନ୍ଦିରକୁ ବିଜେ କରି ନୀତି ନିୟମ ଅନୁସାରେ ପୂଜାର୍ଚ୍ଚନା ଚାଲିଅଛି । ପ୍ରତ୍ୟହ ସଂଧ୍ୟା ଆଳତି ଓ ନାମସଂକୀର୍ତନ ସହିତ ଠାକୁରଙ୍କ ପହୁଡ ପଡୁଛି । ପୂଜକ କୃଷ୍ଣଚନ୍ଦ୍ର ପାଢୀ ଆଡପ ମଣ୍ଡପରେ ବିଭିନ୍ନ ରୀତିନୀତିରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପୂଜାର୍ଚ୍ଚନା କରୁଛନ୍ତି । ପ୍ରତିଦିନ ମଧ୍ୟାହ୍ନରେ ଅନ୍ନ ଧୂପ ଓ ସଂଧ୍ୟାରେ ୧୦୮ ଆଳତି ପରେ ରାତ୍ର ଧୂପ କରାଯାଉଅଛି । ଉକ୍ତ କାର୍ଯ୍ୟକ୍ରମକୁ ମନ୍ଦିରର ସଭାପତି ଡାକ୍ତର ଜଗଦାନନ୍ଦ ତ୍ରିପାଠୀ ଏବଂ ମାଉସୀ ମା' ମନ୍ଦିରର ସତ୍ୟଶିବ ଦାସ, ନମିତା ଦାସ, ଶେଷ ପ୍ରସାଦ ଦାସ ଓ ସସ୍ମିତା ଦାସ ପ୍ରମୁଖ ପରିଚାଳନା କରିଥିଲେ ।




ଚୌଧୁରୀ ରମାକାନ୍ତ ଦାସ
ମୁଖ୍ୟ ସମ୍ପାଦକ, ଅକ୍ଷର ଓଡ଼ିଶା
ଅବସରପ୍ରାପ୍ତ ଯୁଗ୍ମ ସଚିବ
ରାଜ୍ୟସଭା, ସଂସଦ ଭବନ
ନୂଆଦିଲ୍ଲୀ - ୧୧୦୦୦୧


## ମୁଖ୍ୟ ସମ୍ପାଦକଙ୍କ କଲମରୁ

# ବିପଦରେ ଗଣମାଧ୍ୟମ

ବିଶ୍ୱ ପ୍ରେସ ସ୍ୱାଧୀନତା ସୂଚକାଙ୍କ -୨୦୨୩ ରିପୋର୍ଟ ଅନୁଯାୟୀ ବିଶ୍ୱର ୧୮୦ଟି ରାଷ୍ଟ୍ରଙ୍କ ମଧ୍ୟରେ ତାଲିକାରେ ଭାରତ ୧୬୧ତମ ସ୍ଥାନରେ ରହିଛି। ଏଥିରୁ ଭାରତରେ ପ୍ରେସ ସ୍ୱାଧୀନତା କେଉଁ ସ୍ଥିତିରେ ରହିଛି ତାହା ସ୍ପଷ୍ଟ ଅନୁମାନ କରାଯାଇପାରେ। ଦେଶରେ ୨୦୨୫ରେ ୨ଜଣ ସାମ୍ବାଦିକ ହତ୍ୟାର ଶିକାର ହୋଇଥିବାବେଳେ ୧୦ଜଣ ସାମ୍ବାଦିକଙ୍କୁ ଦେଶର ଆଇନରେ ଛନ୍ଦି ହୋଇ ଏବେ ଜେଲରେ ଅଛନ୍ତି। କେବଳ ଏତିକି ନୁହେଁ ସରକାର ବିରୋଧି ଖବର ପ୍ରସାରଣ ପାଇଁ କେତେକ ସମ୍ବାଦପତ୍ର, ଟିଭି ଚ୍ୟାନେଲ କଟକଣାର ଶିକାର ହୋଇଥିବା ବହୁ ନଜୀର ରହିଛି। ବହୁ ସମ୍ବାଦପତ୍ରକୁ ବିଜ୍ଞାପନ ବନ୍ଦ କରି ଦିଆଯାଇଥିବା କେତେକର ପ୍ରକାଶନକୁ ମଧ୍ୟ ବନ୍ଦ କରିଦିଆଯାଇ ଥିବାର ବହୁ ଉଦାହରଣ ରହିଛି। ନିକଟରେ ପଞ୍ଜାବର ଲୁଧିଆନାରୁ ପ୍ରକାଶ ପାଉଥିବା ଦୈନିକ ସମ୍ବାଦପତ୍ର ‘ପଞ୍ଜାବ କେଶରୀ’ ହେଉଛି ଏହାର ଜ୍ୱଳନ୍ତ ଉଦାହରଣ। ପଞ୍ଜାବରେ କ୍ଷମତାସୀନ ଆପ୍ ସରକାରଙ୍କ ବିରୁଦ୍ଧରେ ସମ୍ବାଦ ପ୍ରସରଣ ଯୋଗୁଁ ସମ୍ବାଦପତ୍ର କାର୍ଯ୍ୟାଳୟରୁ ମଦ ବୋତଲ ମିଳିବା ଅଭିଯୋଗରେ ପଂଜାବ ସରକାର ଲୁଧିଆନାରୁ ଦୈନିକ ପଂଜାବ କେଶରୀର ମୁଦ୍ରଣକୁ ବନ୍ଦ କରିଦେଇଥିଲେ। ଏହି ମାମଲାର ଶୁଣାଣୀ କରି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ରଦ୍ଦ କରିଦେବା ସହ ସମ୍ବାଦପତ୍ର ପୁନଃ ପ୍ରସାରଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବିନା ପ୍ରତିବନ୍ଧକରେ ନୀରବଚ୍ଛିନ୍ନ ପ୍ରସାରଣ ପାଇଁ ସର୍ବୋଚ୍ଚ ଅଦାଲତ ରାଜ୍ୟ ସରକାରଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେବା ସହ ପଂଜାବ ଓ ହରିଆନା ମାମଲାରେ ଶୁଣାଣୀ କରିବେ। ସମ୍ବାଦପତ୍ରରେ ପ୍ରକାଶିତ ରିପୋର୍ଟ ରାଜ୍ୟ ସରକାରଙ୍କ କାର୍ଯ୍ୟାନୁଷ୍ଠାନକୁ ଆମନ୍ତ୍ରଣ କରିଥିବା ନେଇ ପଂଜାବ କେଶରୀ କରିଥିବା ଅଭିଯୋଗ ଉପରେ ହାଇକୋର୍ଟ ନିଷ୍ପତି ନେବେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଏହି ସନ୍ଦେଶ ଦେଉଛି ଯେ, ବିରୋଧି ସମ୍ବାଦ ପରିବେଷଣ ଲାଗି ରାଜ୍ୟ ସରକାର ସମ୍ବାଦପତ୍ରର କଣ୍ଠରୋଧ କରିବା ପାଇଁ ପ୍ରେସ ବନ୍ଦ କରିବା, ସମ୍ବାଦପତ୍ରର ବଂଟନରେ ବାଧା ଦେବା, ବିଜ୍ଞାପନ ବନ୍ଦ କରି, ସାମ୍ବାଦିକମାନଙ୍କୁ ହାରାଶ କରିବା ଆଦି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାନ୍ତି। ସମ୍ବାଦପତ୍ରକୁ ବିଜ୍ଞାପନ ବନ୍ଦ କରି କଣ୍ଠରୋଧ କରିବା ଘଟଣାକୁ ୨୦୧୩ରେ ପ୍ରେସ କାଉନସିଲ ଅଫ ଇଣ୍ଡିଆ କଟୁ ସମାଲୋଚନା କରିବା ସଙ୍ଗେ ସଙ୍ଗେ ସଂକୀର୍ଣ୍ଣ ମନୋଭାବ ବୋଲି ଉଲ୍ଲେଖ କରିଥିଲେ। ସରକାରଙ୍କ ସ୍ୱେଚ୍ଛାଚାରିତା ଆଭିମୁଖ୍ୟ ଧୀରେ ଧୀରେ ଦେଶରେ ସମ୍ବାଦପତ୍ରର କଣ୍ଠରୋଧ କରି ଚାଲିଥିବା ମନେହୁଏ। ଯେଉଁଥିପାଇଁ କି ଗଣମାଧ୍ୟମ ଏବେ ଚାପରେ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଆହୁରି ମଧ୍ୟ ସାମ୍ବାଦିକମାନଙ୍କୁ ଭୟଭୀତ କରାଯାଉଥିବା ଅଭିଯୋଗ ବୃଦ୍ଧି ପାଇବାରେ ଲାଗିଛି। ସେମାନଙ୍କୁ ହାରାଶ କରାଯିବା ସହ ଗିରଫ କରି ଜେଲକୁ ପଠାଇବାର ଭୟ ପ୍ରଦର୍ଶନ କରାଯାଉଛି। ଜାମ୍ମୁ-କାଶ୍ମୀରରେ ଜଣେ ଜାତୀୟ ସ୍ତରର ସାମ୍ବାଦିକଙ୍କ ସହ ୪ଜଣ ସାମ୍ବାଦିକଙ୍କୁ ପୋଲିସ ସମନ କରିବା ଘଟଣାକୁ ସବୁ ରାଜନୈତିକ ଦଳଗୁଡ଼ିକ କଟୁ ସମାଲୋଚନା କରିଛନ୍ତି। ପୋଲିସର ଏତାଦୃଶ କାର୍ଯ୍ୟକଳାପକୁ ଗଣମାଧ୍ୟମର କଣ୍ଠରୋଧ କରିବାର ପ୍ରୟାସ ବୋଲି ବିଭିନ୍ନ ଦଳ ପକ୍ଷରୁ କୁହାଯାଇଥିଲା।

# ଜଗନ୍ନାଥ ସଂସ୍କୃତି, ପରମ୍ପରା ଓ ରୀତିନୀତିର ତାତ୍ତ୍ୱିକ ବିଶ୍ଳେଷଣ




ପ୍ରଭାତ କୁମାର ବୈଦ୍ୟ
କାଶୀପୁର, ରାୟଗଡା


ଓଡ଼ିଶାର ସାଂସ୍କୃତିକ ପରିଚୟର କେନ୍ଦ୍ରବିନ୍ଦୁ ହେଉଛି ଶ୍ରୀଜଗନ୍ନାଥ ସଂସ୍କୃତି। ଏହା କେବଳ ଏକ ଧାର୍ମିକ ଆସ୍ଥା ନୁହେଁ, ବରଂ ମାନବତା, ସମାନତା, ସହାବସ୍ଥାନ ଓ ସର୍ବଧର୍ମ ସମନ୍ୱୟର ଏକ ଜୀବନ୍ତ ଦର୍ଶନ। ପୁରୀ ଶ୍ରୀମନ୍ଦିରକୁ କେନ୍ଦ୍ର କରି ବିକଶିତ ଏହି ସଂସ୍କୃତି ଶତାବ୍ଦୀ ଧରି ଓଡ଼ିଆ ଜାତିର ସାମାଜିକ, ସାଂସ୍କୃତିକ ଓ ଆଧ୍ୟାତ୍ମିକ ଚେତନାକୁ ସମୃଦ୍ଧ କରିଆସିଛି। ଏହାର ପ୍ରଭାବ ସାହିତ୍ୟ, ସଙ୍ଗୀତ, ଚିତ୍ରକଳା, ଲୋକପରମ୍ପରା ଏବଂ ଜନଜୀବନର ପ୍ରତ୍ୟେକ କ୍ଷେତ୍ରରେ ପରିଲକ୍ଷିତ ହୁଏ। ଜଗନ୍ନାଥ ସଂସ୍କୃତିର ମୂଳରେ ରହିଛି ସମନ୍ୱୟର ଆଦର୍ଶ। ଐତିହାସିକମାନଙ୍କ ମତରେ ଏହି ପରମ୍ପରାରେ ଆଦିବାସୀ ଉପାସନା ପଦ୍ଧତି, ବୈଦିକ ପରମ୍ପରା, ବୈଷ୍ଣବ, ଶୈବ, ଶାକ୍ତ ଓ ବୌଦ୍ଧ ଚିନ୍ତାଧାରାର ପ୍ରଭାବ ଦେଖିବାକୁ ମିଳେ। ଶ୍ରୀଜଗନ୍ନାଥଙ୍କୁ କେବଳ ବିଷ୍ଣୁ କିମ୍ବା କୃଷ୍ଣଙ୍କ ରୂପରେ ନୁହେଁ, ବରଂ ସମସ୍ତଙ୍କ ଈଶ୍ୱର ଭାବରେ ଦେଖାଯାଏ। ସେଥିପାଇଁ ତାଙ୍କୁ ‘ପତିତପାବନ’ ବୋଲି କୁହାଯାଏ। ଜାତି, ବର୍ଣ୍ଣ, ଭାଷା କିମ୍ବା ସମ୍ପ୍ରଦାୟର ସୀମାକୁ ଅତିକ୍ରମ କରି ସେ ସର୍ବଜନଙ୍କ ଆରାଧ୍ୟ ଦେବତା ଭାବେ ପ୍ରତିଷ୍ଠିତ।

ଜଗନ୍ନାଥ ପରମ୍ପରାର ଅନ୍ୟତମ ବିଶେଷତା ହେଉଛି ତାଙ୍କର ମାନବୀୟ ଜୀବନଶୈଳୀ। ପ୍ରଭାତରୁ ରାତି ପର୍ଯ୍ୟନ୍ତ ଦୈନନ୍ଦିନ ନୀତି, ସ୍ନାନ, ବେଶ, ଭୋଗ, ବିଶ୍ରାମ ସବୁକିଛି ଏକ ସାଧାରଣ ମଣିଷର ଜୀବନଧାରାକୁ ପ୍ରତିଫଳିତ କରେ। ସ୍ନାନ ପୂର୍ଣ୍ଣିମା ପରେ ଅଣସର କାଳରେ ଶ୍ରୀବିଗ୍ରହଙ୍କ ଅସୁସ୍ଥ ହେବାର ବିଶ୍ୱାସ ଓ ନବଯୌବନ ଦର୍ଶନ ପରେ ପୁନଃ ଜନସାଧାରଣଙ୍କ ସମ୍ମୁଖକୁ ଆସିବା, ଈଶ୍ୱରଙ୍କୁ ମଣିଷ ସହ ଅଧିକ ନିବିଡ଼ ଭାବେ ଯୋଡ଼ିଥାଏ। ଜଗନ୍ନାଥ ସଂସ୍କୃତିର ସବୁଠାରୁ ବୃହତ୍ ପର୍ବ ହେଉଛି ରଥଯାତ୍ରା। ପ୍ରତିବର୍ଷ ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ତିନିଟି ରଥରେ ଆରୋହଣ କରି ଶ୍ରୀଗୁଣ୍ଡିଚା ମନ୍ଦିରକୁ ଯାଆନ୍ତି। ଏହି ଯାତ୍ରା କେବଳ ଧାର୍ମିକ ଉତ୍ସବ ନୁହେଁ, ବରଂ ସାମାଜିକ ସମାନତାର ଏକ ଅନନ୍ୟ ପ୍ରତୀକ। ରଥର ଦଉଡ଼ିକୁ ଟାଣିବାରେ ସମସ୍ତ ଶ୍ରେଣୀର ଲୋକ ସମାନ ଭାବେ ଅଂଶଗ୍ରହଣ କରନ୍ତି। ଏହା ସମାଜରେ ଭେଦଭାବ ଅପେକ୍ଷା ସମାନତା ଓ ସହଯୋଗର ବାର୍ତ୍ତା ପ୍ରଦାନ କରେ।

ଶ୍ରୀମନ୍ଦିରର ରୀତିନୀତି ଶତାବ୍ଦୀ ପୁରୁଣା ପରମ୍ପରା ଅନୁଯାୟୀ ପାଳନ କରାଯାଏ। ମାଦଳା ପାଞ୍ଜିରେ ଅନେକ ନୀତି ଓ ଐତିହାସିକ ଘଟଣାର ଉଲ୍ଲେଖ ରହିଛି। ମନ୍ଦିରରେ ଦୈନିକ ଓ ପର୍ବପର୍ବାଣୀ ଅବସରରେ ବିଭିନ୍ନ ନୀତି ସେବାୟତମାନଙ୍କ ଦ୍ୱାରା ସୁନିର୍ଦ୍ଦିଷ୍ଟ ପରମ୍ପରା ଅନୁସାରେ ସମ୍ପନ୍ନ ହୁଏ। ଏହି ସେବା ପ୍ରଥା ବଂଶାନୁକ୍ରମିକ ଭାବେ ଚାଲିଆସିଛି ଏବଂ ଏହା ଶ୍ରୀମନ୍ଦିର ପରମ୍ପରାର ଏକ ବିଶେଷ ପରିଚୟ। ଜଗନ୍ନାଥ ସଂସ୍କୃତିର ଅନ୍ୟ ଏକ ଅଦ୍ୱିତୀୟ ଦିଗ ହେଉଛି ମହାପ୍ରସାଦ। ଶ୍ରୀମନ୍ଦିରର ରୋଷଘର ବିଶ୍ୱର ସବୁଠାରୁ ବଡ଼ ଧାର୍ମିକ ରନ୍ଧନଶାଳାମାନଙ୍କ ମଧ୍ୟରୁ ଅନ୍ୟତମ। ମାଟି ହାଣ୍ଡିରେ କାଠ ଜାଳେଣିରେ ପ୍ରସ୍ତୁତ ହେଉଥିବା ଭୋଗ ଦେବତାଙ୍କୁ ନିବେଦନ ପରେ ମହାପ୍ରସାଦରେ ପରିଣତ ହୁଏ। ଆନନ୍ଦ ବଜାରରେ ଏହି ମହାପ୍ରସାଦକୁ ସମସ୍ତେ ଜାତିଭେଦ ବିନା ଏକାଠି ବସି ଗ୍ରହଣ କରନ୍ତି। ସାମାଜିକ ସମାନତାର ଏହି ପରମ୍ପରା ଭାରତୀୟ ସଂସ୍କୃତିରେ ବିରଳ। ଜଗନ୍ନାଥ ତତ୍ତ୍ୱର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି ନବକଳେବର। ନିର୍ଦ୍ଦିଷ୍ଟ ସମୟରେ ଅଧିକ ଆଷାଢ଼ ପଡ଼ିଲେ ଶ୍ରୀବିଗ୍ରହମାନଙ୍କର ନୂତନ ଦାରୁବିଗ୍ରହ ନିର୍ମାଣ କରାଯାଏ ଏବଂ ପୁରୁଣା ବିଗ୍ରହରୁ ବ୍ରହ୍ମ ପଦାର୍ଥ ଗୁପ୍ତ ରୀତିରେ ନୂତନ ବିଗ୍ରହରେ ସ୍ଥାନାନ୍ତର କରାଯାଏ। ଏହି ପରମ୍ପରା ଜୀବନ, ମୃତ୍ୟୁ ଓ ପୁନର୍ଜନ୍ମର ଚିରନ୍ତନ ଦର୍ଶନକୁ ପ୍ରତିପାଦନ କରେ। ଶରୀର ବଦଳେ, କିନ୍ତୁ ଆତ୍ମା ଅମର। ଏହି ତାତ୍ତ୍ୱିକ ବାର୍ତ୍ତା ନବକଳେବରର ମୂଳ ଆଧାର।

ଶ୍ରୀଜଗନ୍ନାଥ ସଂସ୍କୃତି ଓଡ଼ିଆ ସାହିତ୍ୟ ଓ କଳାକୁ ମଧ୍ୟ ଗଭୀର ଭାବରେ ପ୍ରଭାବିତ କରିଛି। ସାରଳା ଦାସ, ବଳରାମ ଦାସ, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ ଏବଂ ପଞ୍ଚସଖାଙ୍କ ରଚନାରେ ଜଗନ୍ନାଥ ଭକ୍ତିର ଗଭୀର ପ୍ରଭାବ ଦେଖାଯାଏ। ଓଡ଼ିଶୀ ସଙ୍ଗୀତ, ଗୀତଗୋବିନ୍ଦ, ପଟ୍ଟଚିତ୍ର, ତାଳପତ୍ର ଚିତ୍ରକଳା ଓ ବିଭିନ୍ନ ଲୋକକଳାରେ ମଧ୍ୟ ଜଗନ୍ନାଥ ସଂସ୍କୃତିର ଛାପ ସ୍ପଷ୍ଟ।

ଆଜିର ବୈଶ୍ୱିକ ପରିପ୍ରେକ୍ଷୀରେ ଜଗନ୍ନାଥ ସଂସ୍କୃତି କେବଳ ଓଡ଼ିଶାରେ ସୀମିତ ନାହିଁ। ଭାରତର ବିଭିନ୍ନ ରାଜ୍ୟ ସହ ବିଦେଶରେ ମଧ୍ୟ ରଥଯାତ୍ରା ପାଳନ କରାଯାଉଛି। ଏହା ଓଡ଼ିଆ ସଂସ୍କୃତିର ବିଶ୍ୱବ୍ୟାପୀ ପରିଚୟକୁ ସୁଦୃଢ଼ କରିଛି। ତଥାପି ଏହି ପରମ୍ପରାର ମୂଳ ଆତ୍ମାକୁ ଅକ୍ଷୁଣ୍ଣ ରଖିବା, ରୀତିନୀତି ପ୍ରତି ସମ୍ମାନ ଓ ସାଂସ୍କୃତିକ ମୂଲ୍ୟବୋଧର ସୁରକ୍ଷା ସମସ୍ତଙ୍କର ଦାୟିତ୍ୱ। ପରିଶେଷରେ କୁହାଯାଇପାରେ, ଜଗନ୍ନାଥ ସଂସ୍କୃତି କେବଳ ଉପାସନାର ବିଷୟ ନୁହେଁଁ ଏହା ମାନବତା, ସମାନତା, ସହନଶୀଳତା ଓ ସମନ୍ୱୟର ଏକ ଚିରନ୍ତନ ଦର୍ଶନ। ଏହାର ପରମ୍ପରା ଓ ରୀତିନୀତି ଧାର୍ମିକ ଆଚାର ସହ ସାମାଜିକ ଏକତା ଏବଂ ସାଂସ୍କୃତିକ ଗୌରବର ମଧ୍ୟ ପ୍ରତୀକ। ତେଣୁ ଜଗନ୍ନାଥ ସଂସ୍କୃତିକୁ ବୁଝିବା ମାନେ କେବଳ ଏକ ଧର୍ମକୁ ବୁଝିବା ନୁହେଁ, ବରଂ ଓଡ଼ିଶାର ଆତ୍ମା, ତାହାର ଇତିହାସ ଓ ମାନବିକ ମୂଲ୍ୟବୋଧକୁ ଅନୁଭବ କରିବା। ଏହି କାରଣରୁ ଶ୍ରୀଜଗନ୍ନାଥ ସଂସ୍କୃତି ଆଜି ମଧ୍ୟ ଓଡ଼ିଆ ଜାତିର ସର୍ବଶ୍ରେଷ୍ଠ ସାଂସ୍କୃତିକ ଐତିହ୍ୟ ଭାବେ ସମାଦୃତ।

# ବାପାଙ୍କ ଅବସୋସ




ନିର୍ବିକାର ପ୍ରଭାତ
ହାପିକଲୋନୀ, ଗୋପ, ପୁରୀ
ଶୂନ୍ୟଭାଷ : ୭୯୭୮୬୩୫୨୭୬


ଦୋକାନ କୋଣରେ ଅନେକ ଦିନରୁ ରହିଥିବା ଅମୁଲ ଡବାଟିକୁ ବାପା ସରାଘଡି ଭଳି ବ୍ୟବହାର କରୁଥିଲେ। ସେଦିନ ମାଂସ କିଣିବା ପାଇଁ ସେହି ଟିଣଡବା ଖୋଲାଗଲା। ବହୁଦିନ ପରେ ସମସ୍ତେ ଏକାଠି ବସି ମାଂସ ଭୋଜି ଖାଇବୁ । ମନିର୍ ମିଆଁଠୁ ମଟନ କିଣାହେଲା। ଘରେ ବୋଉ ଯତ୍ନ କରି ରୋଷେଇ କରିବ। ଖରାବେଳେ ବାପା ଦୋକାନ ବନ୍ଦ କରି ଗଲେ ଗୋଟିଏ ଖୁସିର ମାହୋଲ ସୃଷ୍ଟି ହେବ। ମଟନ ଖିଆଯିବ । ଖାସି ମାଂସ କଥା ଭାବି ଆମ କ୍ଷୁଧା ବଢି ଯାଉଥାଏ। ଠିକ୍ ସେତେବେଳେ ଜଣେ ଗ୍ରାମରକ୍ଷୀ ଆସି ‘ବାବୁ ଡାକିଛନ୍ତି ଆସ’ ବୋଲି କହିଲେ। ବାପା ଚଷମାଟାକୁ ନାକ ଉପରକୁ ଟେକି ଦେଇ କୋମଳ କଣ୍ଠରେ ପଚାରିଲେ,‘କଣ ପାଇଁ ଡାକିଛନ୍ତି ?’ - ‘କୋଉ ଗୋଟେ ଚୋରି କେସ୍‌ରେ ତମ ସାକ୍ଷୀ ଦରକାର।’ ଗ୍ରାମରକ୍ଷୀଙ୍କ ଉତ୍ତରରେ ଚମକି ପଡିଲେ ସତୁରୀ ବର୍ଷ ବୟସର ବୁଢା ମଣିଷ। -‘କୋଉ ଘଟଣା ? ଆମେ ତ କେଉଁ ଘଟଣାରେ ସମ୍ପୃକ୍ତ ନୁହଁ। ବଡବାବୁ କି ମାମଲାରେ ଛନ୍ଦି ଦେଉଛନ୍ତି ? ଖାଇବା ସମୟ ଆଗତ ପ୍ରାୟ । ପରେ ଗଲେ ଚଳନ୍ତା। ହେଲେ ଥାନାବାଲାଙ୍କ ଦୟା ମାୟା, ସମ୍ବେଦନଶୀଳତା, ବୃଦ୍ଧଙ୍କ ପ୍ରତି ସମ୍ମାନଭାବ ଲୁଚିଯାଏ ବର୍ଦ୍ଦିର ଅହଂକାର ଭିତରେ। ଥାନାକୁ ଅବମାନନା କରି ଖାଇବାକୁ ଗଲେ ଅଫିସର ଅକଥନୀୟ ମାନସିକ ନିର୍ଯ୍ୟାତନା ଦେବେ। ଖାସି ମାଂସ ପେଟ ଭିତରେ ଲାଳ ହୋଇଯିବ। ଅବସାଦରେ ପେଟ ଗୋଳମାଳ ହେବ।

ଅଗତ୍ୟା ବାପା ପାଣି ଢୋକରେ ଛୋଟିଆ ଭୋକର ଜ୍ୱାଳାକୁ ପ୍ରଶମିତ କରି ବାହାରି ପଡିଲେ ଥାନା ଅଭିମୁଖେ। ବାପା ବହୁତ ଦିନର ବ୍ୟବସାୟୀ। ମାତ୍ର ଦଶ ବର୍ଷ ବୟସରୁ ବଜାରରେ ଅବସ୍ଥାପିତ। ବାହାର ଅଞ୍ଚଳର ଲୋକେ ବଜାରରେ ବଡ଼ ବଡ଼ ଦୋକାନ ଖୋଲି ବଡଲୋକ ହୋଇ ବ୍ୟବସାୟୀ ସଙ୍ଘର ନେତା ବନିଛନ୍ତି। ମେଳନ ପଡିଆରେ ସେମାନଙ୍କ ଆଧିପତ୍ୟକୁ ବାପା ଗ୍ରହଣ କରି ପାରନ୍ତି ନାହିଁ। କି ସେମାନଙ୍କ କାର୍ଯ୍ୟକଳାପରେ ଅଯଥା ହସ୍ତକ୍ଷେପ କରନ୍ତି ନାହିଁ। କୁହନ୍ତି,‘ଅଳପ ଚାଷୀ କୁଟୁମ୍ବ ପୋଷୀ, ବହୁତ ଚାଷୀ ପରଙ୍କୁ ପୋଷୀ। ‘ନିଜ ସ୍ୱଳ୍ପ ରୋଜଗାରରେ ସେ ଆମକୁ ଖୁଆଇପିଆଇ ପାଠ ପଢାଇଛନ୍ତି । ମେଳନ ଜମାଣ କି ବାଣଫୁଟାରେ ତାଙ୍କର ସମ୍ପର୍କ ନଥାଏ। ତେଣୁ କର୍ମକର୍ତ୍ତାଙ୍କ ଉଦାସୀନତା ହେତୁ ଥାନା ମାମଲାରେ ସେ କାହାର ସୁପାରିଶ ଲୋଡିଲେ ନାହିଁ।

ଦଶା ନପଡିଲେ ମଶା କାମୁଡେ ନାହିଁ। ବେଳ ଖରାପ ଥିଲେ ମଣିଷ ଥାନା, ପାଇଖାନା କି ଡାକ୍ତରଖାନାକୁ ବାରମ୍ବାର ଦୌଡେ। ତେଣୁ ସମସ୍ୟାକୁ ସାମନା କରିବାକୁ ଅନ୍ୟର ସାହାରା ବିନା ଥାନା ଦୁଆରେ ପହଞ୍ଚିଲେ ବାପା। ସାଥିରେ ଥିଲୁ ଆମେ ଦୁଇ ଭାଇ। ଯୁବ ବୟସର ସାନବାବୁଙ୍କୁ ଆମେ ଦେଖା କଲୁ । ଚାବିଟେ ଦେଖାଇ ବେପରୁଆ ଭାବେ ସେ ପଚାରିଲେ- ‘ହଇରେ ବୁଢା, ତୁ ଏଇ ଚାବି ତିଆରି କରିଥିଲୁ ?’ ଏମିତି ନିକୁଛିଆ ବ୍ୟବହାରରେ ଆଘାତ ପାଇଲେ ବାପା। ବାପାଙ୍କୁ ଅପମାନିତ ଶବ୍ଦ ଆମ ଛାତି ଭିତରର କଲିଜା ଭିତରେ ତୀର ଭଳି ପଶି ଯାଉଥିଲା। ବାପା କହିଲେ, -‘କହି ପାରିବିନି ଆଜ୍ଞା। କେତେ କେତେ ଗରାଖ ଆସନ୍ତି। କୋଳପ ପାଇଁ କଞ୍ଚି ତିଆରି କରି ନିଅନ୍ତି। ଅଳପ ପଇସାରେ ଚାବି ତିଆରି କରେ ବୋଲି ଅନ୍ୟ ଦୋକାନ ଛାଡ଼ି ମୋ ପାଖକୁ ଲୋକେ ଆସନ୍ତି। ମୁଁ ବୁଢାଲୋକ। କେଉଁ ଚାବି କେବେ କରିଥିଲି ମୋର ମନେ ନାହିଁ। ‘ ପାଖକୁ ଲାଗି ଆସି ଚଢ଼ା ଗଳାରେ ସାନବାବୁ କହିଲେ,‘ ଏଇ ଚାବିରେ ଛକ ଗେଣ୍ଡୁ କ୍ୟାବିନ୍‌ରୁ ପାନ ମସଲା ଚୋରି ହୋଇଛି। ଚୋରକୁ ଚିହ୍ନିଚୁ ବୋଲି ତୁ ସାକ୍ଷୀ ପଡିଯା। ଭୋକ ହବଣି ଦସ୍ତଖତ କରି ଘରକୁ ଯା। ପରେ ଡକରା ଗଲେ ଆସିବୁ।’ ବାପା ବ୍ୟସ୍ତ ହେଲେ। ପେଟର ଭୋକଠାରୁ ଥାନା ମାମଲାରେ ସାକ୍ଷୀ ପଡିବା ଅଧିକ କଷ୍ଟକର ବ୍ୟାପାର। ମିଛ ମାମଲାରେ ଫସି କୋର୍ଟ କଚେରୀ ଦୌଡିବାକୁ ବାପା ରାଜି ହେଲେ ନାହିଁ। ବିରକ୍ତ ହେଲେ ଟୋକା ଦାରୋଗା -‘ଏମିତି ବସିଥା ଅଫିସ ଘରେ। ବଡବାବୁ ଆସିଲେ ଯାହା କରିବେ।’ ସାନବାବୁ ଚାଲିଗଲେ ନିଜ ଭଡାଘରକୁ । ବାପା ବିଫଳ ମନୋରଥ ଓ କ୍ଷୁଧା ଜ୍ୱାଳାରେ ଘାଣ୍ଟି ଯାଉଥାନ୍ତି। ଗୋଟିଏ ସରଳ ନିରପରାଧ ବୃଦ୍ଧ ବିନା କାରଣରେ ଦଣ୍ଡ ପାଇଲେ । ଆମ ଦୁଇ ଭାଇଙ୍କୁ ଦୁଃଖ ଲାଗିଲା। ସାନବାବୁ କୁଆଡେ ଗଲେ ? ପଚାରିବାରୁ ଜଣାପଡିଲା ଥାନାବାବୁ ନିରୀହ ମଣିଷଙ୍କୁ ନାଲି ଆଖି ଦେଖାନ୍ତି କିନ୍ତୁ ନିଜ ସ୍ତ୍ରୀକୁ ସମ୍ଭାଳି ପାରନ୍ତିନି। ଉଭୟଙ୍କ ମଧ୍ୟରେ ବଚସା ହେଲେ ସେ ନିଜ ଟେନସନ୍ କମାଇବାକୁ ଗେଣ୍ଡୁ ଦୋକାନକୁ ଯାଇ ସିଗାରେଟ ଟାଣନ୍ତି ଯେଉଁଥିରେ କିଛି ଦେଶୀ ମସଲା ଭର୍ତ୍ତି ହୋଇଥାଏ । ଗେଣ୍ଡୁ ରାତି ଚାରିଟାରୁ କ୍ୟାବିନ୍ ଖୋଲେ। ଚା ପାନ ବିକ୍ରି କରେ ଦିନ ଦଶଟା ପର୍ଯ୍ୟନ୍ତ। ସେତିକିରେ ତାର ଭଲ ରୋଜଗାର ହେବାରୁ ଗାଁ ମଝିରେ ତିନି ମହଲା କୋଠା ନିର୍ମାଣ କରିଛି। କ୍ୟାବିନରୁ ଦେଶୀ ମାଲ୍ ଚୋରି ହେବାରୁ ତାର ଏତଲା ବଳରେ ଆମେ ବାପ, ପୁଅ ଅଟକ ଅଛୁ ଥାନାରେ।



ବାପା ନେହୁରା ହେଲେ, -‘ଆମେ ଭୋଜନ କରି ଆସିଲେ ବସିବୁ। ଆମକୁ ଅନୁମତି ମିଳୁ। ସାନବାବୁ କ୍ଷୁବ୍ଧ ହେଲେ। କହିଲେ,- ‘ଆରେ ବୁଢା, ତୁ ଯଦି ଖାଇବାକୁ ଯିବୁ ଯା, ତୋ ପୁଅ ଦୁହିଁଙ୍କୁ ବନ୍ଧା ରଖି ଯା।‘ ବାପା ଭାବିଲେ ପିଲା ଦୁହିଁଙ୍କୁ ଭୋକରେ ରଖି ସେ ପେଟପୂଜା କରିବେ କିପରି ?

ଦିନ ଦୁଇଟା ହେଲାଣି । ନିଜର ଭୋକ ସମ୍ଭାଳି ନପାରୁଥିବା ସତ୍ତ୍ୱେ ସେ ଆମ ଦୁହିଁଙ୍କୁ ଖାଇବା ପାଇଁ ଘରକୁ ପଠାଇଲେ। ଜଣେ ଜଣେ ଯାଇ ଘରେ ନିରାନନ୍ଦରେ ଭୋଜନ କଲୁ। ସେଦିନ ବାପାଙ୍କ ଅନୁପସ୍ଥିତିରେ ମାଂସ ତର୍କାରୀ ପାଟିକୁ ପିତା ଲାଗୁଥିଲା।

ଦିନ ତିନିଟା ବେଳକୁ ବଡବାବୁଙ୍କ ଆବିର୍ଭାବ ହେଲା। କ୍ୱାଟରରେ ବହୁତ କାମ ଥିବାରୁ ସେ ସଅଳ ଆସି ପାରିନଥିଲେ ବୋଲି ଜଣାଇଲେ । ବଡ଼ବାବୁ ଚାବିଟିକୁ ବାପାଙ୍କ ହାତକୁ ଦେଲେ। ଚାବିଟିକୁ ଏପଟସେପଟ କରି ପରଖିଲେ ବାପା । ତାଙ୍କର ମୁଣ୍ଡ ଗୋଳମାଳ ହୋଇଯାଉଥାଏ। ଏଇ କିଛିଦିନ ହେବ ଚାବି କାମ ହୋଇନି । ଏଇଟା ଗୋଟେ ରେଡିମେଡ୍ ଚାବି। ଶସ୍ତା ତାଲା ଖୋଲିବାର ଏହା ଏକ ମାଧ୍ୟମ। ସାଧା ଚାବିକୁ ଆରୀ ଓ ଫାଇଲରେ ଘସି ଲିଭରଘାଟି କଲେ ତାହା ଚାବି ବନିଯାଏ। ଯେବେ ତାଲା ଲିଭର ସହିତ ଚାବିର ଘାଟି ମିଶିଯାଏ, ତେବେ ତାହା ପୂର୍ଣ୍ଣାଙ୍ଗ ଚାବିର ମାନ୍ୟତା ପାଏ। କିଛିଦିନ ତଳେ ଜଣେ ବ୍ୟକ୍ତି ଚାବିଟେ ଦେଖାଇ ଆଉ ଗୋଟିଏ ଡୁପ୍ଲିକେଟ ଚାବି ତିଆରି କରିଦେବାକୁ କହିଲା। ମୂଳ ଚାବିଟା ଗୋଟିଏ ଶସ୍ତା ଚାବି ଥିଲା। ଅନ୍ୟ ଗୋଟିଏ ରେଡିମେଡ୍ ଚାବି ମିଶି ଯିବାରୁ ମାତ୍ର ପାଞ୍ଚ ଟଙ୍କାରେ ସେ କିଣି ନେଲେ। ସାନପୁଅ କହିଲା,-‘ଚାରିଟଙ୍କାରେ କିଣି ପାଞ୍ଚରେ ବିକିଲେ ଟଙ୍କାଟେ ସିନା ଲାଭ ହେବ ଦୋକାନ ଭଡା ଉଠିବ କିପରି ? ଘର ଚଳିବ କେମିତି ? ‘ବାପା ବୁଝାଇଲେ,- ‘ଲାଭ ଅଧିକ ନେଲେ କାହାର କର୍ମ ପୂରେନା। ଅଧିକ ଲାଭ ଆଶା କରିବା ପାପ। ଭଗବାନ ଯେତିକି ଦେବେ ସେତିକିରେ ସନ୍ତୁଷ୍ଟ ହେବା ଭଲ। ଗରାଖଙ୍କ ତଣ୍ଟି ଚିପି ଟଙ୍କା ରୋଜଗାର କଲେ ସେମାନଙ୍କ ଅଶାନ୍ତି ପଡିବ। ଅଶାନ୍ତି ଅଧିକ ହେଲେ ତାହା ଅଭିଶାପ ହୋଇ ପିଲାମାନଙ୍କର ଅମଙ୍ଗଳ ହେବ। ‘ତାହା ପରଠାରୁ ସେ କୌଣସି କଞ୍ଚି କି କୋଳପ ବିକି ନଥିଲେ । ତେବେ ସେଦିନର ଗରାଖ କଣ ଏହି ଗେଣ୍ଡୁ ?

ବଡ଼ବାବୁଙ୍କ ବ୍ୟବହାରରେ ଟିକେ ଭଦ୍ରାମି ଥିଲା। ତୁ ତା ବଦଳରେ କହିଲେ -‘ତୁମେ ଲକ୍ ସ୍ମିଥ୍, ଚାବି କାରିଗର। ଏଠାରେ ସାକ୍ଷୀ ଭାବରେ ଦସ୍ତଖତ କରି ଘରକୁ ଯାଅ। ପରେ ଯାହା ହେବ ମୁଁ ବୁଝିବି।‘ ବାପା ପ୍ରଶ୍ନିଳ ଦୃଷ୍ଟିରେ ଚାହିଁବାରୁ ବଡ଼ବାବୁ ବୁଝାଇଲେ,- ‘ତମେ ଦସ୍ତଖତ କରିଦିଅ। ଆମ କାଗଜପତ୍ର ଠିକଠାକ୍ କରିବାକୁ ତମ ଦସ୍ତଖତ ନିହାତି ଦରକାର। ତୁମେ ତାକୁ ଚିହ୍ନ କି ନଚିହ୍ନ ତମେ ସାକ୍ଷୀ ରହିବ। ‘କାଗଜ ଆଣି ଦେଖାଇଲେ। ବାପା କାନ୍ଦ କାନ୍ଦ ହୋଇ ଦସ୍ତଖତ କଲେ- ‘ଲୋକଙ୍କୁ ସାହାଯ୍ୟ କରିବାକୁ ଚାବି କାମ କରୁଥିଲି। ସେ କାମ ଛାଡିଦେବି।’ ସାକ୍ଷୀର ସ୍ୱାକ୍ଷର ପାଇବା ପରେ ବଡବାବୁ ରୁକ୍ଷ ଭାବେ କହିଲେ,-‘ପରିବାର ପୋଷିବା ପାଇଁ ତମେ ଚାବିକାମ କରିବ କି ନକରିବ ତାହା ତମ ଉପରେ ନିର୍ଭର କରେ। ତମ କୁଟୁମ୍ବ ପାଇଁ କଣ ଆମେ ଦାୟ ହେବୁ ? ଏଥର ତୁମେମାନେ ଯାଅ । ମୋର ଅନେକ କାମ ଅଛି।’ ଟାଇଁ ଟାଇଁ କଥାରେ ବାପାଙ୍କ ପ୍ରବଣତା ଭଗ୍ନ ହେଲା।

ଅପରାହ୍ନ ଚାରିଟା ବେଳେ ବାପା ଟଳମଳ ପାଦରେ ପହଞ୍ଚିଲେ ଘରେ। ଭୋକ ଶୋଷ ମରି ଯାଇଥାଏ। ପିଢା ପକାଇ ବାଉ ଭାତ ବାଢି ନିଭିଲା ଚୁଲୀରୁ ତରକାରୀ ଆଣିବାକୁ ଯାଇ ଯାହା ଦେଖିଲା ସେଥିରେ ତାର ମୁଣ୍ଡ ବୁଲାଇ ଦେଲା। ଭୁଆ ବିଲେଇ ମାଂସ ତର୍କାରୀ ଗିନାଟିକୁ ଚୁଲି ଭିତରକୁ ଠେଲି ଦେଇଛି। ମାଂସ କି ଝୋଳ ଟିକେ ଚାଖିବାକୁ ନଥିଲା। ବାପା ପାଣି ମୁନ୍ଦେ ପିଇ ଦୋକାନ ଚାଲିଗଲେ। ସେଠାରେ ବାପା ଶୁଣିଲେ, ମନୀର ମଟନ କୁଆଡ଼େ ଭେଜାଲ ବୋଲି ପୋଲିସ କଟା ମାଂସ ସିଇଜ୍ କରି ଥାନାକୁ ସବୁ ବୋହି ନେଇଛନ୍ତି। ତାହା ସତ କି ମିଛ ବାପା ବୁଝି ପାରୁନଥିଲେ।

# ଚୈତନ୍ୟର ଅବିଚ୍ଛେଦ୍ୟ ଅଙ୍ଗ ବିଜ୍ଞାନ




ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ
ଖମ୍ବେଶ୍ୱରୀ ପାଟଣା, ଆସିକା ଗଞ୍ଜାମ
୯୮୬୧୩୩୪୮୬୮


ସନାତନ ଧର୍ମ ସମଗ୍ର ବିଶ୍ୱବାସୀଙ୍କ ନିମନ୍ତେ ଏକ ଆଲୋକ ବର୍ତ୍ତିକା। ଏହି ଆଲୋକ ବର୍ତ୍ତିକାର ଜ୍ୟୋତି ସମୂହ ଏହାର ବୈଦିକ ସାହିତ୍ୟ। ଯାର ମାର୍ଗଦର୍ଶକ ହେଉଛନ୍ତି ସନାତନୀ ମହାନୁଭବୀ ମହର୍ଷିମାନେ। ଯେଉଁମାନେ ନିଜର ଦାର୍ଶନିକ ଅନୁଭୂତି ଓ ସିଦ୍ଧାନ୍ତ ବଳରେ, ମାନବ ସମାଜର କଲ୍ୟାଣ ପାଇଁ ବହୁବିଧ ଉପାୟମାନ ପ୍ରଦର୍ଶନ କରି ଯାଇଛନ୍ତି। ସେଥି ମଧ୍ୟରୁ ଚୈତନ୍ୟ ଏବଂ ବିଜ୍ଞାନର ସମ୍ପର୍କକୁ ଅତି ଗଭୀର ଭାବେ ବ୍ୟାଖ୍ୟା କରାଯାଇଛି। ଉପନିଷଦରେ ‘ବିଜ୍ଞାନମୟ କୋଷ’ ବିଷୟରେ କୁହାଯାଇଛି, ଯାହା ମନୁଷ୍ୟର ବୁଦ୍ଧି ଓ ଚୈତନ୍ୟର ସମନ୍ୱୟକୁ ଦର୍ଶାଏ। ପ୍ରାଚୀନ ଭାରତର ଋଷିମାନେ କେବଳ ଆଧ୍ୟାତ୍ମିକବାଦୀ ନଥିଲେ, ଅପିତୁ ଥିଲେ ଜଣେ ଜଣେ ବୈଜ୍ଞାନିକ। ସେମାନେ ଜାଣିଥିଲେ ମନୁଷ୍ୟର ମନ ହିଁ ବିଜ୍ଞାନ ଓ ଚୈତନ୍ୟର ମାଧ୍ୟମ। କାରଣ ମନ ହିଁ ବନ୍ଧନ (ବିଷୟ) ଏବଂ ମୋକ୍ଷ ବା ମୁକ୍ତାବସ୍ଥା ଦେଇଥାଏ। ତେଣୁ ଶାସ୍ତ୍ରରେ କୁହାଯାଇଛି: ‘ମନ ଏବ ମନୁଷ୍ୟାଣାଂ କାରଣଂ ବନ୍ଧମୋକ୍ଷୟୋଃ’। ଯେତେବେଳେ ସାଧାରଣ ମଣିଷର ମନ ବହିର୍ଜଗତରେ ପରିଭ୍ରମଣ କରେ, ସେତେବେଳେ ତାର ମନ ଅଶାନ୍ତ ହେବାକୁ ଲାଗେ । କିନ୍ତୁ ସାଧକ ବା ଜିଜ୍ଞାସୁ ନିଜ ମନକୁ ଅନ୍ତର୍ମୁଖୀ କଲେ, ସେ ସେହିୟ ପରମ ତତ୍ତ୍ୱକୁ ବୋଧ କରିପାରେ। ଯାହା ଫଳାରେ ତାର ଉଚ୍ଚତର ଜ୍ଞାନ ବା ବିଜ୍ଞାନ, ପରମ ଆନନ୍ଦ ଏବଂ ସେହି ଦିବ୍ୟ ଚେତନାର ଜାଗରଣ ହୋଇଥାଏ। ସଂକ୍ଷେପରେ କହିବାକୁ ଗଲେ, ବାହ୍ୟ ଜଗତରୁ ମନକୁ ହଟାଇ ନିଜ ଭିତରେ ଈଶ୍ୱରଙ୍କୁ ଅନ୍ୱେଷଣ କଲେ ହିଁ ପ୍ରକୃତ ଜ୍ଞାନ ଓ ଆନନ୍ଦ ମିଳିଥାଏ।

ଚୈତନ୍ୟ ହେଉଛି ଜୀବନର ସେହି ଅଦୃଶ୍ୟ ଶକ୍ତି, ଯାହା ମଣିଷକୁ ନିଜ ବିଷୟରେ ଏବଂ ଚତୁଃର୍ପାର୍ଶ୍ୱର ବିଶ୍ୱ ବିଷୟରେ ସଚେତନ କରାଏ। ଯେତେବେଳେ ମାନବର ଚୈତନ୍ୟ ଜାଗ୍ରତ ହୁଏ, ସେତେବେଳେ ତା’ ମନରେ ଅନେକ ପ୍ରଶ୍ନ ଉଠେ,‘ଏହି ସୃଷ୍ଟି କ’ଣ‘ ?, ‘ଆମେ କେଉଁଠୁ ଆସିଛୁ’ ?, ‘ଋତୁ ପରିବର୍ତ୍ତନ କାହିଁକି ହୁଏ’ ? ଏହି ପ୍ରଶ୍ନଗୁଡ଼ିକର ଉତ୍ତର ସେ ସେତେବେଳେ ପାଏ, ଯେତେବେଳେ ସେ ଜ୍ଞାନ ବା ବୈଜ୍ଞାନିକ ପଦ୍ଧତିକୁ ଅବଲମ୍ବନ କରେ। କାରଣ ବିଜ୍ଞାନ ହେଉଛି ସତ୍ୟର ଅନ୍ୱେଷଣ ଏବଂ ଜ୍ଞାନର ଆଧାର। ପ୍ରତ୍ୟେକ ମଣିଷଙ୍କ ଭିତରେ ରହିଥିବା ଜିଜ୍ଞାସା ବା ଜାଣିବାର ଇଚ୍ଛାକୁ ହିଁ ବିଜ୍ଞାନ ସାକାର କରିଥାଏ। ଏହା କୌଣସି ଅନ୍ଧବିଶ୍ୱାସ ଉପରେ ଆଧାରିତ ନୁହେଁ, ବରମ୍ ସର୍ବଦା କାର୍ଯ୍ୟ-କାରଣ ସମ୍ପର୍କ, ପରୀକ୍ଷା ଏବଂ ପ୍ରମାଣ ଉପରେ ପର୍ଯ୍ୟବେସିତ। ଏହି ପ୍ରକ୍ରିୟା ମଣିଷକୁ ସତ୍ୟର ସନ୍ଧାନ ଦେଇଥାଏ। ଆଦିମ କାଳରୁ ଆଧୁନିକ କାଳ ପର୍ଯ୍ୟନ୍ତ ମଣିଷ ଯେତେବେଳେ ବି କୌଣସି ସମସ୍ୟାର ସମ୍ମୁଖୀନ ହୋଇଛି, ବିଜ୍ଞାନ ତାର ସମାଧାନ କରିଛି। ଯେତେବେଳେ ମଣିଷ ପ୍ରକୃତିର ନିୟମକୁ ବୁଝିବାକୁ ଚେଷ୍ଟା କରେ ଏବଂ ନୂତନ ଆବିଷ୍କାର କରେ, ସେତେବେଳେ ତା’ ମନରେ ଏକ ଅନିର୍ବଚନୀୟ ଆନନ୍ଦ ସୃଷ୍ଟି ହୁଏ। ଯାହା ଫଳରେ ସେ ତୃପ୍ତ ଅନୁଭବ କରେ। ବିଜ୍ଞାନ କେବଳ ଯନ୍ତ୍ରପାତି କିମ୍ବା ଆଧୁନିକ ଜ୍ଞାନକୌଶଳ ମଧ୍ୟରେ ସୀମିତ ନୁହେଁ, ବରଂ ଏହା ମାନବ ସମାଜରେ ଏକ ନୂତନ ଚେତନା ଏବଂ ବିଚାରଧାରା ସୃଷ୍ଟି କରିବାର ଏକ ସହଜ ମାଧ୍ୟମ ଅଟେ। ମହାନ୍ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନ କହିଥିଲେ ଯେ, ବ୍ରହ୍ମାଣ୍ଡର ବିଶାଳତା ଏବଂ ଏହାର ଶୃଙ୍ଖଳାକୁ ଦେଖିଲେ ମନରେ ଏକ ଗଭୀର ରହସ୍ୟମୟ ଆନନ୍ଦ ଓ ବିସ୍ମୟ ସୃଷ୍ଟି ହୁଏ। ବିଜ୍ଞାନ ଯେତେବେଳେ ପ୍ରକୃତିର ନିୟମକୁ ସରଳ କରି ବୁଝାଇଦିଏ, ସେତେବେଳେ ମାନବ ଚେତନା ଏକ ଦିବ୍ୟ ଆନନ୍ଦ ଅନୁଭବ କରେ।

ଆଧୁନିକ ପଦାର୍ଥ ବିଜ୍ଞାନର ସବୁଠାରୁ ଉନ୍ନତ ଶାଖା ‘କ୍ୱାଣ୍ଟମ୍ ଫିଜିକ୍ସ’ ଆଜି ଚୈତନ୍ୟର ଅସ୍ତିତ୍ୱକୁ ସ୍ୱୀକାର କରିବାକୁ ବାଧ୍ୟ ହୋଇଛି। ପ୍ରାଚୀନ ଭୌତିକ ବିଜ୍ଞାନ ଭାବୁଥିଲା ଯେ ବିଶ୍ୱ ଏକ ମେସିନ୍ ଭଳି ଏବଂ ଏହା ମଣିଷର ଚୈତନ୍ୟ ବିନା ମଧ୍ୟ ଚାଲିପାରିବ। କିନ୍ତୁ କ୍ୱାଣ୍ଟମ୍ ବିଜ୍ଞାନ ଏହାକୁ ଭୁଲ୍ ପ୍ରମାଣିତ କରିଛି। ଆଧୁନିକ ଜୈବିକ ବିଜ୍ଞାନ ଆଜି ଚୈତନ୍ୟର ସ୍ୱରୂପକୁ ବୁଝିବା ପାଇଁ ସ୍ନାୟୁବିଜ୍ଞାନର ସାହାଯ୍ୟ ନେଉଛି। ସ୍ନାୟୁବିଜ୍ଞାନ ଅନୁସାରେ, ଆମର ସମସ୍ତ ଭାବନା, ସ୍ମୃତି, ପ୍ରେମ, ଏବଂ ଚୈତନ୍ୟ ମସ୍ତିଷ୍କରେ ଥିବା ବିଲିୟନ ବିଲିୟନ ନ୍ୟୁରୋନ୍ ଏବଂ ସେଗୁଡ଼ିକ ମଧ୍ୟରେ ହେଉଥିବା ବିଦ୍ୟୁତ୍-ରାସାୟନିକ ପ୍ରକ୍ରିୟାର ପରିଣାମ। ଯେତେବେଳେ ଆମେ କିଛି ଦେଖୁ, ଶୁଣୁ ବା ଚିନ୍ତା କରୁ ସେତେବେଳେ ମସ୍ତିଷ୍କର ନିର୍ଦ୍ଦିଷ୍ଟ ଅଂଶ ସକ୍ରିୟ ହୋଇଉଠେ। ବିଜ୍ଞାନ ଆଜି ଗଜଓ ଏବଂ ରଉଏ ଭଳି ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଚୈତନ୍ୟର ଏହି ଗତିବିଧିକୁ ମାପିବାରେ ସକ୍ଷମ ହୋଇଛି। ପରନ୍ତୁ କିଛି ବ୍ୟକ୍ତି ବିଜ୍ଞାନ ଓ ଆଧ୍ୟାତ୍ମିକତାର ମିଳନ ପରସ୍ପର ବିରୋଧୀ ବୋଲି ଅନେକ ସମୟରେ ଭାବିଥା’ନ୍ତି। କିନ୍ତୁ ବାସ୍ତବରେ ତାହା ଠିକ୍ ନୁହେଁ। ବିଜ୍ଞାନ ସର୍ବଦା ବାହ୍ୟ ଜଗତରେ ସତ୍ୟ ଖୋଜିଥାଏ, ଯେତେବେଳେ କି ଆଧ୍ୟାତ୍ମିକତା ଅନ୍ତର୍ଜଗତର ସତ୍ୟକୁ ଅନୁସନ୍ଧାନ କରି ଚାଲିଥାଏ। ପରନ୍ତୁ ଉଭୟଙ୍କର ଲକ୍ଷ୍ୟ ହେଉଛି ଏକ, ଯାହା ସତ୍ୟର ସନ୍ଧାନ। ଯୋଗ, ଧ୍ୟାନ ଏବଂ ମନସ୍ତତ୍ତ୍ୱ ବିଜ୍ଞାନ ଆଜି ପ୍ରମାଣ କରିସାରିଛି ଯେ, ମାନସିକ ଶାନ୍ତି ଏବଂ ଆନନ୍ଦ ପାଇଁ ଆଧ୍ୟାତ୍ମିକ ଚେତନା ନିତାନ୍ତ ଆବଶ୍ୟକ। ସୁସ୍ଥ ଶରୀର ଏବଂ ସୁସ୍ଥ ମନର ସମନ୍ୱୟ ହିଁ ପ୍ରକୃତ ମାନବ ଚେତନା, ଯାହା ବିଜ୍ଞାନ ଏବଂ ଆଧ୍ୟାତ୍ମିକତାର ମିଳନରୁ ହିଁ ସମ୍ଭବପର ବୋଲି ପୂର୍ବରୁ ଚରକ ଏବଂ ସୁଶ୍ରୁତଙ୍କ ଭଳି ବୈଜ୍ଞାନିକମାନେ କହି ଯାଇଛନ୍ତି। ସେମାନେ ମାନବ ଶରୀର ଓ ମନର ସମ୍ପର୍କକୁ ବୁଝି ଚିକିତ୍ସା ବିଜ୍ଞାନର ମୂଳଦୁଆ ପକାଇଥିଲେ। ଚରକ ଓ ସୁଶ୍ରୁତଙ୍କ ମତରେ, ଶରୀର ସୁସ୍ଥ ରହିବା ସହ ଚୈତନ୍ୟ ବା ଆତ୍ମା ପ୍ରସନ୍ନ ରହିବା ଆବଶ୍ୟକ।

ପୂର୍ବରୁ କୁହାଯାଇଛି ଯେ, ବିଜ୍ଞାନ ଏବଂ ଚେତନା ପରସ୍ପର ପରିପୂରକ। ସେଥିମଧ୍ୟରୁ ବିଜ୍ଞାନ ହେଉଛି ଶରୀର ଏବଂ ଚେତନା ହେଉଛି ଆତ୍ମିକ ଶକ୍ତି। ଯେତେବେଳେ ମଣିଷ ବୈଜ୍ଞାନିକ ଜ୍ଞାନକୁ ସମାଜର କଲ୍ୟାଣ ଏବଂ ପ୍ରକୃତିର ସୁରକ୍ଷା ପାଇଁ ବ୍ୟବହାର କରେ, ସେତେବେଳେ ତା’ର ଜୀବନ ଆନନ୍ଦମୟ ହେବାକୁ ଲାଗେ। ଯାହା ବିଜ୍ଞାନର ପ୍ରକୃତ ଉଦ୍ଦେଶ୍ୟ। ପରନ୍ତୁ ସାଧାରଣ ଦୃଷ୍ଟିରେ ବିଜ୍ଞାନକୁ ଏକ ନିରସ, ଯୁକ୍ତିଯୁକ୍ତ ଓ ପରୀକ୍ଷାମୂଳକ ବିଷୟ ବୋଲି ମନେ କରନ୍ତି ଏବଂ କିଛି ବ୍ୟକ୍ତି ଭାବନ୍ତି ବିଜ୍ଞାନ କେବଳ ଜାଗତିକ ସୁଖ ଓ ସୁବିଧା ସୃଷ୍ଟି କରିବାର ଏକ ମାଧ୍ୟମ। କିନ୍ତୁ ଏହା ଯଥାର୍ଥ ନୁହେଁ। ଏହି ବିଜ୍ଞାନ କେବଳ ବୈଷୟିକ ସୁବିଧାର ସୃଷ୍ଟି କରିବା ପାଇଁ ସୃଷ୍ଟି ହୋଇନାହିଁ, ବରଂ ମଣିଷର ଚେତନାକୁ ଜାଗ୍ରତ କରି ଏକ ଶାନ୍ତିପୂର୍ଣ୍ଣ ଓ ସମୃଦ୍ଧ ବିଶ୍ୱ ଗଠନ କରିବା ଏହାର ପ୍ରକୃତ ଲକ୍ଷ ଅଟେ। ଗଭୀର ଭାବେ ଅନୁଧ୍ୟାନ କଲେ ଜଣାଯାଏ ଯେ, ଏହି ଦୁଇଟି ପରସ୍ପର ବିରୋଧୀ ନୁହନ୍ତି। ବରଂ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ପରି ସେମାନେ ପରସ୍ପର ସହ ଓତପ୍ରୋତ ଭାବେ ଜଡ଼ିତ ଏବଂ ମାନବ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ଅଟନ୍ତି।

ପରିଶେଷରେ କୁହାଯାଇପାରେ ଯେ, ଚୈତନ୍ୟ ବିଜ୍ଞାନକୁ ଜନ୍ମ ଦିଏ ଏବଂ ବିଜ୍ଞାନ ଚୈତନ୍ୟର ମାର୍ଗକୁ ଅବଲମ୍ବନ କରେ। ଯଦି ବିଜ୍ଞାନ ଚୈତନ୍ୟର ମାନବୀୟ ନୈତିକତାକୁ ହରାଏ, ତେବେ ସେ ବିନାଶର କାରଣ ସାଜେ। ଏହାର ଉଦାହରଣ : ପରମାଣୁ ବୋମା, ପରିବେଶ ପ୍ରଦୂଷଣ, ଏବଂ ଜୈବିକ ଅସ୍ତ୍ରଶସ୍ତ୍ର। ଏଣୁ ମାନବ ସଭ୍ୟତାର ଚରମ କଲ୍ୟାଣ ପାଇଁ ବୈଜ୍ଞାନିକ ଉଦ୍ଭାବନ ସହିତ ଆଧ୍ୟାତ୍ମିକ ଓ ମାନବୀୟ ଚୈତନ୍ୟର ସମନ୍ୱୟ ଏକାନ୍ତ ଜରୁରୀ। ଯେତେବେଳେ ଏହି ଦୁଇଟି ଶକ୍ତି ଏକାଠି ହେବେ, ସେତେବେଳେ ପୃଥିବୀରୁ ସମସ୍ତ ଅଜ୍ଞାନତାର ଅନ୍ଧକାର ଦୂର ହେବା ସହ ଏକ ପ୍ରଗତିଶୀଳ ତଥା ଶାନ୍ତିପୂର୍ଣ୍ଣ ବିଶ୍ୱ ଗଠିତ ହୋଇପାରିବ।



# ଅପରାଧୀ

**ମୂଳ ହିନ୍ଦୀ :ଜୟଶଙ୍କର ପ୍ରସାଦ**
**ଅନୁବାଦ: ନୀହାରିକା ମଲ୍ଲିକ**



ବନସ୍ଥଳୀର ରଙ୍ଗୀନ ସଂସାରରେ ସୂର୍ଯ୍ୟାଲୋକ ନୃତ୍ୟଶୈଳୀରେ ପ୍ରବେଶ କଲା ଏବଂ ସେସବୁ ଚମକିଉଠିଲେ, କୋମଳ କିଶଳୟ ଏବଂ ଫୁଲର ପାଖୁଡା ସବୁ ବସନ୍ତପବନରେ ଦୋହଲୁଥିଲେ। ହଳଦୀବର୍ଣ୍ଣ ପରାଗର ଅଙ୍ଗରାଗ ଲାଗିବାରୁ କିରଣ ମଧ ହଳଦିଆ ପାଲଟିଗଲା । ବସନ୍ତର ପ୍ରଭାବ ଥିଲା ।

ତରୁଣୀ କାମିନୀ ମାଳିକାମ କରୁଥିଲା। ତା'ର ଆଉ କେହି ନ ଥିଲେ । ସେ ଏହି ବଣ ଭିତରୁ ଫୁଲ ତୋଳି ନେଇଯାଏ ଏବଂ ମାଳା ଗୁନ୍ଥି ବିକ୍ରିକରେ । ବେଳେବେଳେ ତାକୁ ଓପାସରେ ବି ରହିବାକୁ ପଡେ, କିନ୍ତୁ ସେ ଏ କାମକୁ ଛାଡ଼େନି । ଆଜି ମଧ ସେ କଞ୍ଚନ ଗଛ ମୂଳରେ ବସି କାମିନୀଫୁଲକୁ ଛୁଞ୍ଚିରେ ନ ଫୋଡି ଫାଶ କରି ଗୁନ୍ଥୁଥିଲା । ଭଅଁର ଆସିଲା ଓ ଗୁଣୁଗୁଣୁ ହୋଇ ଚାଲିଗଲା ବସନ୍ତ ଦୂତର ସମ୍ବାଦ ସେ ଶୁଣିଲାନି । ମଳୟପବନ ପଣତ ଉଡ଼ାଇ ରୁକ୍ଷ କେଶକୁ ବିପର୍ଯ୍ୟସ୍ତ କରି ଚାଲିଗଲା । ତରୁଣୀଟି ନିଜ କାମରେ ମଗ୍ନ ଥିଲା, ସେ ଫାଶ ବନେଇ ଚାଲିଥିଲା ଓ ମାଳା ଗୁନ୍ଥିଚାଲିଥିଲା ।

ଦ୍ରୁତଗତିରେ ଦୌଡୁଥିବା ଅଶ୍ୱର ପଦଧ୍ୱନି ଶୁଣି ସେ ଭୀତତ୍ରସ୍ତ ହୋଇଗଲା। ନିଜ ଫୁଲ ଟୋକେଇ ଧରି ତଳକୁ ମୁଣ୍ଡ ନୁଆଁଇ ଠିଆହୋଇ ରହିଲା । ରାଜକୁମାର ଆଜି ଅଚାନକ ବୁଲିବା ପାଇଁ ଆସିଯାଇଥିଲେ । ସେ ଦୂରରୁ ହିଁ ଦେଖିଲେ ଓ ବୁଝିପାରିଲେ ଯେ ଏ ତରୁଣୀଟି ଭୟଭୀତ ହୋଇଯାଇଛି। ଅଶ୍ୱଟି ସେଇଠି ହିଁ ଅଟକିଗଲା । ରାଜକୁମାର ପଚାରିଲେ ''କିଏ ତୁମେ ?''

କୁରଙ୍ଗୀନୟନା ଆଖି ବଡବଡ କରି ଉତ୍ତର ଦେଲା ''ମାଲ୍ୟାଣୀ''

''କଣ ତୁମେ ମାଳା ତିଆରି କରି ବିକ୍ରିକର ?''

''ହଁ''

''ଏଠାକାର ଜଗୁଆଳି ତୁମକୁ ବାଧାଦିଏନି ?''

''ନାଁ, ଏଠାରେ କେହି ରକ୍ଷକ ନାହାନ୍ତି।''

'' ତୁମେ ଆଜି କେଉଁ ମାଳାଟି ପ୍ରସ୍ତୁତ କରିଛ ?''

''ଏଇ କାମିନୀଫୁଲ ମାଳଟି''

''ତୁମ ନାମ କଣ ?''

''କାମିନୀ''

''ବାଃ ! ଆଚ୍ଛା ତୁମେ ଏ ମାଳାଟି ସଂପୂର୍ଣ୍ଣ କର,ମୁଁ ଫେରିବାବେଳେ ତାକୁ ନେବି।''

ଭୟଭୀତ ଥିବା ସତ୍ତ୍ୱେ ମାଲ୍ୟାଣୀର କଣ୍ଠରେ ଦୃଢତା ଥିଲା । ସେ କହିଲା ''ଖରା ଆସିଲେ କାମିନୀଫୁଲର ସୁଗନ୍ଧ କମିଯାଏ।''

-ମୁଁ ଶୀଘ୍ର ଫେରିଆସିବି। କହିଦେଇ ରାଜକୁମାର ଚାଲିଗଲେ । ଝିଅଟି ମାଳା ସଂପୂର୍ଣ୍ଣ କଲା । ସୂର୍ଯ୍ୟଙ୍କ କିରଣ ପ୍ରତୀକ୍ଷାରେ ଲାଲ୍ ହଳଦିଆ ପାଲଟି ଧଳା ହୋଇଗଲା। ରାଜକୁମାର ଲେଉଟି ଆସିଲେନି ।ସେତେବେଳେ ସେ ସେଇ ଦିଗ ଆଡକୁ ଚାଲିଲା ଯେଉଁ ଦିଗରେ ରାଜକୁମାର ଯାଇଥିଲେ। ତରୁଣୀଟି ମାତ୍ର କିଛି ବାଟ ଯାଇଥିବ, ରାଜକୁମାର ଅନ୍ୟ ଏକ ଦିଗରୁ ଆସି ସେହି ସ୍ଥାନରେ ପହଞ୍ଚିଗଲେ। ମାଲ୍ୟାଣୀକୁ ସେଠାରେ ଦେଖିବାକୁ ନ ପାଇ ବଡ଼ ପାଟିରେ ଡାକିବାକୁ ଲାଗିଲେ ''ମାଲ୍ୟାଣୀ ! ଏ ମାଲ୍ୟାଣୀ''

ଅଦୂରରୁ ଭାସିଆସୁଥିବା କୋକିଳର ଡାକ ପରି ଏ ସ୍ୱର ତା କାନରେ ପଡିଲା ଓ ସେ ଲେଉଟି ଆସିଲା । ହାତରେ କାମିନୀ ଫୁଲର ମାଳା ଧରି ସେ ବନଲକ୍ଷ୍ମୀଙ୍କ ପରି ଫେରିଆସିଲା। ରାଜକୁମାର ସେହି ଦିବାସୌନ୍ଦର୍ଯ୍ୟକୁ କୌତୁହଳର ସହ ଦେଖୁଥିଲେ। କାମିନୀ ଫୁଲମାଳଟିକୁ ଗଳାରେ ପିନ୍ଧାଇଦେଲା । ରାଜକୁମାର ନିଜର ରେଶମୀ ଚାଦର ବାହାର କରି ମାଲ୍ୟାଣୀ ଆଡକୁ ଫିଙ୍ଗିଦେଇ କହିଲେ ''ଯାଅ, ଏହାକୁ ପିନ୍ଧିଆସ।'' ଆଶ୍ଚର୍ଯ୍ୟ ଏବଂ ଭୟଭୀତ ହୋଇ ଲତାଗହଳକୁ ଯାଇ ସେ ଆଜ୍ଞାନୁସାରେ ସେଇଟି ପିନ୍ଧିଆସିଲା । ବାହାରକୁ ଆସିବାବେଳେ, ଉଜ୍ଜଳ କିରଣ ତା ଅଙ୍ଗେଅଙ୍ଗେ ସହାସ୍ୟେ ଖେଳିଯାଉଥିଲା । ରାଜକୁମାର ହସିଲେ ଏବଂ କହିଲେ ''ଆଜିଠୁ ତୁମେ ଏହି କୁସୁମକାନନର ବନପାଳିକା ହେଲ । ମନେରଖିବ ।''

ରାଜକୁମାର ଚାଲିଗଲେ । ମାଲ୍ୟାଣୀ କିଂକର୍ତ୍ତବ୍ୟବିମୁଢ ହୋଇ ମହୁଲଗଛ ମୂଳେ ବସିପଡିଲା।

ଭାଗ

ବସନ୍ତ ଋତୁ ବିତିଗଲା । ଗ୍ରୀଷ୍ମ ବି ଚାଲିଗଲା। ବଗିଚାରେ ଶ୍ୟାମଳିମା ଭରିରହିଥିଲା। ଶ୍ୟାମଳ ମେଘମାଳାସବୁ ଆକାଶରେ ଏବଂ ଶସ୍ୟଶୋଭିତ ଧରଣୀ ଉପରେ ଏକ ଅତୁଳନୀୟ ସୌନ୍ଦର୍ଯ୍ୟର ସୃଜନ କରୁଥିଲେ । ସନ୍ଧ୍ୟା ଏକ ସୁନ୍ଦର ଉତ୍ସବର ଭ୍ରମ ଦେଉଥିଲା। ରାତ୍ରି ଆସିଲା । ବନପାଳିକାର କୁଟୀରକୁ ଅନ୍ଧକାର ଘେରିଯାଇଥିଲା । ମୂଷଳାଧାର ବର୍ଷା ଆରମ୍ଭ ହୋଇଗଲା । ଯୁବତୀ-ପ୍ରକୃତିର ଲାସ୍ୟ ବିହ୍ୱଳ କରିଦେଉଥିଲା । ବନପାଳିକା ପର୍ଣ୍ଣକୁଟୀରର ବାତାୟନ ଦେଇ ଚକିତ ହୋଇ ଦେଖୁଥିଲା । ହଠାତ୍ ବାହାରୁ କମ୍ପିତ କଣ୍ଠସ୍ୱର ଶୁଭିଲା ''ଆଶ୍ରୟ ଦରକାର !'' ବନପାଳିକା ପଚାରିଲା ''କିଏ ତୁମେ ?''

''ଜଣେ ଅପରାଧୀ''

''ତାହେଲେ ଏଠାରେ ସ୍ଥାନ ନାହିଁ''

''ବିଚାର କରି ଉତ୍ତର ଦିଅ, ଆଶ୍ରୟ ନ ଦେଇ ତୁମେ ଯେପରି ଅପରାଧ କରି ନ ବସ''।

ବନପାଳିକା ଚିନ୍ତା କରିବାକୁ ଲାଗିଲା। ବାହାରୁ ପୁଣି ଶୁଣାଗଲା ''ବିଳମ୍ବ ହେଲେ ପ୍ରାଣ ଚାଲିଯାଇପାରେ।''

ବନପାଳିକା କୁଣ୍ଠିତ ହୋଇ ଉଠିଲା ଏବଂ ଦ୍ୱାର ଖୋଲିଦେଲା । ଆଗନ୍ତୁକ ଭିତରକୁ ପ୍ରବେଶ କଲା। ସେ ଏକ ବଳିଷ୍ଠ ଯୁବକ ଥିଲା ଓ ମୁହଁରୁ ସାହସୀ ବୋଲି ଜଣାପଡୁଥିଲା । ବନପାଳିକା ପଚାରିଲା ''ତୁମେ କି ଅପରାଧ କରିଛ ?''

''ବହୁତ ବଡ଼ ଅପରାଧ । ସକାଳ ହେଲେ ଶୁଣାଇବି । ଏ ରାତ୍ରିରେ କେବଳ ଆଶ୍ରୟ ଦିଅ''। କହିଦେଇ ଆଗନ୍ତୁକ ନିଜର ଓଦା ବସ୍ତ୍ରକୁ ଚିପୁଡିବାକୁ ଲାଗିଲା। ତା ସ୍ ?ର କମ୍ପିତ ଏବଂ ଚେହେରା ଉଦାସ ଥିଲା । ଅନ୍ଧକାର ତାକୁ ଆହୁରି ଅସ୍ପଷ୍ଟ କରିଦେଇଥିଲା। ଯୁବତୀ ବନପାଳିକା ବ୍ୟାକୁଳ ହୋଇ ପ୍ରଭାତ ହେବାର ପ୍ରତୀକ୍ଷା କରିବାକୁ ଲାଗିଲା । ହଠାତ୍ ଯୁବକଟି ତା ହାତ ଧରିନେଲା । ସେ ତ୍ରସ୍ତ ହୋଇଗଲା । ପଚାରିଲା''ଅପରାଧୀ, ଯେ କଣ !''

'' ଅପରାଧୀ ଅଟେ ସୁନ୍ଦରୀ !'' ଏଥର ତା ସ୍ୱର ବଦଳି ଯାଇଥିଲା। ପାଗଳ ପ୍ରକୃତି ପର୍ଣ୍ଣକୁଟୀରକୁ ଘେରିଯାଇ ହସରେ ଫାଟି ପଡୁଥିଲା। ସେହି କରସ୍ପର୍ଶ ଉନ୍ମାଦକାରୀ ଥିଲା। କାମିନୀର ଧମନୀରେ ବାହାରର ବର୍ଷାପାଣି ସମ ତଡିତ୍ ବେଗରେ ରକ୍ତ ପ୍ରବାହିତ ହେଉଥିଲା। ଯୁବକର ସ୍ୱରରେ ପରିଚୟ ଥିଲା, ପରନ୍ତୁ ଯୁବତୀର ବାସନାର ଇଚ୍ଛା ଭୟର ବାହାନା ଖୋଜିନେଲା । ବାହାରେ ଘଡଘଡି ସହ ବିଜୁଳି ଚମକି ଉଠିଲା ।ବନପାଳିକା ଆର ହାତଟିକୁ ଯୁବକଟିର ବେକରେ ଗୁଡାଇଦେଲା। ଅନ୍ଧକାର ହସିବାକୁ ଲାଗିଲା।

ଭାଗ

ବହୁତ ଦିନ ବିତିଗଲା । କେତେ ଯେ ବରଷ ଆସିଲା ଆଉ ଚାଲିଗଲା । ସେହି କୁସୁମକାନନ, ଯେଉଁଠି ମୟୂର,ଶୁକ,ପୀକ ଫୁଲରେ ଲଦିହୋଇଥିବା ଗଛଗହଳରେ ବିହାର କରୁଥିଲେ, ତାହା ଏବେ ଜଙ୍ଗଲ ହୋଇଯାଇଛି। ଏବେ ରାଜକୁମାର ସେଠାକୁ ଆସୁ ନ ଥିଲେ, ଏବେ ସେ ସ୍ୱୟଂ ରାଜା ଅଟନ୍ତି । ସୁକୁମାର ଚାରାଗଛ ଶୁଖିଯାଇଥିଲେ। ବିଶାଳକାୟ ବୃକ୍ଷଗୁଡିକ ନିଜ ଶାଖାରେ ତାକୁ ଗ୍ରାସ କରିଦେଇଥିଲେ। ସେହି ଗହନ ବନରେ ଏକ କୋଣରେ ପର୍ଣ୍ଣକୁଟୀର ଥିଲା, ସେଥିରେ ଏକ ସ୍ତ୍ରୀ ତା ପୁଅ ସହ ରହୁଥିଲା । ଦୁହେଁ ପକ୍ଷୀଶିକାର ବ୍ୟବସାୟ କରୁଥିଲେ, ସେଇଥିରୁ ତାଙ୍କର ଜୀବିକା ନିର୍ବାହ ହେଉଥିଲା। ପକ୍ଷୀମାନଙ୍କୁ ଫାଶରେ ଧରି ବାଳକଟି ଲୋକମାନଙ୍କୁ ବିକ୍ରି କରେ, ବେଳେବେଳେ ହରିଣଛୁଆ ମଧ ଧରି ନେଇଆସେ। ଦିନେ ବନପାଳିକାର ପୁତ୍ର ଏକ ସୁନ୍ଦର ହରିଣ ଧରି ନଗର ଆଡକୁ ବିକ୍ରିକରିବା ପାଇଁ ଚାଲିଗଲା । ତା ପିଠିରେ ବହୁତ ସୁନ୍ଦର ଟୋପା ଟୋପା ଚିହ୍ନ ଥିଲା । ହରିଣଟି ଦେଖିବାପରି ହୋଇଥିଲା। ରାଜାଙ୍କ ପୁତ୍ର ଛୋଟିଆ ଘୋଡା ପିଠିରେ ବସି ବୁଲିବାକୁ ବାହାରିଥିଲା, ସାଙ୍ଗରେ ତା ଅଙ୍ଗରକ୍ଷକ ମାନେ ମଧ ଥିଲେ। ରାଜାପୁଅ ହରିଣ ନେବାକୁ ଇଚ୍ଛା କଲା । କିଶୋରଟି ମୂଲ୍ୟ ମାଗିବାରୁ ଅଙ୍ଗରକ୍ଷକମାନେ କିଛି ମୂଲ୍ୟ ଦେଇ ତା ଠାରୁ ଜୋର୍ କରି ହରିଣ ଛଡେଇନେବାକୁ ଚାହିଁଲେ । କିଶୋରଟି ହରିଣଟିର ଫାଶ ଢିଲା କରିଦେବାରୁ ସେ ଡିଆଁ ମାରି ଦୌଡ଼ି ଖସିଗଲା । ରାଜପୁତ୍ର ଅତ୍ୟନ୍ତ ଜିଦଖୋର୍ ଥିବାରୁ କାନ୍ଦିବାକୁ ଲାଗିଲା । ସୈନିକମାନେ କିଶୋରଟିକୁ ଧରିନେଇ ରାଜପ୍ରାସାଦ ଆଡକୁ ନେଇଗଲେ ।ବାତାୟନ ଫାଙ୍କରୁ ରାଣୀ ଦେଖିଲେ, ତାଙ୍କ ଗେଲ୍ଲା ପୁଅ କାନ୍ଦିକାନ୍ଦି ଫେରୁଛି। ସତେ ଅବା ପ୍ରଳୟ ଆସିଗଲା ! ସବୁକଥା ଶୁଣି ରାଣୀ ସେ କିଶୋରଟିକୁ ବେତପ୍ରହାର କରିବାର ଆଜ୍ଞା ଦେଲେ ।

କିଶୋରଟି ନ କାନ୍ଦି ଚିତ୍କାର ନ କରି ଲୁହ ଗଡାଇ ଆଘାତକୁ ସହ୍ୟ କରିଗଲା । ତାର ସାରା ଶରୀର କ୍ଷତାକ୍ତ ହୋଇଯାଇଥିଲା, ସେ ଯନ୍ତ୍ରଣାରେ ଚାଲିପାରୁ ନ ଥିଲା । ମୃଗୟାରୁ ଫେରିବାବେଳେ ରାଜା ଦେଖିଲେ । ଦୟା ତ ଟିକେ ଆସିଲା କିନ୍ତୁ ତାର କିଛି ଲାଭ ହେଲା ନାହିଁ । ରାଣୀଙ୍କର ଆଦେଶ ଥିଲା ! ରାଜା ଚାଲିଯିବା ପରେ ବନପାଳିକା କିଶୋରଟିକୁ କୋଳକୁ ନେଲା । ଆଖି ଲୁହରେ କ୍ଷତ ସବୁ ଧୋଇଯାଉଥିଲା। କାନ୍ଦିକାନ୍ଦି କହିଲା ''ଓଃ ! ସେମାନେ କେତେ ନିର୍ଦ୍ଦୟୀ !''

ପୁଣି କିଛି ବର୍ଷ ବିତିଗଲା । ନୂତନ ରାଜପୁତ୍ରଙ୍କୁ ମୃଗୟା ଶିକ୍ଷା ପାଇଁ, ଲକ୍ଷ୍ୟ ସାଧନ କରିବା ପାଇଁ ସେହି ନଗର ଉପକଣ୍ଠର ବନକୁ ଧାର୍ଯ୍ୟ କରାଗଲା। ସେଠାରେ ରାଜପୁତ୍ର ହରିଣଗୁଡିକ ଉପରେ, ପକ୍ଷୀମାନଙ୍କ ଉପରେ ତୀର ଚଳାଏ । ବନପାଳିକାର ଏବେ ପୁଣି କିଛି ଲାଭ ହେବାରେ ଲାଗିଲା । ହରିଣମାନଙ୍କୁ ଘଉଡାଇବାରେ, ପକ୍ଷୀମାନଙ୍କ ରହିବା ଯାଗା ବିଷୟରେ ସୂଚନା ଦେବା ଦ୍ ?ାରା କିଛି ମିଳିଯାଏ । କିନ୍ତୁ ତା କିଶୋର ପୁତ୍ର ରାଜପୁତ୍ରର ମୃଗୟାରେ ଭାଗ ନେଉ ନ ଥିଲା। ଦିନେ ବସନ୍ତର ଉଜ୍ଜଳ ଖରାରେ ରାଜା ନିଜର ରାଜପୁତ୍ରର ମୃଗୟା ପରୀକ୍ଷା କରିବା ପାଇଁ ଷୋହଳ ବର୍ଷ ପରେ ସେହି ଜଙ୍ଗଲକୁ ଆସିଲେ। ରାଜାଙ୍କ ମୁଖ ପୁଣିଥରେ ବିବର୍ଣ୍ଣ ହୋଇଗଲା। ସେହି କୁସୁମକାନନର ସମସ୍ତ ସୁନ୍ଦର ଗଛ ଶୁଖିଯାଇ ଲୋପପାଇଯାଇଛନ୍ତି। ସେମାନଙ୍କ ସ୍ଥାନରେ ଗୋଟେ ଗୋଟେ ଜାଗାରେ ଗୋଟେ ଦୁଇଟି ଚାରା ଦୁଇପତ୍ର ମେଲି ନିଜର ପରିଚୟ ଦେଉଥିଲେ । ରାଜା ସ୍ୱପ୍ନ ପ୍ରାୟ ସେହି ଅତୀତକୁ କଳ୍ପନା କରୁଥିଲେ। ଶିକାରୀମାନଙ୍କ ବେଶରେ ରାଜପୁତ୍ର ଏବଂ ତାର ସମବୟସ୍କମାନେ ଜଙ୍ଗଲ କୁ ଆସିଲେ। କିଶୋର ମଧ ନିଜର ଧନୁତୀର ନେଇ ଗୋଟେ ପଟେ ଛିଡାହୋଇ ରହିଲା । ହରିଣ ଉପରେ ତୀର ଛୁଟିଚାଲିଲା। କିଶୋରର ତୀର ହରିଣର କଣ୍ଠ ଭେଦ କରି ରାଜପୁତ୍ରର ଛାତିକୁ ବିଦ୍ଧ କଲା ଓ ରାଜପୁତ୍ର ଅଚେତ ହୋଇ ପଡିଗଲା। କିଶୋରଟି ତାକୁ ଧରିନେଲା । ଏପଟେ ବନପାଳିକା ରାଜାଙ୍କ ଆସିବା ଖବର ଶୁଣି ଫୁଲ ଖୋଜିବାରେ ଲାଗିଥିଲା। ସେ ଜଙ୍ଗଲରେ ଆଉ ଏବେ କାମିନୀଫୁଲ ଫୁଟୁ ନ ଥିଲା । ସେ ମହୁଲଫୁଲ ଓ ଦୂବ ନେଇ ସୁନ୍ଦର ମାଳା ପ୍ରସ୍ତୁତ କଲା।

ରାଜା କ୍ରୋଧରେ ଉନ୍ମତ ଥିଲେ । ପ୍ରତିହିଂସାରେ ଜଳିଉଠି ଆଦେଶ ଦେଲେ-ମାର !

ଧନୁର୍ଦ୍ଧାରୀଙ୍କ ତୀର କେବେ ଅବ୍ୟର୍ଥ ହୁଏ ? ସେହି କମନୀୟ କଳେବର କିଶୋର ଧରଣୀ ଉପରେ ଲୋଟିଗଲା । ଠିକ୍ ସେହି ସମୟରେ ମହୁଲଫୁଲର ମାଳା ନେଇ ବନପାଳିକା ରାଜାଙ୍କ ପାଖରେ ପହଞ୍ଚିଲା।

କଠୋର ନିୟତି ଯେତେବେଳେ ନିଜର ବିଧାନ ପୂର୍ଣ୍ଣ କରିସାରିଥିଲା, ସେତେବେଳେ କାମିନୀ କିଶୋରର ଶବ ପାଖରେ ପହଞ୍ଚିଲା । ପାଗଳ ପ୍ରାୟ ସେ ମାଳାଟିକୁ ରାଜାଙ୍କ ଉପରକୁ ଫିଙ୍ଗିଦେଇ କିଶୋରଟିକୁ କୋଳେଇନେଲା। ତାର ନିଶ୍ଚେଷ୍ଟ ଆଖି ଯେପରି ନୀରବରେ ମାଆ-ମାଆ କହୁଥିଲେ ! ସେ ହୃଦୟକୁ ଚିରିଦେବାପରି ତୀକ୍ଷ୍ଣ ଦୃଷ୍ଟିରେ ଥରୁଟେ ରାଜାଙ୍କ ଆଡକୁ ଚାହିଁଲା , ଆଉ ରାଜପୁତ୍ରର ଶବକୁ ବି !

ରାଜା ଆକାଶ ଓ ପୃଥିବୀର ମଝିରେ ଅଟକିଗଲେ । ସତେ ଅବା ସେ କୋଉଠୁ କେଉଁଠାକୁ ଚାଲିଆସିଲେ ! ରାଜପୁତ୍ରର ଶୋକ ଓ କ୍ରୋଧ, ଖରସ୍ରୋତା ନଈସୁଅରେ ପାଣି ଫୋଟକା ପରି ଭାସିଗଲା । ତାଙ୍କ ହୃଦୟ ବିଷୟ-ଶୂନ୍ୟ ହୋଇଗଲା।

ଥରୁଟିଏ ସଚେତ ହୋଇ ସେ ଦେଖିଲେ ଏବଂ ଚିହ୍ନିଲେ ନିଜର ସେହି ଜୀର୍ଣ୍ଣଶୀର୍ଣ୍ଣ ରେଶମୀ ବସ୍ତ୍ରକୁ । -''ଏ ବନପାଳିକା !''

''ମହାରାଜ''-କାମିନୀର ଆଖିରେ ଲୁହ ନ ଥିଲା ।

''ଇଏ ବାଳକ କିଏ ଥିଲା ?''

ଗମ୍ଭୀର ସ୍ ?ରରେ ମୁଣ୍ଡ ତଳକୁ କରି ବନପାଳିକା ଉତ୍ତର ଦେଲା

''ଅପରାଧୀ''।

**-ବିନାୟକ ନଗର**
ନବରଙ୍ଗପୁର




ଫୋନ୍ କଲେ ମୋ ଝିଆରୀ । ବଡ ନାନୀ ଓ ବଡ ଦେଢ଼ଶୁରଙ୍କର ଗୋଟିଏ ବୋଲି ଝିଅ । ଏକା ସହରରେ ରହୁଥିବାରୁ ପରସ୍ପର ସୁଖ ଦୁଃଖରେ ଆମେ ଅଧିକ ସମ୍ପର୍କିତ । ମୋ ଶାଶୁଙ୍କ ମୃତ୍ୟୁ ହେବାର ମାସଟିଏ ମାତ୍ର ଯାଇଚି । ତେଣୁ ଝିଆରୀ ରିତୁ ଫୋନ୍ କରିଥିଲେ । ରିତୁ ମୋଠୁ ଜାଣିଲେ ଯେ ତାଙ୍କ କକା ଅଫିସରୁ ଓ ଦୁଇ ଭଉଣୀ ଟ୍ୟୁସନ୍‌ରୁ ଫେରି ନାହାନ୍ତି । ବଙ୍ଗଳା ପରି ଆମ କ୍ୱାର୍ଟର । ଘର ଚାରିପାଖ ଆମ୍ବ, ପଣସ, ଜାମୁ, ଶାଳ ଆଦି ଗଛରେ ଭର୍ତ୍ତି । ସନ୍ଧ୍ୟାର କ୍ଷୀଣ ଆଲୋକରେ ଘରର ପରିସର ଭୌତିକ ଭୌତିକ ଲାଗେ । ରିତୁ ପଚାରିଲେ, ଖୁଡୀ, ତମେ ଏକା ଅଛ ? ମୁଁ ମଜା କରି କହିଦେଲି, ଆରେ ମୁଁ ଏକା ନାହିଁ ମ । ତେବେ ଆଉ କିଏ ଅଛି ? ମୋ ସାଙ୍ଗରେ ଅନ୍ଧାର ଅଛି ପରା । ହେ ଭଗବାନ, ଅନ୍ଧାରରେ ତୁମେ ଏକା ଅଛ ତୁମକୁ ଡର ଲାଗୁନି ? ପୁଣି ଜେଜେମା ଏବେ ଏବେ ମରିଚିନା । ତାଙ୍କ କଥା ଶୁଣି ଡରରେ ମୋ ଛାତି ଧଡ଼ ଧଡ଼ ହେଲା ।ତଥାପି କହିଲି, 'ସେଇ ତ ମତେ ଜଗିଛନ୍ତି , ମାନେ ତୁମରି ଜେଜେ ମା' ଅନ୍ଧାର ଭିତରେ ଅଛନ୍ତି ନା ! ମୁଁ ଡରିବି କାହିଁକି ?' ଆଉ କଣ ଟିକେ କଥା ହୋଇ ସେ ଫୋନ୍ ରଖି ଦେଲେ। ମୁଁ କହି ଦେଇଥିବା ମୋ କଥାରେ ମୋତେ କିନ୍ତୁ ହଠାତ୍ ଏତେ ଡର ଲାଗିଲା ଯେ ମୁଁ ପ୍ରାୟ ଥରିବାକୁ ଲାଗିଲି । ବିଚଳିତ ହୋଇ ଶେଷରେ ବାଲକୋନୀରେ ଥିବା କୁକୁର ରକିକୁ ଆମ ଶୋଇବା ଘରକୁ ନେଇ ଆସିଲି । ଯଦିଓ ମୋର କୁକୁର ପ୍ରତି ଆସକ୍ତି ନାହିଁ ବୋଲି ମୁଁ ତାକୁ ଜମାରୁ ଘରେ ପଶାଇ ଦିଏନି । ଏବେ କିନ୍ତୁ ଭୟରୁ ମୁକ୍ତି ପାଇବାକୁ ତାକୁ ଆଣିଲି ଘର ଭିତରକୁ । ଯାହା ହେଲେବି ଜୀବ ସତ୍ତା ନା ! ମୁଁ ତାକୁ ଡାକିଲି 'ଏଇ ରକି...' ସେ ମୋତେ ଚାହିଁ ତା' ଲାଙ୍ଗୁଡ଼ ହଲାଇବାକୁ ଲାଗିଲା । ମୋ ଡର ଟିକେ ଥମିଗଲା । କିଛି ସମୟ ପରେ ରକି ତା ବସିବା ଜାଗାରୁ ଉଠି ଠିଆ ହୋଇ ପଡ଼ିଲା । ଗୋଟିଏ ନିର୍ଦ୍ଦିଷ୍ଟ ଦିଗକୁ ଚାହିଁ ରହିଲା । ନିବୁଜ ଘରେ କଣ ଦେଖୁଚି ରକି ? ମୋର ମନେ ପଡିଲା ଜିଦି କରି କୁକୁର ରଖିଥିବା ମୋ ସାନ ଝିଅ କହୁଥିଲାଯେ କୁକୁରମାନେ କୁଆଡେ ଭୂତ ପ୍ରେତ ଦେଖି ପାରନ୍ତି । ରକି କଣ କିଛି ଦେଖି ପାରୁଛି ? 'ଏଇ ରକି , କଣ ହେଲା' ? ମତେ ଚାହିଁ ଦେଇ ସାଙ୍ଗେ ସାଙ୍ଗେ ରକି ମୁହଁ ବୁଲାଇ ଭୁକିବାକୁ ଲାଗିଲା ।କେହି ଅଚିହ୍ନା ଲୋକ ଆସିଲେ କିମ୍ବା ଚିହ୍ନା ଲୋକ ଦେଖିଲେ ଯେମିତି ଭୁକେ, ସେପରି ନୁହଁ । ତାର ଅଜବ ଢଙ୍ଗରେ ଭୁକିବା ମତେ ଆହୁରି ଭୟଭୀତ କରିଦେଲା । ସେ ଏକ ଲୟରେ ଯେଉଁ ଦିଗକୁ ଚାହିଁ ରହିଥିଲା ସେହି ଦିଗରେ କାଳେ କିଏ ଅଛି ଭାବି ମୁଁ ଡରି ଡରି ଚାହିଁ ରହିଲି । ମୋତେ କିଛି ଦିଶିଲାନି । ଭାବିଲି ବୋଉ ଆଉ ଠିଆ ହୋଇ ନାହାନ୍ତି ତ ! ବୋଉ ଆସି ଦେଖା ଦେବେ କି ? ଭାବିଲି ସିଏ ନ ଦିଶନ୍ତୁ। ଯଦି ଦେଖା ଦେବେତ ମୁଁ ଡରିକି ମରିଯିବି । ଏଥର ଚାରିଆଡ଼େ ମୋତେ ବୋଉ ଦିଶିଲେ । ଦାଉ ସାଧିଲା ପରି ସେତିକି ବେଳକୁ ମାଡ଼ି ଆସିଲା ପବନର ଗର୍ଜନ ସହ ବର୍ଷା । ଇଲେକ୍ଟ୍ରିକ ଲାଇନ୍ କଟିଗଲା । ଇନ୍ ଭର୍ଟରରେ ଲାଇଟ୍ ଜଳିବା କଥା ,ଅଥଚ କଣ ଗୋଟେ ଯାନ୍ତ୍ରିକ ଶବ୍ଦ ହୋଇ ଲାଇଟ୍ ଲିଭିଗଲା ।ସନ୍ଧ୍ୟା ବେଳଟା ଲାଗିଲା ଯେମିତି ନିଶୂନ ଅଧା ରାତି ।।ଥାଇ ଥାଇ ରକିର ଭୁକା ଓ ଛାଇ ଯାଇଥିବା ନିରବତାର ଏକ ଅଦ୍ଭୁତ କୁହାଟ ସାଙ୍ଗକୁ ସେଇ ବହଳ ଅନ୍ଧାର ଭିତରେ ସତେ ଅବା ମୁଁ ଅଣନିଃଶ୍ୱାସୀ ହୋଇ ଯିବି । ତଥାପି ମୋ ଥରିଲା ହାତରେ ଧରିଥିବା ମୋବାଇଲର ଟର୍ଚ୍ଚ ଟିପି ଦେଇ ହନୁମାନ ଚାଳିଶା ଗାଇବାକୁ ଲାଗିଲି । ସେତେବେଳକୁ ରକି ଝର୍କା ପାଖକୁ ଯାଇ ଯୋର୍ ରେ ଭୁକିଲା । ଫୋନ୍ କରି ଘର ପଛ ପାଖରେ ଥିବା ସୋନାଲି ଭାଉଜଙ୍କୁ ଡାକିବି ବୋଲି ଭାବୁଚି କିଏ ଗୋଟେ ଝର୍କା ବାଡେଇବା ପରି ଶବ୍ଦ ଶୁଭିଲା। କିଏ ହେଇଥିବ ? କାନେଇକି ଶୁଣିଲି ମୋ ଦୁଇ ଝିଅଙ୍କ ସ୍ୱର । 'ମମି କବାଟ ଖୋଲ। ଶୀଘ୍ର କବାଟ ଖୋଲ ମମି' । ମୋ ପିଣ୍ଡରେ ଯେମିତି ପ୍ରାଣ ପଶିଲା । ରକି ତା' ହେଲେ କେତେବେଳୁ ଶୁଂଘିକି ଜାଣି ଗଲାଣି ପିଲାଙ୍କ ଆସିବା କଥା । ଶୋଇବା ଘର କବାଟ ଖୋଲୁ ଖୋଲୁ ଏତେ ବେଗରେ ସିଏ ଧାଇଁଗଲା ଦାଣ୍ଡ ଘରକୁଯେ ଲାଗିଲା ସତରେ ଯେମିତି ସିଏ ମୋ ଦୁଇ ଝିଅଙ୍କର ମାଆ । ତାକୁ 'ହେ ଯା ମୋ ବାଟରୁ' କହି କୋହ ଭରା ଆବେଗରେ କବାଟ ଖୋଲି ଦେଇ ପିଲାଙ୍କୁ ଧରି ଆଗ ବହେ କାନ୍ଦି ପକେଇଲି । ନିମି ଭିତର ଘରକୁ ଯାଇ ମହମବତୀ ଆଣିଲା । ସିମି ମୋତେ ବୋଧ ଦେଇ କହିଲା,' ଆରେ ମମି ଆମେ ଖାଲି ଯାହା ଓଦା ହୋଇଗଲୁ । ତୁ ଏତେ ବ୍ୟସ୍ତ କଣ ହେଉଚୁ, ଏମିତି କାନ୍ଦି ପକାଉଚୁ' ? ମୁଁ କାନ୍ଦି ପକାଇବାର କାରଣ ସେତେବେଳେ ନା ଥିଲା ଦୁଇ ଝିଅଙ୍କ ପାଇଁ ନା ଥିଲା ମୋ ଅହେତୁକ ଡର ପାଇଁ । ପ୍ରକୃତିସ୍ଥ ହେବା ପରେ ମତେ ବହୁତ୍ ଖରାପ ଲାଗିଲା ଯେ ମୋ ନିଜ ଶାଶୁଙ୍କ ଅବର୍ତ୍ତମାନକୁ ନେଇ ମୁଁ ଏମିତି ଡରିଲି । ସେ ଯଦି ଶରୀର ନେଇ ମୋ ଆଗରେ ଆବିର୍ଭାବ ହୋଇଯିବେ ମୁଁ ବଞ୍ଚି ପାରିବିନି ଭାବିଲି, ହେଲେ ଦିନ ଥିଲା ତାଙ୍କ ବିନା ମୁଁ ବଞ୍ଚି ପାରୁନଥିଲି । ମୋ ସ୍ୱାମୀ ତାଙ୍କ ଚାକିରି ସ୍ଥାନରେ ରହି ଘରକୁ ଯିବା ଆସିବା କରୁଥିଲେ । ପିଲାଙ୍କ ପଢ଼ିବା ସୁବିଧା ପାଇଁ ଆମେ ଗୋଟିଏ ଜାଗାରେ ରହୁଥିଲୁ । ଦୁଇ ଝିଅ ବଡ ହେବା ପର୍ଯ୍ୟନ୍ତ ଇଏ ନ ଥିବା ବେଳେ ଶାଶୁଙ୍କୁ ଆମ ଖଟରେ ଶୋଇବା ପାଇଁ ମୁଁ ବାଧ କରୁଥିଲି । ପ୍ରଥମେ ପ୍ରଥମେ 'ପୁଅ ବୋହୂଙ୍କ ଖଟରେ କ'ଣ ଶୁଅନ୍ତି' କହି ସେ ବାରଣ କରୁଥିଲେବି ପରେ ଏହା ତାଙ୍କର ଅଭ୍ୟାସରେ ପରିଣତ ହୋଇ ଯାଇଥିଲା । ଏମିତିକି କେବଳ ମୋତେ ଜଗି ରହିବେ ବୋଲି ବୋଉ କାର୍ତ୍ତିକ ମାସରେ ପୁରୀ ଯିବା ବି ଛାଡ଼ି ଦେଇଥିଲେ । ଆଜି ସେ ଇହଧାମ ତ୍ୟାଗ କଲାପରେ ମୋ ଆଖିରେ ପୁଣି ଅଶରୀରୀ ! ତାଙ୍କୁ ଏଇ ଟିକକ ଆଗରୁ ଅତୃପ୍ତ ଆତ୍ମା , ଭୂତ ପ୍ରେତ କଣ ସବୁ ଭାବି ନ ଦେଲି ।।ମୋର ଏପରି ଅସଙ୍ଗତ ଭାବନା କାହା ଆଗରେବି କହିବା ଠିକ୍ ହେବନି । ରିତୁଙ୍କୁ ତ ଜମାରୁ କହିବିନି । ସେ ମୋର ଓ ତାଙ୍କ ଜେଜେମାଆଙ୍କର ମଜା ଉଡେଇବେ ଯାହା ମତେ ଭଲ ଲାଗିବନି । ମନ ତଳେ ସ୍ନେହ ଛଳ ଛଳ ମାତୃ ମୂର୍ତ୍ତି ମୋ ଶାଶୁଙ୍କ ପାଖରେ କ୍ଷମା ପ୍ରାର୍ଥନା କଲି । ଶାଶୁଙ୍କ ଦେବୀ ପ୍ରତିମା ପରି ଚେହେରା ଆଖିରେ ନାଚିଗଲା । ସେ ବଞ୍ଚି ଥିବାବେଳେ ମୁଁ କେତେଥର ତାଙ୍କୁ କହେ,' ବୋଉ, ଆପଣ ସତରେ ଘରର ଲକ୍ଷ୍ମୀ ,ଆଉ ଆପଣ ହିଁ ମା ଦୁର୍ଗା ! ବୋଉଙ୍କ ପୂଜାର୍ଚ୍ଚନାରେ ଆମ ଘରର ଭିତର ବାହାର ସବୁବେଳେ ନିର୍ମଳ। ଘରକୁ କେହି ଅତିଥି ଆସିଗଲେ ସେ ଯେମିତି ହେଲେ ଖାଇବାକୁ ଦେଇ ଛାଡ଼ିବେ । ସେ ଲକ୍ଷ୍ମୀ ପ୍ରତିମା ନୁହଁନ୍ତି ତ ଆଉ କିଏ ହୁଅନ୍ତା ? ବୋଉଙ୍କ କର୍ମ ପ୍ରବଣତା ଯୋଗୁ ତାଙ୍କରି ପଣତ ଧରି ମୁଁ ଚଳି ଆସିଲି ସୁନାନାକୀ ବୋହୂର ପରିଚୟ ଧରି। ଆମେ ଶାଶୁବୋହୂ ପର ଗାଆଁରେ କ'ଣ ଚଳି ପାରିଥା'ନ୍ତୁ, ଅଧା ସମୟ ଯାଙ୍କ ଅନୁପସ୍ଥିତିରେ ! କେବଳ ବୋଉଙ୍କ ଅସୀମ ସାହସ ପାଇଁ କୌଣସି ଦୁର୍ଜନ ଆମର କିଛି କ୍ଷତି କରି ନାହାନ୍ତି । ଦୁର୍ଗା ମାଙ୍କ ପରି ଦୂର୍ଗତିନାଶିନୀ ବୋଉଙ୍କର ସ୍ମୃତି ମୋ ଭିତରେ ଜୀବନ୍ତ ହୋଇଗଲା । ଏଇ ଟିକକ ଆଗରୁ ବୋଉଙ୍କୁ ପୁଣି ମୁଁ ଡ଼ରୁଥିଲି ! ମୋ ଡରିବା କଥା ସେଦିନ ପିଲାଙ୍କୁ କହି ନଥିଲି । ସେଇ ଭୟଙ୍କର ଅନ୍ଧାର ରାତିର ଅନୁଭୂତି ମନେ ପଡିଲେ ଏବେ ମୁଁ ନିଜକୁ ନେଇ ହସେ । ଭୟର ଅନ୍ଧାର ପ୍ରକୃତରେ ନିଜ ଭିତରେ ହିଁ ଥାଏ ବୋଲି ନିଜକୁ ନିଜେ କହେ। ହେଲେ ନିଜକୁ କୋଉ ସୁଧାରି ପାରିଲିଯେ ?

**'ସ୍ପନ୍ଦନ', ଏମ୍ ଆଇ ଜି: ୩୯, ଖଣ୍ଡଗିରି ଏନକ୍ଲେଭ୍, ଭୁବନେଶ୍ୱର- ୭୫୧୦୩୦**

## ତଥାପି..

● ଡାସମୀକ୍ଷାଦାଶ





ପାଠ ପଢ଼ିଗଲି ଦୂର ଦେଶେ ମୁହିଁ
ବାପା ଛାଡ଼ିଦେଇ ଆସିଲେ
ନିଜର ବୋଲି ତ କେହି ନାହିଁ
ସେଠି ସର୍ବେ ନିଜ ନିଜ ଭାସିଲେ।

ତାଂକ ସହ ରହି ତାଂକ ଭାଷା କହି
ପାଠ ପଢ଼ା ମୋର ସରିଲା
ଘରେ ପାଦ ଯେବେ ଦେଲି ଦୂରୁ
ଆସି
ବିଭାଘର ମୋର ହୋଇଲା ।

ଡାକତର ପାଠ ପଢ଼ି ଆସିଥିଲି
ବାସନ ପାଇଟି ପାଇଁ,
ଝିଅ ଜନ୍ମ ମୋର ସାର୍ଥକ ହେଲା
ଶାଶୁଘରେ ପାଦ ଦେଇ ।



ସଂସାର ବଢ଼ିଲା ଦିନ ଗଡ଼ିଗଲା
କେତେ ଯେ ସରିଲା ପାଠ
ପାଠ ପଢ଼ାରେ ମୋ ଡୋରି ବନ୍ଧା ହେଲା
ଖାଲି ରହିଗଲା ଶାଠ ।

ତେଣୁ ବିଚାରିଲି ଜୀବନ ବନ୍ଚିବା
ନୁହଁଇ ସହଜ ପ୍ରାୟ
ନିଜେ ନ ମରିଲେ ଯମ ଦରଶନ
ହେବକି ହେ ଦେବରାୟ ।

ଅଣ୍ଟା ମୁଁ ଭିଡ଼ିଲି ଚାକିରି କରିଲି
ଆଗକୁ ଆଗକୁ ବଢ଼ିଲି
ଯେତେ ଆଗେ ଗଲି ପଛେ ସବୁ ଛାଡ଼ି
ଏକା ଏକା ହୁଏ ଚାଲି ।

ମନ ଦୃଢ଼ ଥିଲେ ସବୁ ଦିନେ ହୁଏ
ସମ୍ଭବ ଏ ମହୀପୃଷ୍ଠରେ
ଜାଣିଗଲି ମୁଁହି କେହି କାହା ନାହିଁ
ବଳ ଖାଲି ନିଜ ହାତରେ ?

**-ଇ. ଏସ୍. ଆଇ. ହସ୍ପିଟାଲ , ଜେ.କେ.ପୁର, ରାୟଗଡ଼ା**

## ଗୁଡ଼ି

● ଶୁଭଶ୍ରୀ ଦାଶ



ଆକାଶର ନିଶବ୍ଦ ନୀଳିମାରେ
ସ୍ୱପ୍ନକୁ ଗୁଡେଇ
ଭରୁଥାଏ ସେ
ସ୍ୱାଭିମାନର ଉଡ଼ାଣ।

ମାଟିକୁ ଛୁଇଁବା ମୋହରେ
ଯେତେଥର ତଳକୁ ଖସେ
ଲହୁଲୁହାଣ ହୁଏ
ଟାଙ୍ଗରା ଭୂଇଁରେ ମଥା ପିଟେ
ସମୟର କେଉଁ ଧାରୁଆ
ପଥରରେ ବାଜି
ଦୋହଲି ଯାଏ ଗତକାଲିର ଦମ୍ଭ।

ମୋହରୁ ଲୁହ ପର୍ଯ୍ୟନ୍ତ
ସବୁ ବିଛେଇ ପଡ଼ିଥାନ୍ତି
ରାସ୍ତାଧାରରେ।
ଏକା ଏକା ନିଜକୁ ସାଉଁଟି
କେବେ ମାଇଲ୍ ଖୁଣ୍ଟରେ ଆଉଜି
ପଡ଼େ
କେବେ କାନା ଖାଇ ଉପରକୁ
ଉଠୁ ଉଠୁ
କଣ୍ଟା ବାଡ଼କୁ ଆଦରି ନିଏ।

ପବନ ଦିଗ ବଦଳାଏ।
କେହିଜଣେ ଅଦୃଶ୍ୟରୁ ସମ୍ଭାଳିନିଏ
ଭାଗ୍ୟଡୋରକୁ ।
ସେ ଝାଡ଼ି ଝୁଡ଼ି ହେଇ ଉଠେ..
କପାଳରେ ପଡ଼ିଥିବା ଭାଙ୍ଗ ପଛର
କାହାଣୀକୁ
ସୁନା ଫରୁଆରେ ରଖି
ସାତତାଳ ପାଣି ଭିତରେ
ପୋତିପକାଏ।
ଅରାଏ ବିଶ୍ ?ାସର ସୂତାକୁ
ଛାତିରେ ଜଡ଼େଇ
ପୁଣି ଥରେ ସେ ଭରେ
ସ୍ୱାଭିମାନର ଉଡ଼ାଣ।
ଅଦୃଶ୍ୟରୁ ଶୁଭୁଥାଏ
ବିଜୟୀ ଭବଃ।



**-ଶ୍ରୀକଣ୍ଠପୁର,ବାଲେଶ୍ୱର**

## ସ୍ମୃତି ଅସଲରେ ମନ କାଗଜରେ

● ତାରାପ୍ରସାଦ ଜେନା

ସ୍ମୃତି ଅସଲରେ ମନ କାଗଜରେ ସବୁଜ
କ୍ଷେତର ରଙ୍ଗ
ପିଲାଦିନ ଖେଳ ବୋହୂଚୋରି ମେ
ମଉଜ ବଢ଼ିଆ ସାଙ୍ଗ
ସ୍ମୃତି ଅସଲରେ ମନ କାଗଜରେ .....

କେବେ କାନକୁହା କେବେ ମନମରା
ଆଙ୍ଗୁଠି ଦେଖାଇ କଟି
କୁଲୁ କୁଲୁ ହସ ଖିଆ ନିଆ ସାଥେ
ଚଗଲା ପଣର ଖଟି
ପ୍ରାଣର ରାଣରେ ତମାମ ଦିନର ଚହର
ପହର ଢଙ୍ଗ
ସ୍ମୃତି ଅସଲରେ ମନ କାଗଜରେ .....

ଯଉବନ ମଖା କଅଁଳିଆ ଗେଲେ ଅମୃତ
ଅଧର ନାଆଁ
ରୂପ ରାଇଜର ସୁନାପରୀ ସତେ କାଉଁରୀ
ଫଗୁଣ ଛୁଆଁ
ଜୀବନ ନଈରେ ସପନ ଡଙ୍ଗାରେ ଉସତ
ଧରିଲା ମଙ୍ଗ
ସ୍ମୃତି ଅସଲରେ ମନ କାଗଜରେ .....

-ରଣପୁର, ଜିଲ୍ଲା-ନୟାଗଡ଼,
୯୩୪୮୦୫୪୩୦୦

## ଶିଶୁ କବିତା

● ପୁଷ୍ପା ଞ୍ଜଳି ଆଚାର୍ଯ୍ୟ



ମେଘ ଆସେ ନଇଁ ନଇଁ
ମୋ ସୁନା ରେ
ମେଘ ଆସେ ନଇଁ ନଇଁ।
ସାଇଁ ସାଇଁ ବହେ ବତାସି ପବନ
ମୋ ଧନ କାନ୍ଦେ କଇଁ କଇଁ
ମୋ ସୁନା ରେ
ଧନ କାନ୍ଦେ କଇଁ କଇଁ।

ଟପର ଟପର ମେଘ ବରଷିଲା
କେଶୁର ମାଇଲା ଗଜା
କେଉଁ ରାଇଜରେ ରହିଲେ ମୋ
ରଜା
ତେଲିଙ୍ଗି ବାଇଦ ବଜା।

ବଣ ପାହାଡ଼ ରେ ବାଘ ହେଣ୍ଟାଳିଲା
ବିଲୁଆ ଡାକେ ହୁକେ ହୋ
ଧନ ସୁନା କୁ ମୋ ବଡ଼ ଡର
ଲାଗେ
ଧୋ ରେ ବାଇଆ ଧୋ।

ସୁନା ଚାନ୍ଦ ମୋର ବଡ଼ ଅଝଟିଆ
ମାନୁନାହିଁ କାର କଥା
ବୁଝାଇ ବୁଝାଇ ନାନା ଗୀତ ଗାଇ
ଘୁରି ଯାଏ ଆମ ମଥା।

ସାରୁ ବୁଦା ମୂଳେ ବେଙ୍ଗ ଡାକିଲାଣି
କଟର କଟର କେ
ପାହାଡ଼ ଉପରେ ମୟୂରୀ ନାଚଇ
କକ ମୋ ଧନକୁ ନେ।
ବରଷା ରାଣୀ ର ରିମିଝିମି ତାନେ
ଧନ ମୋ ନାଚ କରିବ
ବରଷା ରାଣୀ ତା ଭିଜା ପଣତରେ
ମୋ ସୁନା କୁ ଭିଜାଇଦେବ।

-ପୁରୁଣା ବଜାର, କେନ୍ଦୁଝର

## ମାଟିର ମଣିମା

● ମନୋଜ କୁମାର ଶତପଥି



ଫେରିଛନ୍ତି ରାଜା ଆଜି,
ରତ୍ନବେଦୀର ସେ ବୈଭବ ଓ
ଅହଂକାର ଛାଡ଼ି
ଆଦିମାତାର ସେଇ ମାଟି-
ଅଗଣାକୁ।
ଯେଉଁଠି ଖୋଜେନାହିଁ କେହି
ତାର ସ୍ୱର୍ଣ୍ଣର ମୁକୁଟ, ମାଗେନାହିଁ
ବ୍ରହ୍ମାଣ୍ଡର ହିସାବ କିତାବ।

ଶରଧା ଧୂଳିରେ ସେ ଆଜି ସରଳ
ପିଲାଟେ,
ଗୁଣ୍ଡିଚାର ପୁରୁଣା ପଣତେ
ସାଉଣ୍ଟୁଛି ମାତୃତ୍ୱର ତରଳ ଅମୃତ।
ଛପନ ଭୋଗର ରାଜକୀୟ
ଗାରିମା ତୁଚ୍ଛ ଲାଗେ,
ମାଆ ହାତ ଲଗା ପୋଡ଼ପିଠା
ଆଗେ।
ଏଇତ ଶିକ୍ଷା... ଏଇତ ପରମ
ଆଦର୍ଶ !
ମଣିଷ ତୁ ଶିଖ୍
ସବୁ ପାଇ ସବୁ ତ୍ୟାଗ କରିବାର
ଅପୂର୍ବ କଳା।
ବଡ଼ପଣର କୃତ୍ରିମ ଆଭରଣ
ଓହ୍ଲାଇ ରଖି,
ନିଷ୍ପେସିତ, ସାଧାରଣ ମାଟିର
ମଣିଷ ପାଖେ
ନିଜେ ମାଟି ହୋଇଯିବାର ପରମ
ଲୀଳା।
ଧନ ନୁହେଁ, ମନ ହିଁ ପରମ,
ଉଚ୍ଚ-ନୀଚ, ଜାତି-ଅଜାତିର ବାଡ଼
ଭାଙ୍ଗି
ସମର୍ପଣର ଶେଷ ସୀମା ଛୁଇଁବା
ପ୍ରକୃତ ଧରମ।
ଭକ୍ତି ତ ସେଇଠି ସାର୍ଥକ,
ଯେଉଁଠି ଭକ୍ତ ଆଗେ ଆଣ୍ଠୁମାଡେ
ଚରମ
ଲାଗେନି ସରମ।
ସ୍ନେହର ସେଇ ପବିତ୍ର
ଅଗ୍ନିଶିଖାରେ
ଜଳିଯାଏ ଦେବତ୍ୱର ସବୁ ଦାମ୍ଭିକ
ସୀମାରେଖା,
ଶ୍ରଦ୍ଧା ହିଁ ଶେଷ ସତ୍ୟ,
ଜଗତର ନାଥ ଆଜି କେବଳ
ସେଇ ଶ୍ରଦ୍ଧାରେ କ୍ଷୁଧିତ।

-ନୟାଗଡ଼,
୯୯୩୮୫୫୯୫୬୮

## ଜୟ ଜଗନ୍ନାଥ

● ଶ୍ରୀମତୀ ପ୍ରଭାତୀ ରାଣୀ ମହାନ୍ତି



ରଥପଥ ସବୁ ଏକାକାର ଆଜି
ଆସନ୍ତି କଳା ସାଆନ୍ତ
ଚାରିଆଡେ ଶୁଭେ ମଧୁର ମୁର୍ଚ୍ଛନା
ଜୟ ପ୍ରଭୁ ଜଗନ୍ନାଥ
ତୁମକୁ ଦେଖିଲେ ଗୋପ ମନେପଡେ
ଗୋପଗୋପାଳୁଣୀ ସଙ୍ଗ
ନନ୍ଦ ଓ ଯଶୋଦା ମଥୁରା କଟକ
ବୃନ୍ଦାବନ ସାତ ରଙ୍ଗ
ଫେରିବାକୁ ତୁମେ କଥାଦେଇ ଥିଲ
ଚାରିଦିନ କଷ୍ଟକରି
ଆଉ ନ ଫେରିଲ ମଥୁରା ଭୁବନ
ଦିନ ଯାଉଥିଲା ସରି
ଶୂନ୍ୟ ଶୂନ୍ୟ ସବୁ ମହାଶୂନ୍ୟ ଆଜି
ନାହିଁ ଆଉ କୋଳାହଳ
ଗଛ ପତରରୁ ବହିଯାଏ ଲୁହ
କାନ୍ଦୁଛି ଗୋଧୂଳି ବେଳ
ଫୁଟୁନି କଦମ୍ବ ଫୁଲ ଆଉ ଗଛେ
ଶୁଭୁନି ବଇଁଶୀ ସୁର
ଚାହିଁଦେ ଟିକିଏ ରଥର ଉପରୁ
ରାଧାର ଗଳାର ହାର
ରାଇ କିଶୋରିର ସେନେହ ପୀରତି
ତୋର କି ପଡୁନି ମନେ
ତୁଳସୀ ପତର ବାସନା ଚହଟେ
ତୋପାଇଁ ତୁଳସୀ ବନେ
କଳାକାହ୍ନୁ କଳା ମାଣିକ ତୁମେ
ଜଗତ ମଉଡମଣୀ
ସବୁ ଜାଣି ତମେ କିଛି କହୁ ନାଁହ
ଭାବୁଛି ମୁଁ ଜାଣିଶୁଣି
କେମିତି ବୁଝୁଛି ମନ ତୁମ ଜଗା
ତୁମେ ତ ଅନ୍ତରଜାମି
ସର୍ବଶକ୍ତିମାନ ପୁରି ରହି ଅଛ
ଭୂମା ଠାରୁ ପୁଣି ଭୂମି
କୋଟି ବ୍ରହ୍ମାଣ୍ଡର ଜଗତ ଈଶ୍ୱର
ଦୁଃଖ ବିପତ୍ତି କୁ ଟାଳି
କୃତାଞ୍ଜଳି ପୁଟେ ତବ ଶ୍ରୀ ଚରଣେ
ପ୍ରଭାତୀ କରୁଛି ଅଳି

କଟକ, ୬୩୭୧୮୧୭୯୧୫

## ଆଡପେ ମଉଡମଣି

● ରାମଚନ୍ଦ୍ର ବେହେରା

ବରଷକେ ଥରେ ଗୁଣ୍ଡିଚା ଯାତରେ
ଶ୍ରୀକ୍ଷେତ୍ର ମଉଡମଣି
ଜନମ ବେଦୀକୁ ରଥରେ ଯାଆନ୍ତି
ସାଥୀରେ ଭାଇ ଭଉଣୀ
ଆଡପ ମଣ୍ଡପେ ବସି
ଅତି ଶରଧାରେ ଭକତ ଜନଂକୁ
ଦର୍ଶନ ଦିଅନ୍ତି ହସି।
ଆଡପ ମଣ୍ଡପେ ଭିନ୍ନ ଭିନ୍ନ ବିଧି
ହୋଇଥାଏ ସାତ ଦିନ
ଜନମ ବେଦୀରେ ରାତି ଦରଶନ
ପୂର୍ଣ୍ଣ କରେ ମନସ୍କାମ
ଜାଗଇ ପରାଣେ ଭକ୍ତି
ଆଡପ ଅବଢା ଖାଆନ୍ତି ଭକତେ
ମିଳଇ ପରମ ତୃପ୍ତି।
ନୀଳାଦ୍ରିରେ ଦଶ ବର୍ଷର ଦର୍ଶନ
ଆଡପରେ ଏକଦିନ
ଶତ ଅଶ୍ୱମେଧ ଯଜ୍ଞର ସମାନ
ଦେଇଥାଏ କୋଟି ପୁଣ୍ୟ
ଦୁଃଖ ଯାଏ ଅପସରି
ଭାବ ବିନୋଦିଆ ଭାବର ଠାକୁର
ଢାଳନ୍ତି କରୁଣା ବାରି।

-ଜଗତସିଂହପୁର
୭୩୫୫୬୩୪୩୪୬

## ସତ୍ ସାହିତ୍ୟ



ଏଥର 'ସତ୍ ସାହିତ୍ୟ' କ୍ରମରେ ସକୀୟ ସୃଜନ ଉତ୍କର୍ଷ ଓ ଆଧ୍ୟାତ୍ମିକତା ପାଇଁ ସୁଖ୍ୟାତ ସାରସତ ବ୍ୟକ୍ତିତ୍ୱ ଡକ୍ଟର ପ୍ରଦୀପ କୁମାର ଚୌଧୁରୀଙ୍କ 'ପଦୋନ୍ନତି' ବିଷୟକ ସଂକ୍ଷିପ୍ତ ଅଥଚ ସାରଗର୍ଭକ ଉପସ୍ଥାପନା !!

### ପଦୋନ୍ନତି

ସଂସାରିକ ସୁଖ ଚାହୁଁଥିବା ବ୍ୟକ୍ତି ସଂସାରିକ ପଦୋନ୍ନତିରେ ଖୁସି ହୁଏ, କିନ୍ତୁ ଈଶ୍ୱର ଅନୁରାଗୀ ଭକ୍ତ କେବଳ ଈଶ୍ୱରଙ୍କ ଶ୍ରୀପଦରେ ଆତ୍ମ ଶୋଧନ ରୂପକ ପଦୋନ୍ନତି ଚାହେଁ !!

-ଡକ୍ଟର ପ୍ରଦୀପ କୁମାର ଚୌଧୁରୀ
ଭି ଏ ୩୪/୪, ୟୁନିଟ: ୨, ଭୁବନେଶ୍ୱର: ୭୫୧୦୦୯

## ମୋଠୁ ଭଲ ଲୋକ !

ଧାଡ଼ିଏ ଗପ



ମଦନିଶା ଉତୁରି
ଯିବା ପରେ ସିଏ
ଦିଶୁଥିଲେ ନିହାତି
ନିରୀହ ଓ ଲାଗୁଥିଲେ
ଭଲ ଲୋକଟେ,
ଅନ୍ତତଃ ମୋଠୁ !!

-ସତ୍ୟନାରାୟଣ ଗନ୍ତାୟତ
'ସୁହାସିତମ୍', କସ୍ତୁରୀ ନଗର,
ରାୟଗଡା : ୭୬୫୦୦୧

## ଭେଟ ହୁଅନ୍ତା କି ଥରେ

● ନିରଞ୍ଜନ ସାହୁ

କହିବେ ଆପଣ ମୋହରି ସହିତ
ସାକ୍ଷାତ କରିବେ କେବେ
ବିଶ୍ୱାସ ରହିଛି ମୋହରି ପ୍ରଶ୍ନର
ଉତ୍ତର ନିଶ୍ଚୟ ଦେବେ ।

ବହୁଦିନ ହେଲା ଆପଣଙ୍କ ସାଥେ
ଭେଟ ହୋଇନାହିଁ ଜମା
ଏ ଜନମେ କ'ଣ ଭେଟ କରିବେନି
କହିବେ କି ଅନୁପମା
ଭୁଲ ବୁଝିବେନି ପଚାରିଲି ବୋଲି
ଦୋଷ ଧରିବେନି କେବେ ।

ତୁମେ ବଦଳରେ ଆପଣ ଡାକୁଛି
ଖରାପ ଭାବିବେ ନାହିଁ
ଯାହାଙ୍କୁ ଯେମିତି ସମ୍ମାନ ଦେବାରେ
କାର୍ପଣ୍ୟ ରହିବ କାହିଁ
ଆପଣ କେଉଁଠି ମୁଁ ଏବେ କେଉଁଠି
ଜାଣିବେ ଭାବିବେ ଯେବେ ।

ସମୟ କାହାକୁ କେଉଁଠି ରଖିବ
ସେକଥା ତାହାକୁ ଜଣା
ମୁଁ ଆଜି ଏମିତି ରହିଅଛି ବୋଲି
ମନ କରୁନାହିଁ ଊଣା
ମନ କିନ୍ତୁ ଆପଣଙ୍କୁ ଖୋଜୁଅଛି
ଭେଟ ମିଳନ୍ତା କି ଏବେ ।

-ଢେଙ୍କାନାଳ,
୯୩୮୭୪୧୫୮୩

## ଗୋଟେ ରାତି

● ସନ୍ତୋଷ ମଲ୍ଲିକ୍



ଗୋଟେ ରାତି ବସି
ତୁମ ବିଷୟରେ ଲେଖିବି...

ନିଜକୁ ବାମନ,ଆଉ ତୁମକୁ
ଆକାଶର ଚାନ୍ଦ କରିବି।

ନିଜକୁ ଅଧା ଗପ,
ଆଉ ତୁମକୁ ସବୁଠୁ ସୁନ୍ଦର କରି
କବିତାରେ ଲେଖିବି।

ତୁମ ସ୍ୱର ଶୁଣିଲେ
ହୃଦୟରେ ଯେଉଁ ଅଜଣା ଅନୁଭୂତି
ଜାଗେ,
ତାକୁ ନୀରବ ପ୍ରେମ ଲେଖିବି।

ହୁଏତ ତୁମେ କେବେ ଜାଣିପାରିବ ନାହିଁ,
ତଥାପି ମୋର ପ୍ରତିଟି ପ୍ରାର୍ଥନାରେ
ତୁମ ନାଁକୁ ଚୁପ୍‌ଚାପ୍ ଲେଖିଦେବି।

ଆଉ ଯେବେ କେହି ପଚାରିବେ
'ପ୍ରେମ କାହାକୁ କୁହା ଯାଏ ?'
ମୁଁ ହସିକି କହିଦେବି

ଯାହାକୁ ଦେଖିଲେ ହୃଦୟ ନିରବି ଯାଏ,
ଯାହାକୁ ଭାବିଲେ ରାତି ଲମ୍ବା
ହୋଇ ଯାଏ ,
ଯାହାର ନାଁ ନେଲେ ମନ
ନାଚିଉଠେ,

ସେଇ ଅନୁଭୂତିଟା ହିଁ ପ୍ରେମ।
ଆଉ ସେ ପ୍ରେମ ର କବିତା ରେ
ତୁମକୁ ନାଇକା କରି ସଜାଇବି।

-ନିଆଳି କଟକ
୯୧୭୮୮୨୨୩୨୩

## ଚକାନୟନ

● ଡ.ମାହେଶ୍ୱରୀ ପ୍ରସାଦ

ଆହେ ଜଗତର ନାଥ ଜଗନ୍ନାଥ
ତୁମ ଚକାନୟନ ରେ ପଲକ ପଡେନା
ଭକତ କୁ ଦେଖା ନ ଦେବା ଯାଏଁ ।
ଭାବ ବିନୋଦିଆ ଠାକୁର ତୁମେ
ଭକତ ର ନୟନ ତୁମ
ଚକାନୟନ ସଂଗେ
ମିଶିଗଲେ ତୁମେ ହେଇଯାଅ ସେ
'ଭକ୍ତ ର ଭଗବାନ '।
ଭକ୍ତ ଓ ଭଗବାନ ଙ୍କ ସେ ମିଳନ ର
ଅନୁଭବ ପରସ୍ପର ମଧ୍ୟରେ ଯୋଗସୂତ୍ର
ରଖୁଥିବା ମାଧ୍ୟମ ।
ସେଥିପାଇଁ ତ ତୁମ ଚକାନୟନ କୁ
ଯେତେ ଦେଖିଲେ ବି
ଭକ୍ତ ର ମନ ତୃପ୍ତ ହୁଏନା
ଆହୁରି ଦେଖିବା ପାଇଁ ଇଚ୍ଛା ହୁଏ ।
ସେ ଚକାନୟନ ଯୁଗଳ ର ଦର୍ଶନ
ମାତ୍ରେ ଭକ୍ତ ଉଦ୍ଧ୍ୱବାହୁ ମୁଦ୍ରାକୁଆସେ
ଆପେ ତା ମୁହଁରୁ ଉଚ୍ଚାରିତ ହୁଏ
'ଜୟ ମହାପ୍ରଭୁ ଜଗନ୍ନାଥ' ।

-ପାଣିଗ୍ରାହୀ, ସମ୍ବଲପୁର

## ଫେରିଆରେ ଜଗା

● ଦୀପକ କୁମାର ନାୟକ

ଭକତଟେ ତୋତେ ଡାକୁଥାଏ
ବୋଲି
ଛାଡିଗଲୁ ଶ୍ରୀମନ୍ଦିର
ଅଚିନ୍ତାରେ ଭାଇ ଭଉଣୀଙ୍କୁ ନେଇ
ବୁଲୁଛୁ ମାଉସୀ ଘର ।।
ବଡ଼ଦାଣ୍ଡେ ଭକ୍ତ ଯେତେ ଡାକିଲେ ବି
ଡ଼ାକ ତୋତେ ଶୁଭେନାହିଁ
କେମିତି ଶୁଭିବ ମାଉସୀ ଘରେ ତୁ
ମଉଜ କରୁଛୁ ଯାଇ ।।
ଭାଇ ଭଉଣୀଙ୍କୁ ନେଇ ତୁ ମଉଜ
କରୁଅଛୁ ସିନା କେତେ
ତୋତେ ଡାକି ଡ଼ାକି ଭକତ
ତୋହର
ଦୁଃଖ ପାଇଲେଣୀ ଯେତେ ।।
କେତେ ଦୁଃଖ ଆଉ ଦବୁରେ
କାଳିଆ
ଭକତ ମାନଙ୍କୁ ତୁହି
ତୋତେ ଚାହିଁ ଚାହିଁ ବେଳ ସରେ
ସିନା
ଦେଖା ତୋର ମିଳେନାହିଁ ।।
ଫେରିଆରେ ଜଗା ତୋ
ବଡ଼ଦେଉଳ
ଫେରିଆ ତୋ ଶ୍ରୀମନ୍ଦିର
ଯେମିତି ଭକ୍ତର ଦୁଃଖ ବୁଝୁଥିଲୁ
ସେମିତି ପୁଣି ତୁ କର
ସେମିତି ପୁଣି ତୁ କର ।।

-ଢ଼େଙ୍କାନାଳ
୮୬୩୭୨୬୧୮୨୮

## ଦେଖିଯିବା ସଖୀ ରଥ ଯାତରା

● ନିରଞ୍ଜନ ସାହୁ

ଆସିଅଛି ଘୋଷ କରନାହିଁ ରୋଷ
ଶ୍ରୀକ୍ଷେତ୍ର ଧାମକୁ ଯିବା
ରଥାରୁଢ ଦିଅଁ ଦର୍ଶନ କରିବା
ଅହୋ ଭାଗ୍ୟ ଆମ କିବା !
ରଥରେ ବାମନ ଦର୍ଶନ କରିଲେ
ପୁନର୍ଜନ୍ମ ହୁଏ ନାହିଁ
ପାପନେତ୍ର ଖୋଲି ଦେଇକରି ଆମେ
ଦିଅଁଙ୍କୁ ରହିବା ଚାହିଁ।
ପହଣ୍ଡି ବିଜୟ ସେଠାରେ ଦେଖିବା
ରଥାରୁଢ ଦିଅଁ ହେବେ
ଗଜପତି ମହାରାଜ ତାମଯାନେ
ପହଞ୍ଚି ଦର୍ଶନ ଦେବେ ।
ଛେରାପହଁରାର ନୀତି ସମାପନେ
ରହୁବର ହେବ ଟଣା
ଭଲକି ମୋ ହାତ ଧରିଥିବୁ ସଖୀ
ନହେଲେ ହୋଇବୁ ବଣା ।
ରଥ ଦଉଡିରେ ହାତ ଦେଇ ଆମେ
ଟାଣିବା ଟିକିଏ ରଥ
ବଡ଼ଦାଣ୍ଡେ ହରିବୋଲ ପଡୁଥିବ
ଲୋକାରଣ୍ୟ ହେବ ପଥ ।
ମାଉସୀମା ପୋଡ଼ପିଠା ଖୁଆଇବେ
ଖାଇବେ ଚତୁର୍ଦ୍ଧାମୂର୍ତ୍ତି
ଭକ୍ତ ସାଲବେଗ ଦର୍ଶନ କରିବେ
ତାଙ୍କ ମନ ହେବ ପୁର୍ତ୍ତି ।
ରଥ ଗଡ଼ିଗଡ଼ି ଗୁଣ୍ଡିଚା ମନ୍ଦିର
ନିକଟେ ଅଟକି ଯିବ
ଗୁଣ୍ଡିଚା ରାଣୀଙ୍କ ମନରେ ଆଜି ତ
କେତେ ଖୁସି ଭରିଥିବ ?
ପହଣ୍ଡି ବିଜୟେ ଆଡ଼ପ ମଣ୍ଡପେ
ଠାକୁରେ ଯେ ବିଜେ ହେବେ
ଜନମ ବେଦୀରେ ଭକତମାନଙ୍କୁ
ଠାକୁରେ ଦର୍ଶନ ଦେବେ ।
ଆଡ଼ପ ଅଭଡ଼ା ସେଠାରେ ମିଳିବ
ଖାଇବେ ଭକତ ଗଣ
ଶରଧା ବାଲିରେ ଗଡ଼ି ଯାଉଥିବେ
ଶରଧାରେ ଜଣ ଜଣ ।

-ଢେଙ୍କାନାଳ

## ଭଲ ଅଛତ ସାଆନ୍ତେ

● ଦେବାଶିଷ ଚକ୍ରବର୍ତ୍ତୀ



କେମିତି ଅଛ ସାଆନ୍ତେ
ଏଇ ଅଣସର ରେ
ତୁମେ ପୁଣି ସୁସ୍ଥହୋଇ
ଉଠିବନି କି
ଦିନ କେଇଟା ରେ ?
ତୁମକୁ ଜର ହୋଇଛି ବୋଲି ସିନା
ଏତେ ଉପଚାର
ତୁମଠି ଲାଗି ହେଉଛି ଦଶମୂଳ
ଫୁଲୁରି ତେଲ,
ଉଭା ଅମେଇସା ପରଦିନ
ଅଗୁରୁ, ଚନ୍ଦନ, କସ୍ତୁରୀ, କୁଙ୍କୁମ
ଲାଗିହୋଇ
ଫେରି ପାଇବ ନବ ଯୌବନ
ହେଲେ, ଆମ ଜୀବନରେ ତ
ଅଣସର ଚିରଦିନ।

ବଳରାମ ଦାସେ ଲେଖିଥିଲେ
ଲକ୍ଷ୍ମୀ ପୁରାଣ
ତୁମେ କାଳିଆ ବଳିଆ ଦି ଭାଇ
ଅଖିଆ ଅପିଆ ବାର ଦୁଆର ବୁଲି
ହରଡଘଣା ରେ ପଡିଲେ ବି
ଢେଏର୍ ବଡ଼ି ନଥିଲା କି
ମା ଲକ୍ଷ୍ମୀ ସାଆନ୍ତାଣୀ ଙ୍କ ମାନ ?
ହେଲେ ଶ୍ରୀୟାମାନେ ସତରେ
ହୋଇଛନ୍ତି କି ଭାଜନ ?

ହୁଏତ ମିଛ ମଣିପାର ତେମେ
ଆପଣେ !
ଆମ ତିରିଲାଙ୍କ ଅବସ୍ଥା
ଶ୍ରୀୟା ଠୁଁ ବି ନିଉଛୁଣା
ସକାଳ ରୁ ବେଳ ବୁଡ ଯାଏ
ବିଲ, ଗୁହାଳ, ପର ଦୁଆରେ
ଯେତେ ଖଟିଲେ ବି କାଣିଚାଏ ବି
ଉଣାହୁଏ କି ଗଞ୍ଜଣା ?
ତାଙ୍କ ପାଇଁ ନିଖୋଜ୍ ହୋଇ
ଯାଏନି କି
ସୁଖ ଚଢ଼େଇ ର ଠିକଣା ?

ମଣିମା ! ତୁମ ପାଇଁ ସିନା ଫି ଦିନ
ଲାଗି ହେଉଛି ଛପନ ପଉଟି
ହେଲେ ମେଘ କୁ ଚାତକ ଚାହିଁବା
ପରି
ଆମ ଆଖି ପରା ତରାସୁଛି
ପାଇବାକୁ ଭାତ ଦି ମୁଠି
ମେଘ କୁ ସିନା ମେଖଳା କରି
ନାଉଛି
ତୁମ ଦେଉଳ
ହେଲେ ଆମେ ତ ମୁଣ୍ଡ ଗୁଞ୍ଜିବାକୁ
ଖୋଜି ବୁଲୁଛୁ ବଖୁରିଏ
ଚାଳି ଘର।

-କେନ୍ଦୁଝର ଗଡ
୯୪୩୭୭୫୨୩୯୫

## ବଡ଼ ଭାଇ

● ବସନ୍ତ କୁମାର ପ୍ରଧାନ

ଆମ ସଂସ୍କୃତିରେ ବଡ଼ ଭାଇର
ରହିଛି ସତନ୍ତ୍ର ସ୍ଥାନ
ପରିବାର ପାଇଁ ବଡ଼ ଭାଇର
ରହେ ବହୁ ଅବଦାନ।

ପିତାମାତାଙ୍କର ଅଖଣ୍ଡ ବ୍ରହ୍ମର
ସେହି ମୂର୍ତ୍ତିମନ୍ତ ସତ୍ତା
ଭକ୍ତି ସମ୍ମାନ ଲାଭ କରି ସଦା
କରିଥାନ୍ତି ହିତ ଚିନ୍ତା।

ବରଗଛର ଓହଳ ପରି ସେ
ଦିଅନ୍ତି ଦମ୍ଭ ବାପାଙ୍କୁ
ସେହି ଅଲିଖିତ ରାମାୟଣଟିଏ
ଉଜ୍ଜ୍ୱଳ କରେ ବଂଶକୁ।

ଛୋଟ ଛୋଟ ନିଜ ଭାଇ ଭଉଣୀଙ୍କୁ
କରନ୍ତି ସ୍ନେହ ଆଦର
କେଉଁପରି ଭଲ ମଣିଷ ହୋଇବେ
ଦାୟିତ୍ୱ ଥାଏ ତାଙ୍କର ।

-ଅନୁଗୋଳ,
୭୭୩୫୬୧୧୪୮୪

## ହେ କଳା ଠାକୁର

● କବି କେଶବ ଚନ୍ଦ୍ର ନାୟକ

ହେ କଳା ଠାକୁର
ହେ କମଳା ବର
କାହିଁକି ଖୋଲି ଦେଲ ଟାହିଆ ତୁମର... !!

ଆଷାଢ଼େ ଗୁଣ୍ଡିଚା ଯାତ୍ରା ହୁଅଇ
ପତିତ ଜନଙ୍କୁ ଉଦ୍ଧାର ପାଇଁ
ସିଂହାସନ ଛାଡ଼ି ବଡ଼ ଦାଣ୍ଡରେ
ବିଜେ କର ପ୍ରଭୁ ନନ୍ଦିଘୋଷରେ
ହେ ମୁରଲୀଧର
ହେ ବଡ ଠାକୁର
କାହିଁକି ଖୋଲି ଦେଲ ଟାହିଆ ତୁମର... !!

ସାତ ପାହାଚେ ଅପେକ୍ଷା କରି
ଟାହିଆ ଧାରଣ କର ଶ୍ରୀ ହରି
ଗୋଟି ପହଣ୍ଡିରେ ଆସିଲା ବେଳେ
କି ସୁନ୍ଦର ଟାହିଆ ଶରୀରରେ ଧୁଲେ
ହେ କଳା ନାଗର ସେ କରୁଣା କର
କାହିଁକି ଖୋଲି ଦେଲ ଟାହିଆ ତୁମର... !!

ଶୀରକୁ ଶୋଭିତ ଟାହିଆ ଫୁଲ
ଦୂରୁ ଆକର୍ଷିତ ନେତ୍ର ଯୁଗଳ
ଢଳି ଢିଳି ପଥେ ଗମନ କାଳେ
ବାରି ହୋଇ ପଡ ଭକ୍ତ ଗହଳେ
ହେ ବଇଁଶୀ ଧର
ହେ ଗଳାର ହାର
କାହିଁକି ଖୋଲି ଦେଲ ଟାହିଆ ତୁମର... !!

-ମାଲକାନଗିରି

## ପୁଲ୍ଲକିତ ହେବ ଧରା

● ଗୀତାଞ୍ଜଳି ପୃଷ୍ଟି



କୋଟି ଲାବଣ୍ୟକୁ ଉପହାସ କରି
ତୁମ ରୂପକାନ୍ତି ହସେ
କହ କଳାକାହ୍ନୁ କଳାଠାକୁରହେ
ଏମିତି କାହିଁକି ଦିଶେ ।।

ରଥ ପଥ ଆଜି ଶୋଭା
ପାଉଅଛି
ତୁମ ଦିବ୍ୟ ସ୍ୱର୍ଶ ପାଇ
ଦେବତା ମାନବ ସର୍ବେ
ଏକାକାର
ଭାବ ଭକ୍ତି ସୁଧା ନେଇ।।

କେ ?ଦେ ଅନୁପମ ରହସ୍ୟ ଗହନ
ବୁଝିବାକୁ କେ ସମର୍ଥ
ଜଗତ କରତା ଆହେ ଜଗନ୍ନାଥ
କରୁଅଛି ମଥାନତ ।।

ଦୟଣା କୁସୁମ ତୁଳସୀର ହାର
କଣ୍ଠେ ପାଉଅଛି ଶୋଭା
ସୁବର୍ଣ୍ଣର ଚିତା ଶ୍ରୀଅଙ୍ଗ ଶୋଭିତା
ଲକ୍ଷେ ଜ୍ୟୋତିପୂର୍ଣ୍ଣ ଆଭା ।।

ରତ୍ନ ସିଂହାସନୁ ଆସିଛ ଓହ୍ଲାଇ
ସଦେହରେ ବଡ଼ ଦାଣ୍ଡେ
ଭାଇ ଭଉଣୀଙ୍କୁ ଦେଖି ଭକ୍ତଗଣ
ସ୍ଥାଣୁ ହୋଇଯାନ୍ତି ଦଣ୍ଡେ ।।

ଶଙ୍ଖକ୍ଷେତ୍ର ଆଜି ପଡୁଛି ଉଛୁଳି
ରୋମାଞ୍ଚିତ ରମ୍ୟବନ
ଶ୍ରୀଅଙ୍ଗ ପରଶେ ବହୁଛି ସମୀର
ଛୁଇଁ ଛୁଇଁ ଭକ୍ତ ଜନ ।।

ବଡ଼ଦଣ୍ଡ ଧୂଳି ଆବେଗେ ଅସ୍ଥିର
ଅସୁମାରୀ ଆଶା ନେଇ
ଭକ୍ତ ଭଗବାନ ଏକତ୍ର ଯେଉଁଠି
ନିର୍ବିକାର ଭାବ ବହି ।।

କି ମାୟା ତୁମର ହଟିଆ ନାଗର
ଭକ୍ତ ମନ ଜିଣା ରୂପ
ହରିବୋଲ ସଙ୍ଗେ କଣ୍ଠେ
ହୁଳହୁଳି
ସଂକୀର୍ତ୍ତନ ଅନୁରୂପ ।।

ରଥ ବି ବିଭୋର ପଥ ବି
ବିଭୋର
ଭକତ ବିଭୋର ପଣ
ଆନନ୍ଦେ ଉଛୁଳି ଅଶ୍ରୁ ପଡ଼େ ଗଳି
କି ଭାବ ମନମୋହନ ।।

-କଟକ
୮୯୧୭୪୧୬୨୫୧



ରବିବାର ୧୯।୦୭।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

## ଉଜ୍ଜ୍ୱଳଙ୍କ ପଦ୍ମମୁଖୀ ଯାତ୍ରା, ଖଡ଼ିଆଳ ରାଜନୀତିରେ ହଲଚଲ



ନୂଆପଡା, ୧୮/୦୭( ଅକ୍ଷର ଓଡିଶା ) ଖଡ଼ିଆଳର ରାଜନୀତି ଏବେ ଗୋଟିଏ ପ୍ରଶ୍ନକୁ ନେଇ ଶଙ୍କା 'ନେତାଙ୍କ ଲକ୍ଷ୍ୟ ବିକାଶ ନା କ୍ଷମତାର ନିକଟରେ ରହିବା ?' କେବେ କଂଗ୍ରେସ, ପରେ ବିଜେଡିକୁ ସମର୍ଥନ ଏବଂ ଏବେ ବିଜେପି। ମାତ୍ର ଚାରି ବର୍ଷରେ ତିନୋଟି ଦଳ ପାଇଁ କାମ କରି ରାଜନୀତି କରିବା ପରେ ଖଡ଼ିଆଳ ଏନଏସି ଅଧ୍ୟକ୍ଷ ଉଜ୍ଜ୍ୱଳ ଗୁପ୍ତା ପୁଣି ଥରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁକୁ ଆସିଛନ୍ତି। ତାଙ୍କର ଏହି ନୂଆ ରାଜନୈତିକ ନିଷ୍ପତ୍ତି କେବଳ ଦଳ ପରିବର୍ତ୍ତନ ନୁହେଁ, ବରଂ ଆଜିର ରାଜନୀତିର ଚେହେରାକୁ ନେଇ ଏକ ବଡ଼ ବିତର୍କର ସୃଷ୍ଟି କରିଛି। ରାଜନୈତିକ ବିଶ୍ଳେଷକଙ୍କ ମତରେ, ଏହା ବିଚାରଧାରାର ପରିବର୍ତ୍ତନଠାରୁ ଅଧିକ 'କ୍ଷମତାର ରାଜନୀତି'ର ଉଦାହରଣ। ଯେଉଁଠି କ୍ଷମତା ଥାଏ, ସେଠି ରାଜନୈତିକ ଆକର୍ଷଣ ବଢ଼ିଯାଏ। ଓଡ଼ିଶାରେ ସରକାର ବଦଳିବା ପରେ ଅନେକ ନେତାଙ୍କ ରାଜନୈତିକ ନିଷ୍ଠା ମଧ୍ୟ ବଦଳିଯାଇଛି। ଏହା କଣ ସଂଯୋଗ, ନା ରାଜନୈତିକ ଗଣିତର ଏକ ସୁଚିନ୍ତିତ ଚାଲ ? ଉଜ୍ଜ୍ୱଳ ଗୁପ୍ତାଙ୍କ ସମର୍ଥକମାନେ କହୁଛନ୍ତି ଯେ ଶାସକ ଦଳ ସହ ରହିଲେ ଖଡ଼ିଆଳ ଅଧିକ ବିକାଶ ପାଇବ। ସରକାରୀ ପାଣ୍ଠି ଆସିବ, ପ୍ରକଳ୍ପ ଆସିବ, ଅଞ୍ଚଳର ଉନ୍ନତି ହେବ। କିନ୍ତୁ ବିରୋଧୀମାନଙ୍କ ପ୍ରଶ୍ନ ମଧ୍ୟ କମ୍ ଗୁରୁତ୍ୱପୂର୍ଣ୍ଣ ନୁହେଁ ଯଦି ବିକାଶ ପାଇଁ ଦଳ ବଦଳାଇବା ଆବଶ୍ୟକ, ତେବେ ବିରୋଧୀ ଦଳରେ ଥିବା ଅଞ୍ଚଳଗୁଡ଼ିକ କଣ ବିକାଶର ଅଧିକାର ହରାଇବେ ? ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ଜନାଦେଶର। ଖଡ଼ିଆଳ ବାସୀ ଯେଉଁ ପ୍ରତୀକକୁ ଦେଖି ଭୋଟ ଦେଇଥିଲେ, ସେହି ପ୍ରତୀକ ଓ ବିଚାରଧାରାର ପ୍ରତିନିଧିତ୍ୱ କରିବାର ନୈତିକ ଦାୟିତ୍ୱ କ'ଣ ଜଣେ ନିର୍ବାଚିତ ନେତାଙ୍କ ଉପରେ ନାହିଁ ? ବାରମ୍ବାର ଦଳ ପରିବର୍ତ୍ତନ କରିବା କି ଲୋକଙ୍କ ବିଶ୍ୱାସର ସମ୍ମାନ, ନା ଜନମତକୁ ଅବମୂଲ୍ୟାୟନ କରିବା ? ଖଡ଼ିଆଳର ଚା' ଦୋକାନଠାରୁ ଆରମ୍ଭ କରି ସୋସିଆଲ ମିଡିଆ ପର୍ଯ୍ୟନ୍ତ ଏବେ ଗୋଟିଏ କଥା ଚର୍ଚ୍ଚା ହେଉଛି' ନେତା ବଦଳିଲେ ଦଳ ବଦଳେ, ନା ଦଳ ବଦଳିଲେ ନେତା ?'ଆଜି ଉଜ୍ଜ୍ୱଳ ଗୁପ୍ତାଙ୍କ ଦଳବଦଳ କେବଳ ଜଣେ ନେତାଙ୍କ କାହାଣୀ ନୁହେଁ। ଏହା ଓଡ଼ିଶାରବଦଳୁଥିବା ରାଜନୀତିର ଏକ ପ୍ରତୀକ। ଏବେ ଦେଖିବାକୁ ବାକି ରହିଲା, ଖଡ଼ିଆଳର ଭୋଟରମାନେ ଏହି ରାଜନୀତିକୁ ବିକାଶର ରଣନୀତି ଭାବେ ଦେଖୁଛନ୍ତି, ନା ଅନ୍ୟ ଉଦ୍ଦେଶ୍ୟ ର ଏକ ନୂଆ ଅଧ୍ୟାୟ ଭାବେ।' ତିନି ବର୍ଷ, ତିନି ଦଳ, ଗୋଟିଏ ନେତା, ଏହା ରାଜନୈତିକ ପରିପକ୍ୱତାର କାହାଣୀ, ନା ସୁଯୋଗବାଦର ସବୁଠାରୁ ବଡ଼ ଉଦାହରଣ ? ଏହାର ଉତ୍ତର ଦେବେ ଖଡ଼ିଆଳର ଜନତା।'

## ଘୋଷଯାତ୍ରା କାର୍ଯ୍ୟକ୍ରମରେ ପ୍ରଫେସର ମନୋଜ ନାୟକଙ୍କ ଯୋଗଦାନ

କଟକ ସଦର ୧୮/୭:(ଅକ୍ଷର ଓଡିଶା )କଟକ ସଦର ନିର୍ବାଚନ ମଣ୍ଡଳୀ, ବୟାଳିଶ ମୌଜା ଦ୍ୱୀପାଞ୍ଚଳରେ ଥିବା ବିଭିନ୍ନ ଗ୍ରାମରେ, ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଘୋଷଯାତ୍ରା ଖୁବ୍ ଆନନ୍ଦ ଓ ଉଲ୍ଲାସର ସହିତ ସମ୍ପନ୍ନ ହୋଇଯାଇଛି।ତନ୍ମଧ୍ୟରୁ ବେଣ୍ଟକାର ଠାରେ ଆୟୋଜିତ ହୋଇଥିବା ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ଓ କଳପଡା ଗ୍ରାମପଞ୍ଚାୟତ ଅଧିନସ୍ଥ ରାଉତରାପୁର ଗ୍ରାମରେ ଅନୁଷ୍ଠିତ ଘୋଷଯାତ୍ରା ଅନ୍ୟତମ। ସୂଚନା ଯୋଗ୍ୟ ଯେ, ରାଉତରାପୁର ଠାରେ ଚଳିତ ଘୋଷଯାତ୍ରାରେ ପ୍ରଥମ ଥର ତିନି ଗୋଟି ରଥ ଟଣାର ଆୟୋଜକ କରାଯାଇଥିଲା।ଉକ୍ତ ଉଭୟ ସ୍ଥାନରେ ଅନୁଷ୍ଠିତ ରଥଯାତ୍ରାରେ, ୟୁନିଅନ ଫର କଟକ ସଦର ଡେଭଲପମେଣ୍ଟର ପ୍ରତିଷ୍ଠାତା ସଭାପତି , ଭୂମିପୁତ୍ର ତଥା ଲୋକମାନଙ୍କର ସୁଖ ଦୁଃଖର ସହଭାଗୀ ପ୍ରଫେସର ମନୋଜ କୁମାର ନାୟକ, ଶ୍ରଦ୍ଧାଳୁ ମାନଙ୍କ ସହିତ ସାମିଲ ହୋଇ, ରଥ ଟାଣି ଜଗତର ମଙ୍ଗଳ କାମନା କରି ମହାପ୍ରଭୁଙ୍କ ଆଶିଷ ଭିକ୍ଷା ଲାଭ କରିଥିଲେ।

## ସ୍କୁଲ ତାଲା ଭାଙ୍ଗି ଚୋରି

ରାଜକନିକା ୧୮/୭(ଅକ୍ଷର ଓଡିଶା ) ରାଜକନିକା ବ୍ଲକ ପାରିନୁଆପଡା ସରକାରୀ ୟୁଜିୟୁପି ସ୍କୁଲର ତାଲା ଭାଙ୍ଗି ରେକର୍ଡପତ୍ର,ଅଫିସ ଷ୍ଟେସନାରୀ ଓ ପାଣିଟ୍ୟାପ ଚୋରି ହୋଇଥିବା ଅଭିଯୋଗ ହୋଇଛି। ରଥଯାତ୍ରା ଛୁଟି ଥିବାରୁ ବିଦ୍ୟାଳୟ ପରିସରରେ ପଶି ଦୁର୍ବୃତ୍ତ ମାନେ କାଣ୍ଡ ଘଟାଇଥିବ ବିଦ୍ୟାଳୟର ଶିକ୍ଷିକା ସସ୍ମିତା ମାହନ୍ତ ରାଜକନିକା ଥାନାରେ ଏତଲା ଦେଇ ଦୁର୍ବୃତ୍ତମାନଙ୍କୁ ଦଣ୍ଡିତ କରିବାକୁ ଦାବୀ କରିଛନ୍ତି।

## ଗ୍ରାମୀଣ ପାର୍କରେ ହରିଲୁଟ



ନୂଆପଡା, ୧୮/୦୭( ଅକ୍ଷର ଓଡିଶା )ଗ୍ରାମାଞ୍ଚଳର ଶୋଭାବର୍ଦ୍ଧନ ସହିତ ଶିଶୁମାନଙ୍କ ସହ ଗ୍ରାମବାସୀଙ୍କ ଆମୋଦପ୍ରମୋଦ ଲକ୍ଷ୍ୟରେ ପ୍ରତ୍ୟେକ ବ୍ଲକ ତରଫରୁ ମନରେଗା ଯୋଜନା ମାଧ୍ୟମରେ ନିମାର୍ଣ ହେଲା ଗ୍ରାମିଣ ପାର୍କ। ଜିଲ୍ଲାର ଖଡ଼ିଆଳ ବ୍ଲକ ଅନ୍ତର୍ଗତ ବାଦି ଗ୍ରାମ ପଞ୍ଚାୟତର ବାଦି ଗ୍ରାମରେ ଏହି ପାର୍କ ନିର୍ମାଣ ୨୦୨୧/୨୨ ରେ ଆରମ୍ଭ ହେଲା। ଏଥିପାଇଁ ମନରେଗା ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୩୫ ଲକ୍ଷ ଟଙ୍କା ଓ ପରେ ୯ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ପାର୍କରେ ଥିବା ଏକ ବୋର୍ଡ ରେ ୩୫ ଲକ୍ଷ ଟଙ୍କା ଅଟକଳ ମୂଲ୍ୟ ଥିବା ବେଳେ ନେଟ ରେ ତାହା ୩୦ ଲକ୍ଷ ୮୭ ହଜାର ଟଙ୍କା ପ୍ରଦର୍ଶିତ ହେଉଛି। ସେହିପରି ନେଟରେ ଆଉ ୯ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ପ୍ରଦର୍ଶିତ ହେଉଥିବା ବେଳେ କୌଣସି ବୋର୍ଡ ସେଠାରେ ନାହିଁ। ସେହିପରି ପାଚେରୀ ନିର୍ମାଣ ପାଇଁ ସି ଏଫ୍ ସି ରୁ ୩,୬୬୦୩୨ ଟଙ୍କା ଖର୍ଚ୍ଚ ହୋଇଥିବା ଉଲ୍ଲିଖିତ ଅଛି। ପାର୍କରେ କୌଣସି କାର୍ଯ୍ୟ ହୋଇ ନଥିବାରୁ ଏହା ସମ୍ପୂର୍ଣ୍ଣ ହରିଲୁଟ କରା ହୋଇଛି ବୋଲି ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ଏହି ଗ୍ରାମୀଣ ପାର୍କରେ କେବଳ ଏକ ପାଦ ଚଲା ରାସ୍ତାକୁ ଛାଡ଼ିଦେଲେ କିଛି ମଧ୍ୟ ନାହିଁ। ନା ଏଠି ବସିବା ପାଇଁ ବେଞ୍ଚ ଅଛି ନା ପିଲା ମାନଙ୍କ ଖେଳିବା ପାଇଁ ଝୁଲା, ସ୍ଲାଇଡ୍ ଆଦି ଅଛି। ସୋଲାର ଲାଇଟ୍ ବ୍ୟବସ୍ଥା ନଥିବା ବେଳେ ପାନୀୟ ଜଳର ସୁବିଧା ନାହିଁ। ସୋନ୍ଦର୍ଯ୍ୟକରଣ ପାଇଁ ଶୋଭା ବର୍ଦ୍ଧକ ଗଛ ନାହିଁ। ଲୋକେ ଅଭିଯୋଗ କରନ୍ତି ବିଭିନ୍ନ ଖେଳ ସାମଗ୍ରୀ ଆଣି କିଛି ଦିନ ରଖିଲା ପରେ ପ୍ରଶାସନ କୁଆଡେ ନେଇ ଗଲା କେହି ଜାଣନ୍ତି ନାହିଁ। ଯଦି ପାର୍କରେ କିଛି ନାହିଁ ତାହା ହେଲେ ଚାଳିଶ ଲକ୍ଷରୁ ଉକ୍ଷରୁ ଟଙ୍କା ଖର୍ଚ୍ଚ କିପରି ହେଲା ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଏହାର ଏକ ଉଚ୍ଚ ସ୍ତରୀୟ ତଦନ୍ତ ସହ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଲୋକେ ଦାବି କରିଛନ୍ତି। ପୂର୍ବେ ଏହି ସ୍ଥାନରେ ଶତାଧିକ ଗଛ ରହିଥିଲା କିନ୍ତୁ ପାର୍କ ନାମରେ ସବୁ କାଟି ଦିଆଗଲା ବୋଲି ସମସ୍ତେ କହିଛନ୍ତି।

### ବାଲ୍ୟ ବିବାହ ମୁକ୍ତ ପାଇଁ ପ୍ରଶାସନର ବଡ଼ ପଦକ୍ଷେପ

# ଜିଲ୍ଲାସ୍ତରୀୟ କାର୍ଯ୍ୟାନ୍ୱୟନ ଖସଡ଼ା ଉନ୍ମୋଚିତ



ମାଲକାନଗିରି, ୧୮/୦୭ (ପ୍ରଦୀପ ରାଉଳ)ମାଲକାନଗିରି ଜିଲ୍ଲା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ବାଲ୍ୟ ବିବାହ ନିରାକରଣ ନିମନ୍ତେ ଏକ ଜିଲ୍ଲାସ୍ତରୀୟ ସ୍ୱତନ୍ତ୍ର କାର୍ଯ୍ୟାନ୍ୱୟନ ତାଲିମ କାର୍ଯ୍ୟକ୍ରମ ଓ ସମୀକ୍ଷା ବୈଠକ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ସୁଚିନ୍ତିତ ନିର୍ଦ୍ଦେଶ କ୍ରମେ ଆୟୋଜିତ ଏହି ଉଚ୍ଚସ୍ତରୀୟ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ଜିଲ୍ଲାରୁ ବାଲ୍ୟ ବିବାହର ସମ୍ପୂର୍ଣ୍ଣ ଉଚ୍ଛେଦ ପାଇଁ ଏକ ଦୀର୍ଘକାଳୀନ ରଣନୀତି 'ଜିଲ୍ଲା ଏକ୍ସନ୍ ପ୍ଲାନ୍ (ଡ୍ରାପ୍ ୨୦୨୬୨୦୨୯)' ପୁସ୍ତିକାକୁ ଉପସ୍ଥିତ ଅତିଥିମାନେ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରିଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥୀ ସରାବୁ, ଉପ-ଜିଲ୍ଲାପାଳ ଦୂର୍ଯ୍ୟୋଧନ ଭୋଇ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଚିତା ପଣ୍ଡା, ୟୁନିସେଫର ରିସୋର୍ସ ପର୍ସନ ଘାସିରାମ ପଣ୍ଡା, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଡାକ୍ତର ରଣସିଂ ଏବଂ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନାରାୟଣ ଦାସ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ନିଜର ଏକ ସ୍ୱତନ୍ତ୍ର ବାର୍ତ୍ତାରେ ପ୍ରକାଶ କରିଛନ୍ତି ଯେ, ବାଲ୍ୟ ବିବାହ କେବଳ ଆଇନଗତ ଅପରାଧ ନୁହେଁ, ବରଂ ଏହା ଶିଶୁ ସୁରକ୍ଷା, ମାନବିକ ଅଧିକାର ଓ ସମାଜର ପ୍ରଗତି ପଥରେ ଏକ ବଡ଼ ପ୍ରତିବନ୍ଧକ । ମାଲକାନଗିରିକୁ ଏକ ପ୍ରଗତିଶୀଳ ଏବଂ ବାଲ୍ୟ ବିବାହ ମୁକ୍ତ ଜିଲ୍ଲାରେ ପରିଣତ କରିବା ପ୍ରଶାସନର ପ୍ରାଥମିକ ସଂକଳ୍ପ । ବାଲ୍ୟ ବିବାହ ଭଳି ସାମାଜିକ ବ୍ୟାଧିକୁ କେବଳ ଆଇନ ବଳରେ ନୁହେଁ, ବରଂ ଶିକ୍ଷାର ବ୍ୟାପକ ପ୍ରସାର ଏବଂ ପ୍ରତ୍ୟେକ ସ୍ତରରେ ମିଳିତ ସହଯୋଗ ଦ୍ୱାରା ହିଁ ସମ୍ପୂର୍ଣ୍ଣ ରୂପେ ନିର୍ମୂଳ କରାଯାଇପାରିବ । ଶିଶୁ କନ୍ୟା ମାନଙ୍କୁ ସୁରକ୍ଷା ଦେବା ପାଇଁ ସ୍ୱାସ୍ଥ୍ୟ, ଶିକ୍ଷା, ପୋଲିସ ଓ ସମାଜ ମଙ୍ଗଳ ବିଭାଗ ଏକ ଦଳଗତ ଭାବେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ସେମାନେ ଆହ୍ୱାନ ଦେଇଛନ୍ତି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁଚିତା ପଣ୍ଡା ନିଜ ବକ୍ତବ୍ୟରେ କହିଛନ୍ତି ଯେ, ତୃଣମୂଳ ସ୍ତରରେ ଅଙ୍ଗନୱାଡି କର୍ମୀ, ସ୍ୱୟଂ ସହାୟିକା ଗୋଷ୍ଠୀ ଏବଂ ସ୍ଥାନୀୟ କମିଟି ମାଧ୍ୟମରେ ସଚେତନତାକୁ ଅଧିକ ବ୍ୟାପକ କରାଯିବ ଏବଂ ବାଲ୍ୟ ବିବାହର ସୂଚନା ମିଳିବା ମାତ୍ରେ ତୁରନ୍ତ ପ୍ରଶାସନିକ ପଦକ୍ଷେପ ଗ୍ରହଣ କରାଯିବ।ନିଜ ପିଲାମାନଙ୍କୁ ବାଲ୍ୟ ବିବାହର କୁପରିଣାମରୁ ରକ୍ଷା କରି ସେମାନଙ୍କୁ ଉଚ୍ଚଶିକ୍ଷା ପ୍ରଦାନ କରିବା ସହ ଯଦି କେଉଁଠି ବାଲ୍ୟ ବିବାହ ହେବାର ସୂଚନା ମିଳେ, ତେବେ ତୁରନ୍ତ ପ୍ରଶାସନ କିମ୍ବା ଚାଇଲ୍ଡଲାଇନ୍ ନମ୍ବର ୧୦୯୮ ରେ ଜଣାଇବାକୁ କୁହାଯାଇଛି, ଯେଉଁଥିରେ ସୂଚନାଦାତାଙ୍କ ନାମ ସମ୍ପୂର୍ଣ୍ଣ ଗୋପନ ରଖାଯିବ । ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବ୍ଲକର ବିଡିଓ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି, ବୁଦ୍ଧିଜୀବୀମାନେ ଉପସ୍ଥିତ ରହି ଏହି ସାମାଜିକ ସଂସ୍କାର ଅଭିଯାନକୁ ଆଗକୁ ନେବା ପାଇଁ ସଂକଳ୍ପବଦ୍ଧ ହୋଇଛନ୍ତି।

## ଅଙ୍ଗନୱାଡି କର୍ମୀ ନିଯୁକ୍ତିକୁ ନେଇ ପକ୍ଷପାତ ଅଭିଯୋଗ



କଳାହାଣ୍ଡି, ୧୮/୭ (ଅକ୍ଷର ଓଡ଼ିଶା) : କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଅର୍ନ୍ତଗତ ସର୍ଗିଗୁଡା ଗାଁରେ ଅଙ୍ଗନୱାଡି କେନ୍ଦ୍ର ଲାଗି କିଛି ମାସ ଆଗରୁ ଅଙ୍ଗନୱାଡି କର୍ମୀ ଲାଗି ନିଯୁକ୍ତି ବିଜ୍ଞପ୍ତି ବାହାରିଥଲା। ମେରିଷ୍ଟ ଲିଷ୍ଟରେ ଜ୍ୟୋସ୍ନା ପ୍ରୀୟା ନିଆଲ ୬୦ ପରସେଣ୍ଟ ନମ୍ବର ରଖି ୧ ନମ୍ବରରେ ଥିଲେ। ଆଉ ମମତା ମାଝୀ ୪୯ ପରସେଣ୍ଟ ନମ୍ବର ରଖି ଦୁଇ ନମ୍ବରରେ ଥିଲେ। ଅଭିଯୋଗ ଅନୁସାରେ ସିଡିପିଓ ରତ୍ନାକର ବେହେରା ଆଗରେ ଜ୍ୟୋସ୍ନାକୁ ନିଯୁକ୍ତି ଯୋଗ୍ୟ ବୋଲି ଘୋଷଣା କରିଥିଲେ। ପରେ ବିନା କାରଣରେ ତାଙ୍କ ନାଁ କାଟି ଦୁଇ ନମ୍ବରରେ ଥିବା ମମତା ମାଝୀଙ୍କୁ ନିଯୁକ୍ତି ଦେଇ ଦେଇଛନ୍ତି। ଅଧିକ ନମ୍ବର ଥାଇ ବି ନିଯୁକ୍ତି ରୁ ବଞ୍ଚିତ ହେଲାପରେ ଜ୍ୟୋସ୍ନା ପ୍ରୀୟା ନିଆଲ ଜନ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆଉ ନିରପେକ୍ଷ ତଦନ୍ତ କରି ନ୍ୟାୟ ଦେବାକୁ ଦାବି କରିଛନ୍ତି। ଏହି ଅନ୍ୟାୟକୁ ନେଇ ସେଠାର ଅଞ୍ଚଳରେ ଅସନ୍ତୋଷ ବଢୁଥିବା ବେଳେ ଅଲଗା ପଟେ ସରକାରଙ୍କ ନିୟମ ଅନୁସାରେ ଯୋଗ୍ୟ ଅଙ୍ଗନବାଡି ପ୍ରାର୍ଥୀଙ୍କୁ ଦିଆଯାଇଛି ଆଉ ମୁଁ ଜ୍ୟୋସ୍ନାକୁ ବାଦ ଦେଇ ନାହିଁ ବୋଲି ଜୟପାଟଣା ସିଡିପିଓ କହି ଛନ୍ତି ବୋଲି କହିଥିଲେ, ହେଲେ ଦୁର୍ଭାଗ୍ୟ ବଶତଃ ଯେ ମେରିଟି ଲିଷ୍ଟ ଜାରି ରହିଥିବା ବେଳେ ଏବେ କିଏ ଜ୍ୟୋସ୍ନା ପ୍ରିୟା ପରିବର୍ତ୍ତେ ମମତା ମାଝୀଙ୍କୁ ନିଯୁକ୍ତ ଦେଇଛନ୍ତି, ଏ ନେଇ ଅଂଚଳରେ କ୍ଷୋଭ ପ୍ରକାଶ ପାଉ ଥିବା ବେଳେ ଭୀମ ଆର୍ମି ପକ୍ଷରୁ ଜିଲ୍ଲା ସଭାପତି ରଶ୍ମିରଞ୍ଜନ ସୁନା ଏହାର ପ୍ରକୃତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ତେବେ ଆଗାମି ଦିନରେ ତୀବ୍ର ଅସନ୍ତୋଷ ଦେଖା ଦେବ ବୋଲି ଚେତାବନୀ ଦେଇଛନ୍ତି।

## ଖଣ୍ଡପଡ଼ା ନ୍ୟୁଜ ଟୁଡେର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ



ଖଣ୍ଡପଡ଼ା, ୧୮।୦୭ (ଅକ୍ଷର ଓଡ଼ିଶା) ଖଣ୍ଡପଡ଼ା ସହରର ୧୩ ନଂ ୱାର୍ଡ ସ୍ଥିତ ପୂର୍ତ୍ତବିଭାଗ ବଙ୍ଗଳା ପରିସରରେ ଖଣ୍ଡପଡ଼ା ନ୍ୟୁଜ ଟୁଡେର ପ୍ରଥମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇ ଯାଇଛି। କଟକ ଜିଲ୍ଲା ଅଧୀନ ନରସିଂହପୁର ପ୍ରେସ କ୍ଲବର ସଭାପତି ତଥା ବରିଷ୍ଠ ସାମ୍ବାଦିକ ଦେବୀ ପ୍ରସାଦ ରଥ ଅତିଥି ରୁପେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସମାଜର କଲ୍ୟାଣ ନିମନ୍ତେ ସାମ୍ବାଦିକ ମାନେ ନିର୍ଭୀକ ଭାବେ କଲମ ଚାଳନା କରିବା ସହ ସତ୍ୟ ଓ ତଥ୍ୟ ଭିତ୍ତିକ ଖବର ପରିବେଷଣ ଉପରେ ସମସ୍ତେ ଗୁରୁତ୍ୱ ଦେବାକୁ ବରିଷ୍ଠ ସାମ୍ବାଦିକ ଅଖିଳ ବିହାରୀ ପାଣିଗ୍ରାହୀ, ଶରତ ଚନ୍ଦ୍ର ସାହୁ,ସରୋଜ କୁମାର ମିଶ୍ର ପ୍ରମୁଖ ମତ ଦେଇଥିଲେ। ଏ ଅବସରରେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିଙ୍କ ବିଭିନ୍ନ ସମସ୍ୟା ସଂର୍ପକରେ ଆଲୋଚନା କରାଯାଇଥିଲା।ବରିଷ୍ଠ ସାମ୍ବାଦିକ ଭବାନୀଶଙ୍କର ସିଂହସାମନ୍ତ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ସାମ୍ବାଦିକ ଶରତ ଚନ୍ଦ୍ର ସାହୁ,ଶିବ ନାରାୟଣ ମହାନ୍ତି ଓ ଦେବୀପ୍ରସାଦ ରଥଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା।ସେହିପରି ଖଣ୍ଡପଡ଼ା ସହରର କୃତି ଛାତ୍ରୀ ଶ୍ରଦ୍ଧା ସୋହାନୀ ଆଚାର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଛାପା, ବୈଦ୍ୟୁତିକ ଓ ସାମାଜିକ ଗଣମାଧ୍ୟମର ୨୦ ଜଣ ପ୍ରତିନିଧି ଯୋଗ ଦେଇଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ



ବୈପାରିଗୁଡ଼ା, ୧୮/୦୭ (ବିଜୟ ପାଙ୍ଗି) ବୈପାରିଗୁଡ଼ା ବ୍ଲକ ଅନ୍ତର୍ଗତ ରାମଗିରି ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ସମୁଦାୟ ୨୩୪ ଟି ଦିବ୍ୟାଙ୍ଗ ପଞ୍ଜୀକୃତ ହୋଇଥିଲେ । ସେଥି ମଧ୍ୟରୁ ଅସ୍ଥିସଲ୍ୟ ୮୫, ଦୃଷ୍ଟି ବାଧିତ ୪୨, ଶ୍ରବଣ ବଧିତ ୪୬, ମାନସିକ ଅନଗ୍ରସର ୪୬ ସମେତ ଅନ୍ୟାନ୍ୟ ୧୫ ଜଣ ଦିବ୍ୟାଙ୍ଗ ପଞ୍ଜୀକୃତ ହୋଇଥିବା ଜଣା ପଡ଼ିଛି। ଉକ୍ତ ସାମର୍ଥ୍ୟ ଶିବିରରେ ଡାକ୍ତର ଉପସ୍ଥିତ ହୋଇ ଦିବ୍ୟାଙ୍ଗ ମାନଙ୍କର ବିଭିନ୍ନ ପ୍ରକାରର ସାସ୍ଥ୍ୟ ପରୀକ୍ଷା କରିଥିଲେ । ଆଜିର ଏହି ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ବୈପାରିଗୁଡ଼ା ବ୍ଲକ ମଙ୍ଗଳ ପରିବାର ଯୋଜନା ଅଧିକାରୀ କାର୍ତ୍ତିକ ପାଢ଼ୀ ପରିଚାଳନା କରିଥିବା ବେଳେ ସମସ୍ତ ବିଭାଗୀୟ ଅଧିକାରୀ, ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ ସମେତ ସ୍ୱେଚ୍ଛାସେବୀ ଉପସ୍ଥିତ ରହି ଦିବ୍ୟାଙ୍ଗ ମାନଙ୍କୁ ସେବା ଯୋଗାଇଦେଇଥିବା ଦେଖିବାକୁ ମିଳିଛି। ଭିନ୍ନକ୍ଷମ ମାନଙ୍କୁ ଚିହ୍ନଟ କରି ପ୍ରମାଣପତ୍ର ଯୋଗାଇଦେବା ସହ ସରକାରଙ୍କ ପକ୍ଷରୁ ଆସୁଥିବା ସମସ୍ତ ପ୍ରକାର ସୁବିଧା ଯୋଗାଇ ଦେବା ନିମନ୍ତେ ଆଜିର ଏହି କ୍ୟାମ୍ପ କରିଥିବା ନେଇ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## କରୋନାର ବକେୟା ଟଙ୍କା ପାଇଁ କଳାକାରଙ୍କ ଅପେକ୍ଷା



ଆସିକା, ୧୮/୦୭(ଅକ୍ଷର ଓଡିଶା ), ଗଞ୍ଜାମ ଜିଲ୍ଲାର ଆସିକା ବ୍ଲକରେ କୋଭିଡ-୧୯ ମହାମାରୀ ସମୟରେ ସଚେତନତା କାର୍ଯ୍ୟକ୍ରମ କରିଥିବା ପଞ୍ଜିକୃତ ସାଂସ୍କୃତିକ ଦଳଗୁଡ଼ିକ ଏପର୍ଯ୍ୟନ୍ତ ସେମାନଙ୍କ ପାରିଶ୍ରମିକ ପାଇନଥିବା ଅଭିଯୋଗ ଉଠିଛି। ୨୦୨୦ରୁ ୨୦୨୨ ମଧ୍ୟରେ ସରକାରୀ ନିର୍ଦ୍ଦେଶକ୍ରମେ ବିଭିନ୍ନ ଗ୍ରାମରେ ବୁଲି କରୋନା ସଂକ୍ରମଣରୁ ସତର୍କ ରହିବା ସମ୍ପର୍କରେ ସଚେତନତା ସୃଷ୍ଟି କରିଥିବା କଳାକାରମାନେ ଦୀର୍ଘ ପାଞ୍ଚ ବର୍ଷ ବିତିଯାଇଥିଲେ ମଧ୍ୟ ସେମାନଙ୍କ ବକେୟା ଅର୍ଥ ପାଇନଥିବା କହିଛନ୍ତି। କଳାକାରମାନଙ୍କ କହିବା ଅନୁସାରେ, ମହାମାରୀର ଭୟାବହ ପରିସ୍ଥିତିରେ ନିଜ ଜୀବନକୁ ବିପଦରେ ପକାଇ ଗ୍ରାମେ ଗ୍ରାମେ ବୁଲି ସଚେତନତା କାର୍ଯ୍ୟକ୍ରମ କରିଥିଲେ। ଏଥିସହ ଆବଶ୍ୟକ କାଗଜପତ୍ର ଓ ଦସ୍ତଖତ ସଂଗ୍ରହ କରିବାରେ ମଧ୍ୟ ସେମାନେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ତେବେ କାର୍ଯ୍ୟ ସମ୍ପନ୍ନ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ପାରିଶ୍ରମିକ ମିଳିନଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ଆସିକା ବ୍ଲକର ପ୍ରାୟ ୭ରୁ ୧୦ଟି ପଞ୍ଜିକୃତ ସାଂସ୍କୃତିକ ଦଳର ୨ ଲକ୍ଷ ଟଙ୍କାରୁ ଅଧିକ ପାରିଶ୍ରମିକ ବକେୟା ରହିଛି। ଏହି ପ୍ରସଙ୍ଗରେ ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ବକେୟା ବିଲ ଯଥାଶୀଘ୍ର ପ୍ରସ୍ତୁତ କରି କଳାକାରମାନଙ୍କୁ ପାରିଶ୍ରମିକ ପ୍ରଦାନ କରିବା ପାଇଁ ଆସିକା ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯିବ। କଳାକାରମାନେ ମଧ୍ୟ ଶୀଘ୍ର ସେମାନଙ୍କ ପ୍ରାପ୍ୟ ଅର୍ଥ ପ୍ରଦାନ କରିବାକୁ ସରକାରଙ୍କ ନିକଟରେ ଦାବି ଜଣାଇଛନ୍ତି।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ସାଲେପୁର ୧୮/୦୭ (ମନୋଜ ସାମଲ ),କିଶନ ନଗର ବ୍ଲକରେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଧାର, ଥାନାରେ ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକ। ଏଭଳି ଅଭାବନୟ ଘଟଣା ଦେଖିବାକୁ ମିଳିଛି କଟକ ଜିଲା କିଶନ ନଗର ଥାନା ଅଧୀନ ସିଂହାଳ ଚାରମାଣିଆ ନିକଟ ପାଇକା ନଦୀ କୂଳରେ। ନଦୀ କୂଳରେ ଥିବା ଏକ ନିମ୍ବ ଗଛରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ସୋମପୁର ପଞ୍ଚାୟତ ଅନ୍ତର୍ଗତ ଥୋରିଆ ପଡ଼ା ଗ୍ରାମର ରମେଶ ଭୋଇଙ୍କ ବଡ ପୁଅ ମନୋଜ ଭୋଇ। ପୋଲିସ ସେଠାରେ ପହଞ୍ଚି ମୃତଦେହକୁ ଉଦ୍ଧାର କରିବା ସହିତ ସବବେବସଛଦ ପାଇଁ କଟକ ମେଡ଼ିକାଲ କୁ ପଠାଇ ଏହାର ତଦନ୍ତ ଚଳାଇଛନ୍ତି।



ହତ୍ୟା ଅଭିଯୋଗ ଆଣିଲେ ପରିବାର

### ଗୁଣି ସନ୍ଦେହରେ ମାରଣାନ୍ତକ ଆକ୍ରମଣ

# ନ୍ୟାୟ ପ୍ରଦାନ ପାଇଁ ଏସ୍ପିଙ୍କ ଦ୍ୱାରସ୍ଥ ଦୁଇ ପରିବାର



ପାରଳାଖେମୁଣ୍ଡି, ୧୮/୭(ତାରିଣୀ ପ୍ରସାଦ ପଣ୍ଡା): ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଅନ୍ତର୍ଗତ କୁଜାସିଂ ଗ୍ରାମରେ ଗୁଣିଗାରିଡ଼ି ସନ୍ଦେହକୁ କେନ୍ଦ୍ର କରି ଏକ ପରିବାର ଓ ସେମାନଙ୍କ ପଡ଼ୋଶୀଙ୍କ ଉପରେ ମାରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତଙ୍କ ଧମକ ଯୋଗୁଁ ନିଜ ଗାଁକୁ ଫେରିପାରୁ ନ ଥିବାରୁ ପୀଡ଼ିତ ଦୁଇ ପରିବାର ଗଜପତି ଏସ୍ପିଙ୍କ ନିକଟରେ ସୁରକ୍ଷା ଓ ନ୍ୟାୟ ଦାବି କରିଛନ୍ତି। ଅଭିଯୋଗ ଅନୁସାରେ, ଗତ ୧୪ ତାରିଖରେ କୁଜାସିଂ ଗ୍ରାମର ନୀଳମାଧବ ନାମକ ଜଣେ ଯୁବକ ଗୁଣିଗାରିଡ଼ି ସନ୍ଦେହରେ ନୀଳରାୟ ପାତ୍ର ନାମକ ଜଣେ ବୟସ୍କ ବ୍ୟକ୍ତିଙ୍କୁ ମାରଣାନ୍ତକ ଭାବେ ଆକ୍ରମଣ କରିଥିଲେ। ନୀଳରାୟ ଅଚେତ ହେବା ପର୍ଯ୍ୟନ୍ତ ମାଡ଼ ମାରିଥିବା ବେଳେ ତାଙ୍କୁ ବଞ୍ଚାଇବାକୁ ଆସିଥିବା ପତ୍ନୀ ଓ ବୋହୂଙ୍କୁ ମଧ୍ୟ ଅଭିଯୁକ୍ତ ନିସ୍ତୁକ ପ୍ରହାର କରିଥିବା ଅଭିଯୋଗ ହୋଇଛି। ସେହିପରି ଘଟଣାକୁ ରୋକିବାକୁ ଆଗକୁ ଆସିଥିବା ପଡ଼ୋଶୀ ଶାନ୍ତିଲତା ବିଶ୍ୱାଳ ଓ ତାଙ୍କ ସାମୀଙ୍କୁ ମଧ୍ୟ ନୀଳମାଧବ ଆକ୍ରମଣ କରିଥିବା ପୀଡ଼ିତମାନେ କହିଛନ୍ତି।ପୋଲିସ ଅଭିଯୁକ୍ତଙ୍କୁ ଗିରଫ ନ କରି କେବଳ ପଚରାଉଚରା କରି ଛାଡ଼ି ଦେଇଥିବା ସେମାନେ ଅଭିଯୋଗ କରିଛନ୍ତି। ପୀଡ଼ିତ ଦୁଇ ପରିବାରଙ୍କ କହିବା ଅନୁସାରେ, ଘଟଣା ପରଠାରୁ ଅଭିଯୁକ୍ତ ସେମାନଙ୍କୁ ପ୍ରାଣରେ ମାରିଦେବାକୁ ଲଗାତାର ଧମକ ଦେଉଥିବାରୁ ସେମାନେ ନିଜ ଗ୍ରାମକୁ ଫେରିପାରୁ ନାହାନ୍ତି। ବର୍ତ୍ତମାନ ଦୁଇ ପରିବାର ପାରଳାଖେମୁଣ୍ଡିରେ ଆଶ୍ରୟ ନେଇ ରହୁଥିବା ବେଳେ ଶୁକ୍ରବାର ଗଜପତି ଏସ୍ପିଙ୍କୁ ଭେଟି ସୁରକ୍ଷା ବ୍ୟବସ୍ଥା, ନିରପେକ୍ଷ ତଦନ୍ତ ଏବଂ ଅଭିଯୁକ୍ତଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏ ନେଇ ଗଜପତି ଏସ୍ପି ପ୍ରହ୍ଲାଦ ସହାଇ ମିନା କହିଛନ୍ତି ଯେ, ପୀଡ଼ିତଙ୍କଠାରୁ ସମସ୍ତ ଅଭିଯୋଗ ଶୁଣିବା ପରେ ସେ ସେରଙ୍ଗ ଥାନା ଅଧିକାରୀଙ୍କ ସହ ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି।

## ପାଣିରେ ବୁଡ଼ି ଚାଷୀଙ୍କ ମୃତ୍ୟୁ

ଅନୁଗୋଳ ୧୮/୦୭ (ଅଜିତ )କାମ କରିବାକୁ ଯାଇ ଆଉ ଘରକୁ ଫେରିଲେ ନାହିଁ ବ୍ୟକ୍ତି। ପାଣିରେ ବୁଡ଼ି ଯିବାରୁ ଚାଲିଗଲା ଜୀବନ ଗତକାଲି ଦିନ ୧୧ଟାରୁ ନିଖୋଜ ଥିଲେଅନୁଗୋଳ ଜିଲ୍ଲା ରେଙ୍ଗାଳି ଥାନା ସୁଲେଇପାଳ ଗ୍ରାମର ମିଲୁ ରାଉତ। ପ୍ରତିଦିନ ପରି ଗତକାଲି ମଧ୍ୟ ସେ ଚାଷ ଜମିକୁ କାମ କରିବାକୁ ଯାଇଥିଲେ। କିନ୍ତୁ ସନ୍ଧ୍ୟା ହେବା ପରେ ମଧ ସେ ଆଉ ଘରକୁ ଫେରିନଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ସୁଦ୍ଧା ତାଙ୍କର କୌଣସି ପତ୍ତା ମିଳିନଥିଲା। ସକାଳୁ କିଛି ଗ୍ରାମବାସୀ ଚାଷ ଜମିରେ ଭାସୁଥିବାର ଦେଖିବାକୁ ପାଇଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ତୁରନ୍ତ ରେଙ୍ଗାଳି ପୋଲିସ ଓ କଣିହାଁ ଦମକଳ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ଘଟଣାସ୍ଥଳରେ ପୋଲିସ ଏବଂ ଦମକଳ ବାହିନୀ ପହଞ୍ଚି ମୃତଦେହକୁ ଉଦ୍ଧାର କରିଛନ୍ତି। ବର୍ତ୍ତମାନ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

# ଗର୍ଭନଷ୍ଟ କରିଥିବା ଅଭିଯୁକ୍ତକୁ ଜେଲ ଦଣ୍ଡାଦେଶ

କେନ୍ଦୁଝର:୧୮/୦୭(ଦିଲ୍ଲୀପ କୁମାର ସାହୁ) - ଆଜି କେନ୍ଦୁଝର ଫାଷ୍ଟଟ୍ରାକ କୋର୍ଟ ୨୦୨୪ ମସିହାର ସ୍ୱତନ୍ତ୍ର କେସ ନଂ - ୯, ଟାଉନ ଥାନା କେସ ନଂ - ୯୦, ତା ୨୦।୦୧।୨୦୨୪ ରିଖ ର ବିଚାର କରି, ମୋଟ ୧୫ ଜଣ ସାକ୍ଷୀଙ୍କ ବୟାନକୁ ଅନୁଧ୍ୟାନ କରି ଅଭିଯୁକ୍ତ ମଣ୍ଟୁ ରାଉଳ ଓରଫ ସଙ୍କର୍ଷଣକୁ ବଳାତ୍କାର ପାଇଁ ଆଇପିସି ଦଫା ୩୭୬(୨)(ଏନ) ରେ ଏଂ ୬ ପୋକସୋ ଆକ୍ଟରେ ୨୦ ବର୍ଷ ସଶ୍ରମ ଜେଲଦଣ୍ଡ ଏବଂ ୨୦ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି । ଜରିମାନା ଅନାଦେୟ ଅଧିକ ୧ ବର୍ଷ ସଶ୍ରମ ଜେଲଦଣ୍ଡ ଆଦେଶ କରିଛନ୍ତି । ସେହିଭଳି ଗର୍ଭନଷ୍ଟ ପାଇଁ ଆଇପିସି ଦଫା ୩୧୩ ରେ ୧୦ ବର୍ଷ ସଶ୍ରମ ଜେଲଦଣ୍ଡ ଏବଂ ୧୦ ହଜାର ଟଙ୍କା ଜରିମାନା ଏବଂ ଜରିମାନା ଅନାଦେୟ ଅଧିକ ୬ ମାସ ସଶ୍ରମ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି । ଏହା ବ୍ୟତୀତ କୋର୍ଟ ପୀଡ଼ିତାଙ୍କୁ ଆଇନ ସେବା ପ୍ରାଧିକରଣ ପକ୍ଷରୁ ୮ ଲକ୍ଷ ଟଙ୍କା ସହାୟତା ଯୋଗାଇ ଦେବା ସହ ପୁନର୍ବାସ ଆଦେଶ ଦେଇଛନ୍ତି ।ଘଟଣାକ୍ରମେ, କେନ୍ଦୁଝର ସହରର ଆଟୋପୁର ସାହିର ୧୭ ବର୍ଷ ବୟସ୍କା ନାବାଳିକା ପୀଡ଼ିତା ସେହି ଆଟୋପୁର ସାହିର ମଣ୍ଟୁ ରାଉଳ ନାମକ ଯୁବକକୁ ଭଲ ପାଉଥିଲା । ମଣ୍ଟୁ ରାଉଳ ପୀଡିତାକୁ ବ୍ୱିାହ କରିବାର ପ୍ରତିଶ୍ରୁତି ଦେଇ ପୀଡ଼ିତା ସହିତ ଶାରୀରିକ ସମ୍ପର୍କ ରଖିଥିଲା, ଫଳରେ ପୀଡ଼ିତା ଗର୍ଭବତୀ ହୋଇଥିଲେ । ପୀଡ଼ିତା ଗର୍ଭବତୀ ହୋଇଥିବା କଥା ମଣ୍ଟୁ ରାଉଳକୁ ଜଣାଇ ବ୍ୱିାହ କରିବାକୁ କହିବାରୁ ମଣ୍ଟୁ ରାଉଳ ବିହ କରିବାକୁ ମନାକଲା ଏବଂ ଗର୍ଭନଷ୍ଟ କରିବାକୁ ମେଡିସିନ କିଣି ପୀଡ଼ିତାଙ୍କୁ ଖୁଆଇ ଦେଇ ଗର୍ଭପାତ କରାଇଥିଲା । ଏହାପରେ ମଧ୍ୟ ପୀଡ଼ିତାର ଇଚ୍ଛା ବିରୁଦ୍ଧରେ ବହୁବାର ପୀଡ଼ିତା ସହିତ ଶାରୀରିକ ସମ୍ପର୍କ ରଖିଥିଲା ମଣ୍ଟୁ ରାଉଳ । ପୀଡ଼ିତା ସହିତ ଶାରୀରିକ ସମ୍ପର୍କ ରଖୁଥିବା ସତ୍ତ୍ୱେ ବ୍ୱିାହ ପାଇଁ ମନା କରିବାରୁ ପୀଡ଼ିତା ଟାଉନ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ ।ପୀଡ଼ିତାଙ୍କ ଅଭିଯୋଗକୁ ଭିତ୍ତିକରି ଟାଉନ ଥାନାରେ କେସ ନଂ ୯୦, ତା ୨୦/୦୨/୨୦୨୪ ରିଖରେ ପଞ୍ଜିକୃତ ହୋଇ ଡେପୁଟି ଏସପି ମହେନ୍ଦ୍ରନାଥ ମୁର୍ମୁ ତଦନ୍ତଭାର ଗ୍ରହଣ କରିଥିଲେ । ଏସଆଇ ହେରୋଫିନା ହାଁସଦା ପୀଡ଼ିତାର ଜମାନବନ୍ଦୀ ଗ୍ରହଣ କରିଥିଲେ । ପ୍ରାଥମିକ ଚାର୍ଜସିଟ ମହେନ୍ଦ୍ରନାଥ ମୁର୍ମୁ ଦାଖଲ କରିଥିବା ବେଳେ, ଡେପୁଟି ଏସପି ପରବର୍ତ୍ତୀ ଚାର୍ଜସିଟ ଦାଖଲ କରିଥିଲେ । ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପତିତପାବନ ନାଥ ପାରିଚାଳନା କରୁଥିଲେ ।

# ରଥଯାତ୍ରା ଉପଲକ୍ଷେ କେନ୍ଦୁଝରଗଡ଼ ରେଳଚାଳକ ସଙ୍ଘ ପକ୍ଷରୁ ବଡ଼ଦାଣ୍ଡରେ ଘୋଳ ଦହି ଓ ଟାଟା ଗ୍ଲୁକୋଜ ବଣ୍ଟନ

କେନ୍ଦୁଝର:୧୮/୦୭- (ଦିଲ୍ଲୀପ କୁମାର ସାହୁ) - ଲିମକା ବୁକ ଅଫ ରେକର୍ଡ ତଥା ନିଜ ବୁକ ଅଫ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଥିବା ବିଶ୍ୱର ସର୍ବ ବୃହତ ଏବଂ ସୁଉଚ୍ଚ କେନ୍ଦୁଝର ନନ୍ଦିଘୋଷ ରଥରେ ବିରାଜମାନ କରି ମହାପ୍ର ପ୍ରଭୁ ଜଗନ୍ନାଥ, ଭଉଣୀ ସୁଭଦ୍ରା ଓ ଭାଇ ବଳଭଦ୍ର ଗତ ଗୁରୁବାର ରଥଯାତ୍ରାରେ କେନ୍ଦୁଝରଗଡ଼ ଶ୍ରୀ ଶ୍ରୀ ବଳଦେବଜୀଉ ମନ୍ଦିରରୁ ବାହାରି ଶ୍ରୀ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିଛନ୍ତି । ଏହି ଅବସରରେ ରଥଯାତ୍ରା ଦେଖିବାକୁ କେନ୍ଦୁଝରଗଡ଼ ବଡ଼ଦାଣ୍ଡରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସର୍ବ ଭାରତୀୟ ରେଳ ଚାଳକ ସଙ୍ଘର ପୂର୍ବତଟ ରେଳପଥ ଅନ୍ତର୍ଗତ ଖୋର୍ଦ୍ଧା ମଣ୍ଡଳ କେନ୍ଦୁଝର ଶାଖାର ରେଳ ଚାଳକ ଓ ସହଚାଳକ ମାନେ ଯୋଗଦେଇ ପୂର୍ବାହ୍ନ ୧୨.୦୦ ଘଟିକାରୁ ସନ୍ଧ୍ୟା ୦୬.୦୦ଘଟିକା ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବରେ ପ୍ୟାକେଟ ଯୁକ୍ତ ଘୋଳ ଦହି, ଟାଟା ଗ୍ଲୁକୋଜ ଓ ପାଣିବୋତଲ ଶ୍ରଦ୍ଧାଳୁ ଓ ଭକ୍ତ ମାନଙ୍କୁ ବଣ୍ଟନ କରିବା ସହିତ ବିଭିନ୍ନ ସେବାରେ ନିୟୋଜିତ ଥିଲେ । ବରିଷ୍ଠ ରେଳ ଚାଳକ ଜନ୍ମେଜୟ ବଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦିତ ହୋଇଥିବା ବେଳେ ବିଶ୍ୱଜିତ ପୋଥାଳ, ନବୀନ ପଲେଇ, କାଜଲ ବୋଷ, ଦିବେନ୍ଦୁ ସାମନ୍ତ, ଯଶୋବନ୍ଧୁ ବେହେରା, ଦୀପକ ବାରିକ, ଡିକେ ବଳ, ତ୍ରିଲୋଚନ ନାଏକ, ରଶ୍ମିରଞ୍ଜନ ବେହେରା, ବାଘାଇ ସରେନ, ବି.ସି. ଦତ୍ତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।



# ହାତୀ ଆକ୍ରମଣରେ ଯୁବକ ମୃତ

କେନ୍ଦୁଝର:୧୮/୦୭(ଦିଲ୍ଲୀପ କୁମାର ସାହୁ) - କେନ୍ଦୁଝର ବନଖଣ୍ଡ ବଂଶପାଳ ବ୍ଲକ ଭୂୟାଁ ଜୁଆଙ୍ଗ ପିଢ ରେଞ୍ଜ ଅନ୍ତର୍ଗତ କରୁଆଗଡ଼ ଜଙ୍ଗଲରେ ଏକ ଦୁଃଖଦ ଘଟଣା ଘଟି ଯାଇଛି । ହାତୀ ଆକ୍ରମଣରେ ଜଣେ ସ୍ଥାନୀୟ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ନାମ ବିନୋଦ ମହାକୁଡ (୫୦) ଏଂ ସେ ସ୍ଥାନୀୟ ଅଞ୍ଚଳର ବାସିନ୍ଦା ବୋଲି ଜଣାପଡ଼ିଛି ।ବନବିଭାଗ ସୂତ୍ରରୁ ଜଣାପଡ଼ିଛି ଯେ, ବିନୋଦ ମହାକୁଡ ଗତ ମଙ୍ଗଳବାର ଦିନ ତାଙ୍କ ଗାଁ ନିକଟ ଜଙ୍ଗଲକୁ ଛେଳି ଚରାଇବାକୁ ଯାଇଥିଲେ । କିନ୍ତୁ ଫେରି ନଥିଲେ । ସେ ନଫେରିବାରୁ ତାଙ୍କ ପରିବାର ସଦସ୍ୟ ସେହିଦିନ ସନ୍ଧ୍ୟାରେ ତାଙ୍କୁ ଖୋଜାଖୋଜି କରିଥିଲେ ଏବଂ ତାଙ୍କୁ ନପାଇବାରୁ ନୟାକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ବୁଧବାର ସକାଳେ ପୋଲିସ ଏବଂ ବନ ବିଭାଗର କର୍ମଚାରୀ ମାନେ ମିଳିତ ଭାବରେ ତଲାସୀ ଅଭିଯାନ ଚଳାଇ ଜଙ୍ଗଲରେ ବିନୋଡ ମହାକୁଡଙ୍କର କ୍ଷତବିକ୍ଷତ ବିକୃତ ମୃତଦେହ ପାଇଥିଲେ ।ବନବିଭାଗ ପକ୍ଷରୁ ପ୍ରକାଶ ଯେ, ମୃତକଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ଚିହ୍ନ ଅଛି ଏବଂ ଘଟଣାସ୍ଥଳ ନିକଟରେ ହାତୀ ପାଦ ଚିହ୍ନ ମିଳିଛି । ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି । ସ୍ଥାନୀୟ ଲୋକମାନେ କହିଛନ୍ତି ଯେ, ହାତୀ ପଲ ଡାନଲା ଜଙ୍ଗଲ ଏବଂ ଆଖପାଖ ଅଞ୍ଚଳରେ ଘଉଡ଼ାଇ ଦେଉଛନ୍ତି, ତେଣୁ ହାତୀମାନେ ଜନବସତି ଭିତରକୁ ପଶି ଜୀବିକା ନଷ୍ଟ କରୁଛନ୍ତି । ସେମାନେ ବନ ବିଭାଗକୁ ହାତୀ ପଲକୁ ଘଉଡ଼ାଇ ଦେବା, ସୁରକ୍ଷା ବ୍ୟବସ୍ଥା ସୁନିଶ୍ଚିତ କରିବା ଏବଂ ପୀଡିତ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବା ପାଇଁ ଦାବି କରିଛନ୍ତି ।'ଏହି ଅଞ୍ଚଳରେ ୧୨ଟି ହାତୀଙ୍କର ଏକ ପଲ ବୁଲୁଥିବା ସୂଚନା ରହିଛି । ଲୋକଙ୍କୁ ଜଙ୍ଗଲକୁ ନ ଯିବାକୁ ଚେତାବନୀ ଦିଆଯାଉଛି, କିନ୍ତୁ ସେମାନେ ନମାନି ଜଙ୍ଗଲକୁ ଯାଉଥିବାରୁ ଏପରି ଘଟଣା ଘଟୁଛି । ହାତୀ ପଲ ଉପରେ ନଜର ରଖାଯାଇଛି,' ରେଞ୍ଜ ଅଧିକାରୀ ନୟନକାନ୍ତ ସାହୁ କହିଛନ୍ତି ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କ ନିରପେକ୍ଷ ତଦନ୍ତ ଆବଶ୍ୟକ




ହାଟଡିହି: ୧୮/୭ ଅମୀୟ ବରାଳ - କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଅଧିନରେ ଥିବା ୩୧ ଗ୍ରାମ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ହିତାଧିକାରୀଙ୍କ ଚୟନ ପକ୍ରିୟା ଆରମ୍ଭ ହୋଇଥିଲା ବେଳେ, ପ୍ରକୃତ ହିତାଧିକାରୀ ଏହି ଯୋଜନାରୁ ବଞ୍ଚିତ ନ ହେବା ପାଇଁ ନିରପେକ୍ଷ ତଦନ୍ତ ଆବଶ୍ୟକ ବୋଲି ଲୋକେ ଆଲୋଚନା କରୁଛନ୍ତି ।ଯୋଗ୍ୟ ହିତାଧିକାରୀ ଚୟନ ପ୍ରକିୟା ଶେଷ ହେବା ପରେ ଗ୍ରାମ ସଭାର ନିଷ୍ପତ୍ତି କ୍ରମେ ୧୬ ତାରିଖ ସୁଦ୍ଧା ଚୂଡାନ୍ତ ତାଲିକା ପ୍ରକାଶ ପାଇବ ବୋଲି ବିପିସି ଆଲୋକ ନାୟକ ସୂଚନା ଦେଇଛନ୍ତି । ଏନେଇ ୩୧ଟି ଟିମ୍ ଗଠନ କରାଯାଇ ବିଭିନ୍ନ ପଞ୍ଚାୟତରେ ତଦନ୍ତ ଚାଲିଛି । ଚଳିତ ବର୍ଷ ହାଟଡିହି ବ୍ଲକରେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ପାଇବା ପାଇଁ ମୋଟ ୧୬,୯୮୭ ଜଣ ହିତାଧିକାରୀ ଆବେଦନ କରିଥିଲାବେଳେ, ପ୍ରତି ପଞ୍ଚାୟତରେ ୩ରୁ୪ଜଣିଆ ଟିମ୍ ପ୍ରତ୍ୟକ୍ଷ ଭାବେ ତଦନ୍ତ କରୁଥିବା ଜଣାପଡିଛି । ଏହି ଯୋଜନା ତାଲିକାରେ ଅନେକଙ୍କ ନାମ ନଥିଲା ବେଳେ ଆଉଥରେ ଆବେଦନ କରିବା ପାଇଁ ବ୍ଲକ କାର୍ଯ୍ୟାଳୟ ବିଭାଗୀୟ ଅଧିକାରୀ ମାନଙ୍କୁ ଭେଟି ପରାମର୍ଶ ନେଉଥିବା ବେଳେ ଆବେଦନ ତାଲିକାରେ ପ୍ରକାଶ ପାଇଥିବା ସର୍ବାଧିକ ପଞ୍ଚଗୋଛିଆ ପଞ୍ଚାୟତର ୧୦୪୪ଜଣ,ସମଣା ୯୨୩, ମରୈଗାଁ ୭୬୬, ବଞ୍ଚୋ ୯୧୫,କେ ବାଲି ପାଳ ୮୦୦, ଢେଙ୍କା ୬୯୩,ଆମ୍ବୋ ୬୪୩,ବାଲିବରେଇ ୬୨୭,ପଡିଆରୀପଲ୍ଲି ୭୨୭, ହାବଲେଶ୍ୱର ୬୧୮ଜଣଙ୍କ ନାମ ସମସ୍ତ ପଞ୍ଚାୟତ ଅଫିସ୍ ପରିସରରେ ତାଲିକା ପ୍ରକାଶିତ ହୋଇଛି । ତଥାପି ବ୍ଲକ ଓ ପଞ୍ଚାୟତ ବକ୍ସରେ ଶହ ଶହ ବ୍ୟକ୍ତିଙ୍କର ଆବେଦନ ଓ ଅଭିଯୋଗ ହୋଇଛି । ଏଠାରେ ପ୍ରଶ୍ନ ଉଠେ ପୂର୍ବରୁ ଇନ୍ଦିରା ଆବାସ,ବିଜୁ ପକ୍କାଘର,ଖଣିଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀ ସାମିଲ ହୋଇଥିଲେ ହେଁ ପୁନର୍ବାର ଏତେ ଆବେଦନ ସଂଖ୍ୟା ବୃଦ୍ଧି ପାଉଛି କେମିତି ପୁଣି ପରିବାର ଅନ୍ୟ ସଦସ୍ୟଙ୍କ ନାମ ରେ ପାଇବାକୁ ପ୍ରତିଯୋଗୀତା ମୂଳକ ଆବେଦନ କରୁଥିବା ଆଲୋଚନା ହେଉଛି । ଆଗରୁ ମଧ ହାଟଡିହି ବ୍ଲକରେ ୨୦୫୬୨ ପ୍ରଧାନମନ୍ତ୍ରୀ ଆବାସ ଘର,୯୪୦୦ଖଣି ପ୍ରଭାବିତ ବିଜୁପକ୍କା ଘର,୫୦୦୦ ବିଜୁ ପକ୍କାଘର ଓ ୧୫ହଜାରରୁ ଉର୍ଦ୍ଧ୍ୱ ଇନ୍ଦିରା ଆବାସ ଘର ବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବେଦନକାରୀ ମାନଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ଦୃଷ୍ଟିରୁ ନିରପେକ୍ଷ ତଦନ୍ତ କରି ଯୋଗ୍ୟ ହିତାଧିକାରୀ ଚୟନ କରିବା ଚିନ୍ତାର ବିଷୟ ହୋଇଛି । ଲୋକେ ଅନଲାଇନ୍ ଆବେଦନ ପ୍ରକ୍ରିୟା କରୁଥିବା ହେତୁ ଅଧିକାଂଶ ଅଯୋଗ୍ୟ ହିତାଧୀକାରୀ ଆବେଦନ କରୁଥିବା ଜଣାପଡିଛି । ଏଣୁ ଚୂଡାନ୍ତ ତାଲିକା ପ୍ରକାଶ ଆଗରୁ ଯନ୍ତ୍ରୀ, ଯୋଗାଣ ଅଧିକାରୀ,ପିଇଓ,ଏଡିଓ,ବିଏଫଟି ମାନଙ୍କୁ ନେଇ ଗଠିତ ଟିମ୍ ଗୁଡ଼ିକ କାହାରି ଚାପରେ ନ ପଡ଼ି ସଠିକ୍ ତଥ୍ୟ ସଂଗ୍ରହ ଅନୁସାରେ ହିତାଧିକାରୀଙ୍କୁ ଚୟନ କରିବା ପାଇଁ ସାଧାରଣରେ ଦାବି ହେଉଛି ।

# ଅବହେଳିତ ଅବସ୍ଥାରେ ଭଣ୍ଡା ଗ୍ରାମ୍ୟ ଉଦ୍ୟାନ ପାର୍କ

## ପ୍ରଶାସନର ନୀରବତାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ



ଚମ୍ପୁଆ: - ୧୮/୭ (ରାମକୃଷ୍ଣ ଜିତ ):-ଚମ୍ପୁଆ ବ୍ଲକ ଅଧୀନସ୍ଥ ଭଣ୍ଡା ଗ୍ରାମପଞ୍ଚାୟତରେ ନିର୍ମିତ ଗ୍ରାମ୍ୟ ଉଦ୍ୟାନ ପାର୍କ ଏବେ ଅବହେଳାର ଶୀକାର ହୋଇଛି । ଗ୍ରାମବାସୀଙ୍କ ମନୋରଞ୍ଜନ ଓ ପ୍ରାତଃ ଭ୍ରମଣ ପାଇଁ ଉଦ୍ଦିଷ୍ଟ ଏହି ପାର୍କଟି ଏବେ ଅଳିଆ ଗଦା ଓ ଜଙ୍ଗଲରେ ପରିଣତ ହୋଇଛି । ସ୍ଥାନୀୟ ଅଭିଯୋଗ ଅନୁସାରେ, ପାର୍କଟି ଏବେ ଅନାବନା ଗଛଲତାରେ ଭରିଯାଇଥିବାରୁ ଏଠାରେ ପ୍ରାତଃ ଓ ସନ୍ଧ୍ୟା ଭ୍ରମଣ ପାଇଁ ଲୋକେ ଆସିବାକୁ ଭୟ କରୁଛନ୍ତି । ପାର୍କରେ ରହିଥିବା ସୌର ଆଲୋକ ବ୍ୟବସ୍ଥା ଏବେ ଅଚଳ, ଯାହା ଚୋରି ହୋଇଛି କି ନଷ୍ଟ ହୋଇଯାଇଛି ତାହା ସ୍ପଷ୍ଟ ହେଉନାହିଁ । ଏହାବ୍ୟତୀତ, ପାର୍କରେ ଥିବା ସ୍ୱରକୂପ ଟି ଅକାମୀ ହୋଇପଡ଼ିଥିବା ବେଳେ ଶୌଚାଳୟ ଗୁଡ଼ିକ ମଧ୍ୟ ବ୍ୟବହାର ଅନୁପଯୋଗୀ ହୋଇ ରହିଛି । ପାର୍କର ମୂଳ ଉଦ୍ଦେଶ୍ୟ ଥିବା ସୁନ୍ଦର ଫୁଲଗଛର ଚିହ୍ନବର୍ଣ୍ଣ ନାହିଁ । ଏହି ସମସ୍ୟା ସମ୍ପର୍କରେ ସ୍ଥାନୀୟ ଜନସାଧାରଣ ବାରମ୍ବାର ଅବଗତ କରାଇଥିଲେ ମଧ ଚମ୍ପୁଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏଥିପ୍ରତି ସମ୍ପୂର୍ଣ୍ଣ ଉଦାସୀନତା ପ୍ରକାଶ କରୁଥିବା ଅଭିଯୋଗ ହୋଇଛି । ପ୍ରଶାସନିକ ଅଧିକାରୀଙ୍କ ଏଭଳି କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗିବ କେବେ ଏବଂ ପାର୍କର ପୁନରୁଦ୍ଧାର କେବେ ହେବ, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ନାବାଳିକା ବଳାତ୍କାରୀକୁ ବାନ୍ଧିଲା ପାଟଣା ପୋଲିସ

କେନ୍ଦୁଝର/ପାଟଣା:୧୮/୦୭(ଦିଲ୍ଲୀପ କୁମାର ସାହୁ) - କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅଧୀନ ସାହାରପଡ଼ା ଫାଣ୍ଡି ଅନ୍ତର୍ଗତ ବଡ଼ବିଲ ପଞ୍ଚାୟତ ବାରଟୁଣିଆ ମାଲସାହିରେ ଜଣେ ୮ ବର୍ଷର ନାବଳିକାକୁ ସେହି ଗ୍ରାମର ଜଣେ ୨୫ ବର୍ଷର ଯୁବକ ଗୁରୁବାର ରାତିରେ ବଳାତ୍କାର କରିଥିବା ପାଟଣା ଥାନାରେ ଅଭିଯୋଗ ହୋଇଛି । ନାବାଳିକା ଜଣକ ନିଜ ମାମୁଁ ଘରେ ରହି ୨ୟ ଶ୍ରେଣୀରେ ପାଠ ପାଠ ପଢୁଥିଲେ । ନାବାଳିକାଟିର ମା'ଙ୍କ ମୃତ୍ୟୁ ହୋଇ ଯାଇଥିବାବେଳେ, ପିତା ଭୁବନେଶ୍ୱରରେ ଦିନ ମଜୁରିଆ ଭାବେ କାମ କରୁଛନ୍ତି । ଗୁରୁବାର ଦିନ ଗ୍ରାମରେ ଜଣେ ସମ୍ପର୍କୀୟଙ୍କ ମୃତ୍ୟୁ ଘଟିଥିବାରୁ ନାବାଳିକାର ମାମୁଁ ସେଠାକୁ ଯାଇଥିଲେ । ଅନ୍ୟ କିଛି ଛୁଆଙ୍କ ସହିତ ନାବାଳିକାଟି ଘରେ ପାଠ ପଢୁଥିବା ବେଳେ, ଅଭିଯୁକ୍ତ କୁସୁନୁ ମୁଣ୍ଡା (୨୫) ନାବାଳିକାକୁ ଘରୁ ଡାକି ନେଇ ନିକଟରେ ଥିବା କାଜୁ ଜଙ୍ଗଲରେ ବଳାହାର କରିଥିଲା । ସାଙ୍ଗରେ ଥିବା ଅନ୍ୟ ଛୁଆମାନେ ଏହି ଘଟଣା ନାବାଳିକାର ମାମୁଁଙ୍କୁ କହିବାରୁ ସମସ୍ତେ ଧାଇଁ ଆସି ନାବାଳିକାକୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରିବା ସହିତ ଯୁବକକୁ ଖୋଜାଖୋଜି କରିଥିଲେ ମଧ୍ୟ ପାଇନଥିଲେ । ଏନେଇ ନାବାଳିକାଙ୍କ ପିତା ରାସ ବିହାରୀ ମୁଣ୍ଡା ଗତ ଶୁକ୍ରବାର ପାଟଣା ଥାନାରେ ଲିଖିତ ଅଭିଯୋଗ କରିବା ପରେ ଏସ୍ଆଇ ଲକ୍ଷ୍ମଣ ମାଝି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି । ଏନେଇ ମାମଲା ସଂଖ୍ୟା ୨୬୩/୨୦୨୬ ଅନୁସାରେ ପୋକ୍ସୋ ଧାରାରେ ଅଭିଯୁକ୍ତ ଯୁବକ କୁସୁନୁ ମୁଣ୍ଡା(୨୫)କୁ ବଳାତ୍କାର ଅଭିଯୋଗରେ ଗିରଫ କରାଯାଇଛି । ନାବାଳିକାଟିର କେନ୍ଦୁଝର ମେଡିକାଲ କଲେଜ ହସ୍ପିଟାଲରେ ଡାକ୍ତରୀ ମାଇନା କରାଯାଇଥିବା ସୂଚନା ମିଳିଛି । ପୁଲିସ ଏହି ଘଟଣାକୁ ଗୁରୁତର ସହ ନେଇ ଘଟଣା ଘଟିଥିବା ସ୍ଥାନକୁ ଯାଇ ଅଧିକ ଛାନ୍‌ଭିନ୍ କରୁଥିବା ପାଟଣା ଥାନା ଅଧିକାରୀ କିରଣ ପ୍ରସାଦ ସାହୁ ସୂଚନା ଦେଇଛନ୍ତି ।

# ଜଙ୍ଗଲରୁ ୯ ବର୍ଷୀୟ ନାବାଳକର ମୃତଦେହ ଉଦ୍ଧାର

## ମୃତ୍ୟୁର କାରଣ ଅସ୍ପଷ୍ଟ:ପୋଲିସର ତଦନ୍ତ ଜାରି



କେନ୍ଦୁଝର/ଯୋଡା:୧୮/୦୭ (ଦିଲ୍ଲୀପ କୁମାର ସାହୁ) - କେନ୍ଦୁଝର ଜିଲ୍ଲାର ଖଣିଜ କ୍ଷେତ୍ର ଯୋଡା ଥାନା ଅନ୍ତର୍ଗତ ୱାର୍ଡ ନମ୍ବର-୧୨ ଖୁଣ୍ଟପାଣି ଜଙ୍ଗଲରୁ ଜଣେ ୯ ବର୍ଷୀୟ ନାବାଳକର ମୃତଦେହ ଉଦ୍ଧାର ହେବା ଘଟଣା ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ମୃତ୍ୟୁର ପ୍ରକୃତ କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବା ବେଳେ ଯୋଡା ପୋଲିସ ଘଟଣାର ସମସ୍ତ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଛି । ପ୍ରାପ୍ତ ସୂଚନାନୁଯାୟୀ, ସ୍ଥାନୀୟ ଲୋକମାନେ ଖୁଣ୍ଟପାଣି ଜଙ୍ଗଲ ଭିତରେ ଏକ ନାବାଳକର ମୃତଦେହ ପଡ଼ିଥିବା ଦେଖିବା ପରେ ଯୋଡା ଥାନାକୁ ଖବର ଦେଇଥିଲେ । ଖବର ପାଇ ଯୋଡା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିଥିଲା ଏବଂ ପ୍ରାଥମିକ ତଦନ୍ତ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିବା ସୂଚନା ମିଳିଛି । ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଆଶା କରାଯାଉଛି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକ ଓ ଉତ୍କଣ୍ଠାର ପରିବେଶ ସୃଷ୍ଟି ହୋଇଛି । ନାବାଳକର ମୃତ୍ୟୁ ପଛରେ କୌଣସି ଦୁର୍ଘଟଣା, ବନ୍ୟଜନ୍ତୁ ଆକ୍ରମଣ କିମ୍ବା ଅନ୍ୟ କୌଣସି କାରଣ ରହିଛି, ସେନେଇ ପୋଲିସ ସମସ୍ତ ଦିଗକୁ ନେଇ ତଦନ୍ତ ଚଳାଇଛି ।ପୋଲିସ ପକ୍ଷରୁ କୁହାଯାଇଛି ଯେ, ବ୍ୟବଚ୍ଛେଦ ରିପୋର୍ଟ ଓ ତଦନ୍ତ ତଥ୍ୟ ଆଧାରରେ ପରବର୍ତ୍ତୀ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ ।

# ଏସ୍ଆଇଆର୍ ସର୍ଭେକୁ ନେଇ ଉଠୁଛି ପ୍ରଶ୍ନ

## ବରିଷ୍ଠ ନାଗରିକଙ୍କୁ କରାଯାଉଛି ହନ୍ତସନ୍ତ

ଖୋର୍ଦ୍ଧା ୧୮/୦୭(ଅକ୍ଷର ଓଡ଼ିଶା) : ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ମତଦାତା ତାଲିକାକୁ ସଠିକ, ସ୍ୱଚ୍ଛ ଓ ତ୍ରୁଟିମୁକ୍ତ କରିବା ଉଦ୍ଦେଶ୍ୟରେ ଚାଲିଥିବା ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର୍) -୨୦୨୬ ନେଇ ଉଠିଲାଣି ପ୍ରଶ୍ନ । ଜିଲ୍ଲା ନିର୍ବାଚନ ଅଧିକାରୀ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ସମସ୍ତ କାର୍ଯ୍ୟ ସ୍ୱଚ୍ଛ ଓ ନିରପେକ୍ଷ ଭାବେ କରାଯାଉଛି ବୋଲି କହୁଥିବାବେଳେ ସର୍ଭେ ନାଁ ରେ କିନ୍ତୁ ବାରମ୍ବାର ବରିଷ୍ଠ ନାଗରିକଙ୍କୁ ହଇରାଣ କରାଯାଉଥିବା ଅଭିଯୋଗ ହେଉଛି ।୨୦୦୨ ମସିହା ଓ ୨୦୨୫ ମସିହା ଭୋଟର ତାଲିକା ସହିତ ମେଳକ (ମ୍ୟାପିଂ) କରାଯାଇ ସର୍ଭେ କରାଯାଉଥିବା କୁହାଯାଉଥିବାବେଳେ ଏଥିରେ ଅନେକ ବ୍ୟତିକ୍ରମ ଦେଖିବାକୁ ମିଳିଛି । ଗୋଟିଏ ଥରରେ ତଥ୍ୟ ନନେଇ ସର୍ଭେରେ ଆସୁଥିବା ଅଧିକାରୀମାନେ ଥର ଥର କରି ଘରକୁ ଆସି ବିଭିନ୍ନ ପ୍ରକାର ତଥ୍ୟ ମଗା ବାହାନାରେ ସେମାନଙ୍କୁ ହଇରାଣ କରୁଥିବା ଏନେଇ ବିଭିନ୍ନ ଫୋରମ ପକ୍ଷରୁ ସୋସିଆଲ ମିଡିଆରେ ଅଭିଯୋଗ ହେଉଛି । ତେବେ ଯେଉଁ ଅଫିସରମାନେ ସେମାନଙ୍କ ଘରକୁ ଯାଇ ଫଟୋ ଉଠାଇ, ପ୍ରମାଣପତ୍ର ଯାଂଚ କରି ତାର କପି ନେବା ସହିତ ଫଟୋ ଉଠାଇ ନେଉଛନ୍ତି ସେମାନେ କଅଣ ନକଲି କର୍ମଚାରୀ ବୋଲି ଅଭିଯୋଗକାରୀମାନେ ପ୍ରଶ୍ନ କଲେଣି । ୬୫/୭୦ ବର୍ଷ ବୟସରେ ସରକାର ବରିଷ୍ଠ ନାଗରିକମାନଙ୍କୁ ଯଦି ବଙ୍ଗଳାଦେଶୀ ଅନୁପ୍ରବେଶକାରୀ ଭାବୁଛନ୍ତି ତେବେ ସେମାନକୁ ବଙ୍ଗୋପସାଗରରେ ଫିଙ୍ଗି ଦିଅନ୍ତୁ ବୋଲି ଅଭିଯୋଗକାରୀମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି । ତେଣୁ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଜିଲ୍ଲା ପ୍ରଶାସନ ବରିଷ୍ଠ ନାଗରିକଙ୍କ ସମେତ ଉପଯୁକ୍ତ ଭୋଟରମାନଙ୍କୁ ସହଯୋଗ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି ।

# ନିଟ୍ ପରୀକ୍ଷାରେ ଶୁଭମ ଶାଶ୍ୱତ ଓଝାଙ୍କ କୃତିତ୍ୱ




କେନ୍ଦୁଝର:୧୮/୦୭(ଦିଲ୍ଲୀପ କୁମାର ସାହୁ) - ନିଟ୍ ୟୁଜି ୨୦୨୬ ପରୀକ୍ଷାରେ କେନ୍ଦୁଝରର ଛାତ୍ର ଶୁଭମ ଶାଶ୍ୱତ ଓଝା ଉଲ୍ଲେଖନୀୟ ସଫଳତା ପାଇଛନ୍ତି । ସେ ଉକ୍ତ ପ୍ରବେଶିକା ପରୀକ୍ଷାରେ ୭୨୦ ରୁ ୬୨୧ ନମ୍ବର ରଖି ସର୍ବଭାରତୀୟ ସ୍ତରରେ ୪୯୨୪ ର୍ୟାଙ୍କ ହାସଲ କରିଛନ୍ତି । ଶୁଭମ ଶାଶ୍ୱତ ଓଝା ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ କେନ୍ଦୁଝରରେ ୯୬.୬ ପ୍ରତିଶତ ମାର୍କ ଏବଂ ଭୁବନେଶ୍ୱର ପୋଖରୀପୁଟ ଡିଏଭି ପବ୍ଲିକ ସ୍କୁଲରୁ ୯୭.୪ ପ୍ରତିଶତ ନମ୍ବର ରଖି ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ବିଦ୍ୟାଳୟ ଟପର ହୋଇଥିଲେ । ପିଲାବେଳୁ ଭଲ ପାଠପଢା ସହ ଭବିଷ୍ୟତରେ ଜଣେ ଡାକ୍ତର ହୋଇ ଲୋକଙ୍କ ସେବା କରିବାକୁ ଲକ୍ଷ୍ୟ ରଖିଥିଲେ । ସେ ପୋଖରୀପୁଟ ଡିଏଭି ପବ୍ଲିକ ସ୍କୁଲରେ ଯୁକ୍ତ ଦୁଇ ବିଜ୍ଞାନ ପାଠ୍ୟକ୍ରମ ସହ ନିଟ ପାଇଁ କୋଚିଂ ନେଉଥିଲେ । ଶୁଭମ ଶାଶ୍ୱତ ପ୍ରତିଦିନ ୧୫ ଘଣ୍ଟା କଠିନ ପରିଶ୍ରମ କରୁଥିଲେ । ଭବିଷ୍ୟତରେ ଡାକ୍ତର ହୋଇ ରୋଗୀସେବାରେ ଉତ୍ସର୍ଗୀକୃତ ହେବେ ବୋଲି କହିଛନ୍ତି । ତାଙ୍କର ଏହି ସଫଳତା ପାଇଁ ପୋଖରୀପୁଟ ଡିଏଭି ପବ୍ଲିକ ସ୍କୁଲର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଏବଂ ପିତାମାତାଙ୍କୁ ଶ୍ରେୟ ଦେଇଛନ୍ତି । ଶୁଭମ ଶାଶ୍ୱତଙ୍କ ପିତା ମନୋଜ କୁମାର ଓଝା ଜିଲ୍ଲା ପରିଷଦ କେନ୍ଦୁଝରରେ ବରିଷ୍ଠ ରାଜସ୍ୱ ସହାୟକ ଭାବେ କାର୍ଯ୍ୟ କରୁଥିବାବେଳେ ମାତା ମନ୍ଦାକିନି ମହାରଣା ଗୃହିଣୀ ଅଟନ୍ତି । ତାଙ୍କ ଘର କେନ୍ଦୁଝର ଜିଲ୍ଲା ଆନନ୍ଦପୁର ପୌରାଞ୍ଚଳ ଅନ୍ତର୍ଗତ ଫକିରପୁର ତଳସାହିରେ । ନିଟ୍ ସଫଳତା ସହିତ ଶୁଭମ ଶାଶ୍ୱତ ଓଝା ଚଳିତ ବର୍ଷ ନାଇଜର ପରୀକ୍ଷାରେ ସର୍ବଭାରତୀୟସ୍ତରରେ ୧୭୫ ର୍ୟାଙ୍କରେ ସଫଳତା ପାଇଛନ୍ତି ।

# ୭୨ତମ ରାଜ୍ୟ ଜୁନିଅର ଦୌଡ଼କୁଦ ପ୍ରତିଯୋଗିତା ପାଇଁ ଖେଳାଳି ଚୟନ

କେନ୍ଦୁଝର:୧୮/୦୭(ଦିଲ୍ଲୀପ କୁମାର ସାହୁ) - କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଆସନ୍ତା ୨୩ ତାରିଖ ଗୁରୁବାର ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ୭୨ତମ ଦୌଡ଼କୁଦ ପ୍ରତିଯୋଗିତାରେ କେନ୍ଦୁଝର ଜିଲ୍ଲା ଦଳ ଗଠନ ପାଇଁ ଏକ ଚୟନ ଶିବିର ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ସିନ୍ଥେଟିକ ଟ୍ରାକରେ ୧୪, ୧୬, ୧୮ ଏବଂ ୨୦ ବର୍ଷରୁ କମ ବାଳକ ଓ ବାଳିକା ବିଭାଗରେ ଏହି ଚୟନ ଶିବିର ଅନୁଷ୍ଠିତ ହେବ କ୍ଷ ୦ ବର୍ଷରୁ କମ ବାଳକ ଓ ବାଳିକା ବିଭାଗରେ ଯୋଗ ଦେବାକୁ ଥିବା ଖେଳାଳି ମାନଙ୍କ ଜନ୍ମ ତାରିଖ ୨୮-୧୦-୨୦୦୬ ରୁ ୨୭-୧୦-୨୦୦୮ ମଧ୍ୟରେ ହୋଇଥିବା ଆବଶ୍ୟକ । ୧୮ ବର୍ଷରୁ କମ ବାଳକ ଓ ବାଳିକା ବିଭାଗରେ ଯୋଗଦେବାକୁ ଥିବା ଖେଳାଳି ମାନଙ୍କ ଜନ୍ମ ତାରିଖ ୨୮-୧୦-୨୦୦୮ ରୁ ୨୭-୧୦-୨୦୧୦ ମଧ୍ୟରେ ହୋଇଥିବା ଆବଶ୍ୟକ । ୧୬ ବର୍ଷରୁ କମ ବାଳକ ଓ ବାଳିକା ବିଭାଗରେ ଯୋଗଦେବାକୁ ଥିବା ଖେଳାଳି ମାନଙ୍କ ୨୮-୧୦-୨୦୧୦ ରୁ ୨୭-୧୦-୨୦୧୨ ମଧ୍ୟରେ ହୋଇଥିବା ଆବଶ୍ୟକ କ୍ଷ ସେହିପରି ୧୪ ବର୍ଷରୁ କମ ବାଳକ ଓ ବାଳିକା ବିଭାଗରେ ଯୋଗଦେବାକୁ ଥିବା ଖେଳାଳି ମାନଙ୍କ ଜନ୍ମ ତାରିଖ ୨୮-୧୦-୨୦୧୨ ରୁ ୨୭-୧୦-୨୦୧୪ ମଧ୍ୟରେ ହୋଇଥିବା ଆବଶ୍ୟକ କ୍ଷଏହି ଚୟନ ଶିବିରରେ ଯୋଗ ଦେବାକୁ ଚାହୁଁଥିବା ଖେଳାଳି ମାନେ ସେମାନଙ୍କ ଅରିଜିନାଲ ଜନ୍ମ ପ୍ରମାଣ ପତ୍ର ଏବଂ ଆଧାର କାର୍ଡ ସହ ୨୩ ତାରିଖ ସକାଳ ୭ ଘଟିକା ସମୟରେ ବରିଷ୍ଠ ଦୌଡ଼କୁଦ ପ୍ରଶିକ୍ଷକ ରାଜେନ୍ଦ୍ର କୁମାର ସି ଏବଂ ପ୍ରଦୀପ କୁମାର ବାରିକ ଙ୍କୁ ରିପୋର୍ଟ କରିବାକୁ କୁହାଯାଇଛି । ଏହି ଚୟନ ଶିବିରରୁ ବଛା ଯାଇଥିବା ଜିଲ୍ଲା ଦଳର ଖେଳାଳି ମାନେ ଆସନ୍ତା ମାସ ୭ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ନବ ନିର୍ମିତ ରାଇରଙ୍ଗପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ସିନ୍ଥେଟିକ ଟ୍ରାକରେ ହେବାକୁ ଥବା ୭୨ତମ ଓଡିଶା ରାଜ୍ୟ ଜୁନିଅର ଦୌଡ଼କୁଦ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ ବୋଲି ଜିଲ୍ଲା କ୍ରୀଡା ସଂସ୍ଥା ସାଧାରଣ ସମ୍ପାଦକ ସଂଗ୍ରାମ ପଟ୍ଟନାୟକଙ୍କ ଠାରୁ ପ୍ରକାଶ । ବିଶେଷ ବିବରଣୀ ପାଇଁ ମୋବାଇଲ ନମ୍ବର ୯୯୩୮୫୩୨୨୦୯/୮୨୬୦୫୮୧୨୬୯ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି ।

# ୫୨୦ ନମ୍ବର୍ ଜାତୀୟ ରାଜପଥରେ ସଡ଼କ ଦୁର୍ଘଟଣା:ଜଣେ ମୃତ ଦୁଇ ଗୁରୁତର



କେନ୍ଦୁଝର/ଚମ୍ପୁଆ:୧୮/୦୭(ଦିଲ୍ଲୀପ କୁମାର ସାହୁ) - କେନ୍ଦୁଝର ଜିଲ୍ଲା ଚମ୍ପୁଆ ଥାନା ଅନ୍ତର୍ଗତ ୫୨୦ନମ୍ବର୍ ଜାତୀୟ ରାଜପଥର ରଘୁଆଳ ସାହି ଓଭରବ୍ରିଜ ଉପରେ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟି ଜଣେ ମୃତ ଦୁଇ ଜଣ ଗୁରୁତର ହୋଇଥିବା ସୂଚନା ମିଳିଛି । ରାସ୍ତା କଡରେ ଛିଡା ହୋଇଥିବା ଏକ ଟ୍ରକ ପଛରେ ଧକ୍କା ଦେଲା ଦ୍ରୁତ ବେଗରେ ଆସୁଥିବା ଏକ ବୋଲେରୋ । ଫଳରେ ବୋଲେରୋରେ ବସିଥିବା ୩ଜଣଙ୍କ ମଧ୍ୟରୁ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୨ ଜଣ ଗୁରୁତର ହୋଇଥିବା ସୂଚନା ମିଳିଛି । ଗତ ଶୁକ୍ରବାର ବିଳମ୍ବିତ ରାତି ପ୍ରାୟ ଗୋଟାଏ ବେଳେ ବଡ଼ବିଲ ପଟୁ ଆସୁଥିବା ଏକ ବୋଲେରୋ ଚମ୍ପୁଆ ଥାନା ଅନ୍ତର୍ଗତ ୫୨୦ ନମ୍ବର୍ ଜାତୀୟ ରାଜପଥ ରଘୁଆଳସାହି ଓଭର ବ୍ରୀଜ ନିକଟରେ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଟ୍ରକ ପଛରେ ଧକ୍କା ଦେଇଥିଲା । ଫଳରେ ଗାଡିରେ ଥିବା ତିନି ଜଣଯାକ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ସଙ୍ଗେ ସଙ୍ଗେ ନିକଟସ୍ଥ ବାସୁଦେବପୁର ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ସେଠାରେ ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ ଚମ୍ପୁଆ ଡାକ୍ତର ଖାନାକୁ ନିଆଯାଇଥିଲା ସେଠାରେ ଡ୍ରାଇଭରର ମୃତ୍ୟୁ ଘଟିଥିବା ନେଇ ସୂଚନା ମିଳିଛି । ଅନ୍ୟ ଦୁଇ ଜଣକ ମଧ୍ୟରୁ ଜଣକ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡ଼ିଛି । ଦୁର୍ଘଟଣା ଏତେ ଜୋରଦାର ଥିଲାକି ବୋଲେରୋ ଗାଡ଼ିର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଚୂରମାର ହୋଇଯାଇଥିବା ଦେଖାଯାଇଛି । ତେବେ ସେମାନଙ୍କ ପରିଚୟ ଜଣାପଡିନାହିଁ । ପୋଲିସ ଚମ୍ପୁଆ ଡାକ୍ତରଖାନାରେ ପହଞ୍ଚି ଘଟଣା ସମ୍ପର୍କରେ ଅଧିକ ତଦନ୍ତ ଚଳାଇଥିବା ନେଇ ସୂଚନା ମିଳିଛି ।

## କଟକ ଏସ ସି ବି ମେଡ଼ିକାଲରେ ରନ୍ଧା ଖାଦ୍ୟ ବଣ୍ଟନ

କଟକସାଦର (୧୮/୭(ଅକ୍ଷର ଓଡିଶା )କଟକ ମେଡିକାଲକୁ ଆସୁଥିବା ଅନେକ ରୋଗୀ ଏବଂ ସମ୍ପର୍କୀୟ ମାନେ ଆର୍ଥିକ ଅନାଟନ ଯୋଗୁ ଅସହାୟ ହୋଇପଡନ୍ତି। ଏମାନଙ୍କୁ ସହଯୋଗ କରିବାପାଇଁ ସବୁବେଳେ ଚେଷ୍ଟା କରିଥାନ୍ତି ସମାଜସେବୀକା ସ୍ୱରସ୍ୱତୀ ବେହେରା ଓ ସସ୍ମିତା ବାରିକଙ୍କ ନେତୃତ୍ୱରେ୫୦୦ ଲୋକଙ୍କ ପାଇଁ ରନ୍ଧା ଖାଦ୍ୟ ପ୍ରସ୍ତୁତ କରି ଅତି ଶୃଙ୍ଖଳାର ସହିତ ଅସହାୟ ମାନଙ୍କୁ ବଣ୍ଟନ କରାଯାଇଥିଲା। ଏଥିରେ ଅତିଥି ଭାବେ ଅଟଳ ସ୍ମୃତି ଫାଉଣ୍ଡେସନର ସଭାପତି ତଥା ବିଜେପି ନେତା ଚିତ୍ତରଞ୍ଜନ ଦାସ ଯୋଗ ଦେଇଥିଲେ ! କାର୍ଯ୍ୟକ୍ରମ କୁ ସୁଚାରୁ ରୂପେ ଚଳାଇବାକୁ ମାଗୁଣି ଚରଣ ବାରିକ,ଲକ୍ଷ୍ମୀ ବିଶ୍ୱାଳ, ଆର.ରାମବାବୁ,ଝରଣା ବେହେରା, କରିସ୍ମା ବାରିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ !

## ଶ୍ରାଦ୍ଧ ଦିବସରେ କୁନିକୁନି ଛୁଆଁମାନଙ୍କୁ ଛତା ବଣ୍ଟନ କଲେ ସରପଞ୍ଚ

ନୂଆପଡା .୧୮ /୦୭( ଅକ୍ଷର ଓଡିଶା ) ନୂଆପଡା ଜିଲ୍ଲା ଖୁଦପେଜ ଗ୍ରାମପଞ୍ଚାୟତ ସରପଞ୍ଚ ର ଶାଶୁ ମାଁଙ୍କ



ବାର୍ଷିକ ଶ୍ରାଦ୍ଧ ଦିବସକୁ ସ୍ମରଣୀୟ କରିବା ପାଇଁ ସରପଞ୍ଚ ଯଶୋଦା ଶତପଥୀ କୁନିକୁନି ଛୁଆଁମାନଙ୍କୁ ଛତା ବଣ୍ଟନ କରିଛନ୍ତି। ଏହି ମାନବିକ ପଦକ୍ଷେପ ଗ୍ରାମବାସୀଙ୍କ ମଧ୍ୟରେ ସାଧୁବାଦର ସ୍ୱର ଉଠାଇଛି।ଶ୍ରାଦ୍ଧ ଦିବସରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ଅନେକ ଛୋଟ ଛୁଆଁ ଉପସ୍ଥିତ ଥିଲେ। ବର୍ଷା ଋତୁରେ ଛୁଆଁମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ସରପଞ୍ଚ ଯଶୋଦା ଶତପଥୀ ନିଜ ତରଫରୁ ଛତା ବଣ୍ଟନ କରିଥିଲେ। ଏହା ସହ ସେ ଶାଶୁ ମାଁଙ୍କ ସ୍ମୃତିରେ ଏଭଳି ସେବାମୂଳକ କାର୍ଯ୍ୟ କରିବାକୁ ପରିବାରର ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ବୋଲି କହିଥିଲେ।ଏହି ଅବସରରେ ଗ୍ରାମର ବୟୋଜ୍ୟେଷ୍ଠ, ମହିଳା ଓ ଯୁବକମାନେ ଉପସ୍ଥିତ ରହି ସରପଞ୍ଚଙ୍କ ଏହି ପ୍ରୟାସକୁ ପ୍ରଶଂସା କରିଥିଲେ। ସ୍ଥାନୀୟ ଲୋକମାନେ କହିଛନ୍ତି ଯେ, ଏଭଳି ସାମାଜିକ ଓ ମାନବିକ କାର୍ଯ୍ୟ ଗ୍ରାମରେ ସକାରାତ୍ମକ ସନ୍ଦେଶ ପ୍ରସାର କରେ।ଶ୍ରାଦ୍ଧ ଦିବସରେ ଛୁଆଁମାନଙ୍କୁ ଛତା ବଣ୍ଟନ କରି ସରପଞ୍ଚ ଯଶୋଦା ଶତପଥୀ ଏକ ଉଦାହରଣ ସୃଷ୍ଟି କରିଛନ୍ତି ବୋଲି ଅଞ୍ଚଳବାସୀ ମତ ପ୍ରକାଶ କରିଛନ୍ତି।

## ଟ୍ରକ୍ ବାଇକ୍ ମୁହାଁ ମୁହିଁ ଧକ୍କା, ବାଇକ୍ ଆରୋହୀ ମୃତ

# କ୍ଷତିପୂରଣ ଦାବିରେ ଉତ୍ତେଜନା



ହିଞ୍ଜିଳିକାଟୁ:୧୮/୭(ଅବନି କାନ୍ତ ପଟ୍ଟନାୟକ)ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକ୍ ବେଲଗାଁ ଥାନା ଅନ୍ତର୍ଗତ ଶିଖରପୁର ଗ୍ରାମ ନିକଟରେ ଶୁକ୍ରବାର ରାତ୍ର ଟ୍ରକ୍ ଏବଂ ବାଇକ୍ ମଧ୍ୟରେର ମୁହାଁ ମୁହିଁ ଧକ୍କା ରେ ବାଇକ୍ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି । ମୃତକ ଜଣକ ହେଲେ ହିଞ୍ଜିଳିକାଟୁ ବ୍ଲକ୍ ଭାବନ୍ଧ ଗ୍ରାମର ଗଙ୍ଗା ଦାସ (୩୦) । ତେବେ କ୍ଷତିପୂରଣ ଦାବି କୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ପୋଲିସ ଏହି ଘଟଣାରେ ୨ ଟ୍ରକ୍ ଡ୍ରାଇଭର ଙ୍କୁ ଅଟକ ରଖିଥିବାବେଳେ ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ରାସ୍ତାରେ ମଝିରେ ପଥର ରଖି ଏବଂ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି। ଘଟଣାର ଖବର ପାଇ ହିଞ୍ଜିଳିକାଟୁ ତହସିଲଦାର, ହିଞ୍ଜିଳି ଆଇଆଇସି, ବେଲଗାଁ ଆଇଆଇସି ଏବଂ ଅନ୍ୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି କୁ ନିୟନ୍ତ୍ରଣ କରିବା ପାଇଁ ଚେଷ୍ଟା ଚଳାଇଛନ୍ତି । ସୂଚନା ପ୍ରକାରେ ଗଙ୍ଗା ଦାସ ଏକ ପଲସର–୨୨୦ ମୋଟରସାଇକେଲ ଯୋଗେ ନିଜ ଗ୍ରାମ ଭାବନ୍ଧରୁ କୁକୁଡାଖଣ୍ଡି ଗ୍ରାମ ଅଭିମୁଖେ ବାହାରିଥିବା ବେଳେ ଶିଖରପୁର ଗ୍ରାମ ନିକଟରେ ସାମ୍ନା ପଟରୁ ଆସୁଥିବା ଦୁଇଟି ଲୁହା ବୋଝେଇ ଛଅ ଚକିଆ ଟ୍ରକ (ନଂ ଓଡ଼ି - ୦୭- ବିଜି -୦୧୮୮ ଓ ଓଆର -୦୭- ଜେ - ୮୮୪୪ ) ସହ ମୁହାଁ ମୁହିଁ ଧକ୍କା ଦେଇଥିଲା ଫଳରେ ଘଟଣାସ୍ଥଳରେ ବାଇକ୍ ଆରୋହୀ ଗଙ୍ଗା ଦାସଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଦୁର୍ଘଟଣା ପରେ ଶିଖରପୁର ଗ୍ରାମବାସୀ ଉଭୟ ଟ୍ରକ ଚାଳକଙ୍କୁ କାବୁ କରି ବେଲଗାଁ ଥାନାକୁ ଖବର ଦେଇଥିଲେ ଘଟଣାର ସୂଚନା ପାଇ ହିଞ୍ଜିଳି ତହସିଲଦାର ତପନ କୁମାର ମହାପାତ୍ର, ବେଲଗାଁ ଥାନା ଆଇଆଇସି ସ୍ମିତାଞ୍ଜଳି ପ୍ରଧାନ, ହିଞ୍ଜିଳି ଆଇଆଇସି ଶ୍ରୀନିବାସ ସେଠୀ, ଆସିକା ଏସଡିପିଓ ସୌରଭ ପ୍ରଧାନ, ଭାବନ୍ଧ ସରପଞ୍ଚ କାଳିଆ ଦାସ, ପଞ୍ଚାୟତ ସମିତି ସଭ୍ୟାଙ୍କ ପ୍ରତିନିଧି ପ୍ରେମାନନ୍ଦ ନାହାକ ଏବଂ ସାହାପୁର ପଞ୍ଚାୟତ ସରପଞ୍ଚ ପ୍ରତିନିଧି କାହ୍ନୁ ରାଉତ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ସମୀକ୍ଷା କରିଥିଲେ। ସ୍ଥାନୀୟ ଲୋକେ ପରିବାର କୁ କ୍ଷତିପୂରଣ ଦାବି କୁ ନେଇ ରାସ୍ତାରେ ପଥର ରଖି,ଟାୟାର ଜାଳି ରାସ୍ତାରୋକ ଅବରୋଧ କରିଥିଲେ। ଯାହାଦ୍ୱାର ବହୁ ସମୟଧରି ଭାବନ୍ଧ ରୁ ପାଟପୁର ଯିବା ରାସ୍ତାରେ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ମୃତକ ଙ୍କ ପରିବାରକୁ ରେଡକ୍ରସ ପାଣ୍ଠିରୁ ୩୦ ହଜାର ଓ ଟ୍ରକ ମାଲିକ ୫୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି। ଆଲୋଚନା ବେଳେ ପ୍ରଶାସନ ପକ୍ଷରୁ ଟ୍ରକ ଓ ମୋଟରସାଇକେଲର ବୀମା ନିୟମ ଅନୁଯାୟୀ ପୀଡ଼ିତ ପରିବାରକୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଅନ୍ୟପକ୍ଷରେ ମୃତକଙ୍କ ପରିବାର ପକ୍ଷରୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବି କରାଯାଇଥିବା ଜଣାପଡ଼ିଛି।

## ବାହାରିନରେ ପ୍ରବାସୀ ଓଡ଼ିଆ ପାଳିଲେ ରଥଯାତ୍ରା



କଟକସାଦର ୧୮/୦୭ (ଅକ୍ଷର ଓଡିଶା ) ବାହାରିନର ରାଜଧାନୀ ମାନାମା ଠାରେ ପ୍ରବାସୀ ଓଡ଼ିଆଙ୍କ ସଂଗଠନ 'ବାହାରିନ ଓଡ଼ିଆ ସମାଜ' ଘୋଷ ଯାତ୍ରା ପାଳନ କରିଛନ୍ତି।ବାହାରିନ ଓଡ଼ିଆ ସମାଜର ସଭାପତି ରାମଚନ୍ଦ୍ର ସାହୁ ଓ ଶ୍ରୀ ଶ୍ରୀ ରାଧା ଗୋପାଳ କୃଷ୍ଣ ମନ୍ଦିରର ଯାଦ୍ୱପତି କୃଷ୍ଣଦାସ ପ୍ରଭୁ ଓ ପ୍ରଶାନ୍ତ ପ୍ରଭୁ ରଥ ଉପରେ ଛେରାପହଁରା କରିବା ପରେ ରଥ ଆଗକୁ ଗଡ଼ିଥିଲା,ରଥ ଉପରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ବଳଭଦ୍ର ଓ ଭଉଣୀ ଦେବୀ ସୁଭଦ୍ରା ବିଜେ ହେଲା ପରେ ଶ୍ରଦ୍ଧାଳୁ ମାନେ ଭାବବିହୋଳ ହୋଇଥିଲେ।ବାହାରିନ ଓଡ଼ିଆ ସମାଜର କୋଷାଦକ୍ଷ ଅଶୋକ କୁମାର ପାଣି , ସାଂସ୍କୃତିକ ସଂପାଦିକା ସରିତା ପାଢ଼ୀ, କ୍ରୀଡା ସମ୍ପାଦକ ଅନିରୁଦ୍ଧ ବିଶ୍ୱାଳ ଭକ୍ତ ମାନଙ୍କ ଗହଣରେ ଜଗନ୍ନାଥ ସଂସ୍କୃତି ବିଷୟରେ ଆଲୋଚନା କରିଥଲେ। ବିଦେଶର ରଥ ଯାତ୍ରା ପାଳନ କରିବା ପ୍ରତେକ ପ୍ରବାସୀ ଓଡ଼ିଆଙ୍କ ପାଇଁ ସୌଭାଗ୍ୟର କଥା ବୋଲି, ସମାଜର ଯୁଗ୍ମ ସାଧାରଣ ସମ୍ପାଦକ ଅମରେଶ ପଣ୍ଡା , ଜନ ସମ୍ପର୍କ ସମ୍ପାଦିକା ଅଙ୍କିତା ନାୟକ କହିଥିଲେ। ରଥ ନିର୍ମାଣଠୁ ଆରମ୍ଭ କରି ରଥ ଯାତ୍ରା ଶେଷ ପର୍ଯ୍ୟନ୍ତ ଅନୁଷ୍ଠାନ ର ବରିଷ୍ଠ ସଦସ୍ୟ ମାନେ ସହଯୋଗ କରିଥଲେ। ବାହାରିନ ଓଡ଼ିଆ ସମାଜ ର ସଭାପତି ରାମଚନ୍ଦ୍ର ସାହୁ ଭକ୍ତ ମାନଙ୍କୁ ଉଦବୋଧନ ଦେଇ ବାହାରିନରେ ରଥ ଯାତ୍ରା ପାଳନ କରିବା ପ୍ରଭୂ ଜଗନ୍ନାଥଙ୍କ ଲୀଳା ଓ କରୁଣା ବୋଲି କହିଥିଲେ।

## କୁସୁମଖୁଣ୍ଟି ସବ୍ ମାଇନର କେନାଲ ୨ ଓ ୩ ରେ ଗଛ-ଲତା ଓ ମାଟି ଭର୍ତ୍ତି, ଚାଷୀ ଅସନ୍ତୋଷ



କୋକସରା: ୧୮/୦୭(ମଙ୍ଗରାଜ ବେହେରା ) ଉପର ଇନ୍ଦ୍ରାବତୀ ବାମ କେନାଲ କଳାହାଣ୍ଡିର ବିଶାଳ ଅଞ୍ଚଳ ରେ ଜଳସେଚନ ସୁବିଧା ପ୍ରଦାନ କରୁଥିବା ବେଳେ, ଅର୍ଥନୀତି ଓ ଚାଷ ଆଧାରିତ ଜୀବନର ଗୋଟିଏ ମୁଖ୍ୟ ଶକ୍ତି । ଯାହା ପ୍ରସ୍ତୁତ"ନବକଳେବର" ଯୋଜନା ଦ୍ୱାରା ଆଧୁନିକ ଓ ଉନ୍ନତ କରାଯିବା ର ଥିଲେ ହେଁ, ଚାଷିମାନଙ୍କ ଜଳସେଚନ ଓ କେନାଲ ସହିତ ଜଡିତ ଥିବା ରାସ୍ତା ନିର୍ମାଣ ହୋଇ ଚାଷୀ ଓ ଜନସାଧାରଣ ଉପକୃତ ହେବା କଥା ।ସ୍ଥାନୀୟ ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘ ମାସ ଧରି ସବମାଇନର ୨ ଓ ୩ ଏ ଦୁଇଟି କେନାଲରେ ଗଛ, ଲତା ଓ ମାଟି ଜମି ରହିଛି। ତେଣୁ କେନାଲ ଦେଇ ନିର୍ଦ୍ଧାରିତ ପରିମାଣରେ ଜଳ ପ୍ରବାହିତ ହୋଇ ପାରୁନାହିଁ।ବାମ କେନାଲ ଡ଼ିବିଜନ ଅଫିସ କୁସୁମଖୁଣ୍ଟିରେ ରହିଥିଲେ ମଧ୍ୟ ସ୍ଥାନୀୟ ସବ୍ ମାଇନର କେନାଲ ଦୁଇଟିର ରକ୍ଷଣାବେକ୍ଷଣ ଦିଗରେ ବିଭାଗ ସମ୍ପୂର୍ଣ୍ଣ ଉଦାସୀନତା ପ୍ରଦର୍ଶନ କରୁଛି ।ଫଳରେ ଶହ ଶହ ଏକର ଚାଷ ଜମି, ଠିକ ସମୟରେ ଜଳ ଅଭାବରୁ ନଷ୍ଟ ହେବାର ଆଶଙ୍କା ସୃଷ୍ଟି ହୋଇଛି। ଏଥିପାଇଁ କୁସୁମଖୁଣ୍ଟି ଗାଁର ଶତାଧିକ ଚାଷୀ ପ୍ରତିବର୍ଷ ଖରିଫ ଓ ରବି ଫସଲ ସମୟରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।ଗତ ୧୯ /୧/ ୨୦୨୬ ତାରିଖ ଦିନ ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ଙ୍କୁ ଏ ଦୁଇ କେନାଳର ଅନେକ ଚାଷୀ ବୁଲି ବୁଲି ଦେଖେଇ ଥିଲେ ବି ଏହାର ସ୍ଥାୟୀ ସମାଧାନ କରିବୁ ବୋଲି ପ୍ରତିଶୃତି ପରେବି କେନାଲ ସଫା କରିବା ଓ ସ୍ଥାୟୀ ସମାଧାନ ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ, ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ସବ ମାଇନର କେନାଲ ୨ ଓ ୩ କୁ ସଫା କରାଯାଇ, ଉକ୍ତ ଦୁଇ ଗୋଟି କେନାଲର ସ୍ଥାୟୀ ବ୍ୟବସ୍ଥା କରି ଚାଷ ଜମିକୁ ଠିକ୍ ସମୟରେ ଜଳ ଯୋଗାଣ ସୁନିଶ୍ଚିତ କରାଯାଉ। ନଚେତ୍ ଆଗାମୀ ଦିନରେ ସେମାନେ ଇନ୍ଦ୍ରାବତୀ ଡ଼ିବିଜନ ଅଫିସ ସମ୍ମୁଖରେ ଧାରଣା ଦେବାକୁ ବାଧ୍ୟ ହେବେ ବୋଲି ଚାଷୀ ମାନେ ଚେତାବନୀ ଦେଇଛନ୍ତି।ଏ ନେଇ ବିଭାଗୀୟ ସହକାରୀ ଯନ୍ତ୍ରୀ ପରମାନନ୍ଦ ନାୟକ ଙ୍କୁ ପଚାରିବାରୁ ସେ ତୁରନ୍ତ କେନାଲ ସଫା କରେଇବୁ ବୋଲି କହିଛନ୍ତି।

## ଘଣାସାଳିଆ ଗ୍ରାମ ମର୍ଦ୍ଦଙ୍ଗା ସରନାଳର ପୁନରୁଦ୍ଧାର ଦାବୀ

କଣ୍ଟିଲୋ ୧୮ ।୭ (ଅକ୍ଷର ଓଡ଼ିଶା) ଖଣ୍ଡପଡ଼ା ବ୍ଲକର ବଡ଼ ବାଣପୁର ପଞ୍ଚାୟତ ଅଧୀନ ଘଣଶାଳିଆ ଗ୍ରାମ ରେ ଅବସ୍ଥିତ ମର୍ଦଙ୍ଗା ସରନାଳର ପୁନରୁଦ୍ଧାର ଦିଗରେ ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀ ଦିର୍ଘ ବର୍ଷ ଧରି ଦାବି କରି ଆସୁଛନ୍ତି ।ମାତ୍ର ପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଉ ନଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।ଏକଦା ଉକ୍ତ ସରନାଳଟିରେ ଆଖପାଖ ଅଞ୍ଚଳର ଜନସାଧାରଣ ସ୍ନାନ,ଶୌଚ ଆଦି ଦୈନନ୍ଦିନ ନିତ୍ୟକର୍ମ ସାରୁଥିବା ବେଳେ ଆଖପାଖ ଅଞ୍ଚଳର ଚାଷୀମାନେ ଏକର ଏକର ଚାଷ ଜମିରେ ପନିପରିବା ଓ ରବି ଫସଲ ଚାଷ କରିବା ନିମନ୍ତେ ଏହି ସରନାଳର ପାଣି ଉପରେ ନିର୍ଭର କରୁଥିଲେ ।ମାତ୍ର ଏବେ ସମୟ ବଦଳି ଯାଇଛି ।ସରନାଳର ପାଣି ରକ୍ଷଣାବେକ୍ଷଣ ଅଭାବରୁ ଜହର ପାଲଟିଛି ।ସରନାଳରୁ ଦୀର୍ଘ ବର୍ଷ ଧରି ପଙ୍କ ଉଦ୍ଧାର କାର୍ଯ୍ୟ କରାଯାଇ ନଥିବା ବେଳେ ଅନାବନା ଘାସ ଓ ଦଳରେ ପରିପୂର୍ଣ୍ଣ ସରନାଳଟି ଏବେ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଛି। ପୁରା ସରନାଳରେ ଘାସର ଏକ ଆସ୍ତରଣ ଜମି ରହିଥିବାରୁ ଦୁରରୁ ସରନାଳଟି ଏକ ପଡିଆର ଭ୍ରମ ସୃଷ୍ଟି କରୁଛି।



ବିଷଧର ସରୀସୃପଙ୍କ ଠାରୁ ଆରମ୍ଭ କରି ମଶା, ଡାଉଁଶଙ୍କ ଅନ୍ତୁଡ଼ିଶାଳ ପାଲଟିଥିବା ଏହି ସରନାଳର ପୁନରୁଦ୍ଧାର ଦିଗରେ ଖଣ୍ଡପଡ଼ା ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଘଣାଶାଳିଆ, ରତନପୁର, କୁମୁଣ୍ଡି ପ୍ରଭୃତି ଗ୍ରାମବାସୀ ଦାବି କରିଛନ୍ତି ।ପ୍ରକାଶଥାଉକି ଉକ୍ତ ସରନାଳର ପୁନରୁଦ୍ଧାର କାର୍ଯ୍ୟ କରାଗଲେ ଏକର ଏକର ଚାଷ ଜମିରେ ପୂର୍ବ ପରି ଚାଷ ବାସ କାର୍ଯ୍ୟ ସୁଗମ ହେବା ସହ ଶହଶହ ଚାଷୀ ପରିବାର ଗୁଡ଼ିକ ବିଶେଷ ଭାବେ ଉପକୃତ ହୋଇ ପାରିବେ ବୋଲି ଜଣାପଡିଛି ।ଏଥିପ୍ରତି ଖଣ୍ଡପଡ଼ା ବ୍ଲକ ଉନ୍ନୟନ ଅଧିକାରୀ , ନୟାଗଡ ଜିଲ୍ଲାପାଳ ଓ ଖଣ୍ଡପଡ଼ା ବିଧାୟକ ଦୃଷ୍ଟି ଦେବାକୁ ସାଧାରଣରେ ଓ ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି।

## ଉପୁଡ଼ି ପଡ଼ିଲା ବିରାଟକାୟ ଆମ୍ବ ଗଛ ଭାଙ୍ଗିଲା ବିଦ୍ୟୁତ୍ ଖୁଣ୍ଟ : ଅଳ୍ପକେ ବର୍ତ୍ତିଲେ ଗ୍ରାମବାସୀ



ଦାରିଙ୍ଗବାଡ଼ି ୧୮ /୭(ମୃତ୍ୟୁଞ୍ଜୟ ପ୍ରଧାନ) ଲଘୁଚାପ ଜନିତ ବର୍ଷା ଯୋଗୁଁ ଶୁକ୍ରବାର ଦିନ ଗୋଟିଏ ବିରାଟକାୟ ଆମ୍ବଗଛ ମୂଳରୁ ଉପୁଡ଼ି ପଡ଼ିବା ଫଳରେ ଗୋଟିଏ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ଯାଇ ଥିବା ବେଳେ ପାଖରେ ଥିବା ଗୃହ ଗୁଡ଼ିକ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ କାହାର କିଛି କ୍ଷତି ହୋଇ ନଥିବା ଜଣା ପଡ଼ିଛି। ଏପରି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ୍ ବ୍ରାହ୍ମଣୀଗାଁ ଥାନା ଅଞ୍ଚଳ ର ସରାମୁଳୀ ପଞ୍ଚାୟତ ଅନ୍ତର୍ଗତ ମାର୍ଦିପଙ୍କା ଗ୍ରାମରେ । ଦୀର୍ଘ ଦିନ ହେବ ଅଞ୍ଚଳ ରେ ଲଘୁଚାପ ଜନିତ ବର୍ଷା ଲାଗି ରହିଥିବା ବେଳେ କେଉଁଠି ଗଛ ପଡୁଛି ତ ଆଉ କେଉଁଠି ଘର କାନ୍ଥ ଭୁଶୁଡ଼ି ପଡୁଛି ଅନେକଙ୍କ ମନରେ ଭୟ ସଞ୍ଚାର ହେଉ ଥିବା ବେଳେ ହଠାତ୍ ଆଜି ସକାଳେ ମାର୍ଦିପଙ୍କା ଉପର ସାହି ରାସ୍ତା ପାର୍ଶ୍ୱରେ ଥିବା ଏକ ବିରାଟ ଆମ୍ବ ଗଛ ମୂଳରୁ ଉପାଡ଼ି ହୋଇ ପଡ଼ିଥିବା ସୂଚନା ମିଳିଛି ଓ ଏଥିରେ କାହାର କୌଣସି କ୍ଷୟ କ୍ଷତି ହୋଇନଥିବା ବେଳେ ଗଛ ଡାଳ ବାଜି କେତେକ ଘରର ଆଜବେଷ୍ଟ ଭଙ୍ଗା ରୁଜା ହୋଇଛି ଏବଂ ବିଦ୍ୟୁତ୍ ଖୁଣ୍ଟକୁ ଗଛ ବାଜିବାରୁ ବିଦ୍ୟୁତ୍ ତାର ଛିଣ୍ଡିବା ସହ ଖୁଣ୍ଟି ଭାଙ୍ଗିଯାଇ ନଷ୍ଟ ହୋଇଥିବା ସୂଚନା ମିଳିଛି ଓ ତେବେ ମାର୍ଦିପଙ୍କା ଉପର ସାହିରେ ବୁର୍ଚା ମୁଠାମାଝି , ଯାକୁବ ମୁଠାମାଝୀ, ପ୍ରମୋଦ ମୁଠାମାଝୀ, ସାବିତ୍ରୀ ମୁଠା ମାଝୀ, ଏମାନଙ୍କ ଘରର ଆଜବେଷ୍ଟ ଗୁଡ଼ିକ ଆଂଶିକ ଭାବେ ନଷ୍ଟ ହୋଇଥିବା ସୂଚନା ରହିଛି ଓ ଏପରି ଦୁଃଖଦ ପରିସ୍ଥିତି ରେ ଖବର ପାଇ ଦାରିଙ୍ଗବାଡି ଅଗ୍ନିଶମ ବିଭାଗ ପକ୍ଷରୁ ଧବଳେଶ୍ୱର ପ୍ରଧାନ ଙ୍କ ନେତୃତ୍ୱ ରେ ଆର୍ ଆଇ ସୁଜିତ୍ କୁମାର ଙ୍କ ସହ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ଉକ୍ତ ଗଛ କାଟି ସଫା କରିଥିବା ବେଳେ ସରାମୁଳୀ ପଞ୍ଚାୟତ ପୂର୍ବତନ ସରପଞ୍ଚ ଚନ୍ଦ୍ରଶେଖର ମୁଠାମାଝୀ ପହଞ୍ଚି ସ୍ଥିତି ସମୀକ୍ଷା କରି ଥିଲେ।

## ଦେବଗଡ଼ ନବୋଦୟ ବିଦ୍ୟାଳୟରେ ରାଗିଂ ଅଭିଯୋଗ



ଦେବଗଡ,୧୮।୦୭(ଅକ୍ଷର ଓଡ଼ିଶା): ଦେବଗଡ଼ର ସୁନାମୁଣ୍ଡାସ୍ଥିତ ନବୋଦୟ ବିଦ୍ୟାଳୟ ଛାତ୍ରାବାସରେ ରାଗିଂ ଘଟଣା ସାମ୍ନାକୁ ଆସିଛି। ଅଭିଯୋଗ ଅନୁସାରେ, ଯୁକ୍ତ ଦୁଇର ୯ ଜଣ ସିନିୟର ଛାତ୍ର ନବମ ଓ ଦଶମ ଶ୍ରେଣୀର ୬ ଜଣ ଜୁନିୟର ଛାତ୍ରଙ୍କୁ ରାଗିଂ କରିଥିଲେ। ବିଳମ୍ବିତ ରାତିରେ ଘଟିଥିବା ଏହି ଘଟଣାରେ କିଛି ଜୁନିୟର ଛାତ୍ରଙ୍କୁ କ୍ରିକେଟ ବ୍ୟାଟରେ ମାଡ଼ ମାରାଯାଇଥିବା ଅଭିଯୋଗ ରହିଛି। ଏହାକୁ ନେଇ ଦେବଗଡ଼ ଥାନାରେ ମାମଲା ରୁଜୁ ହୋଇଛି ଏବଂ ପୁଲିସ ତଦନ୍ତ ଆରମ୍ଭ କରିଛି।

## ନିଟ ପରୀକ୍ଷାରେ ସଫଳତା ଏମଭି-୩୭ ଗ୍ରାମର ବିପ୍ଲବ ଠାକୁର

ମାଲକାନଗିରି- ୧୭/୭/ (ପ୍ରଦୀପ ରାଉଳ) : ଚଳିତ ବର୍ଷର ନିଟ୍ ଫଳାଫଳ ଆଜି ପ୍ରକାଶ ପାଇଛି। ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍ ଅନ୍ତର୍ଗତ ଏମ–୩୭ଗ୍ରାମର ବିପ୍ଲବ ଠାକୁର ସଫଳତା ହାସଲ କରି ଅଞ୍ଚଳ ପାଇଁ ଗୌରବ ଆଣିଦେଇଛନ୍ତି। ବିପ୍ଲବ ମୋଟ ୭୨୦ ନମ୍ବରରୁ ୬୨୮ ନମ୍ବର ରଖିଛନ୍ତି। ସର୍ବଭାରତୀୟ ସ୍ତରରେ ୩୭୬୭ ସ୍ଥାନ ହାସଲ କରିଛନ୍ତି । ବିପ୍ଲବ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଏମଭି-୩୭ ସ୍ଥିତ ବୀଣାପାଣି ବିଦ୍ୟା ମନ୍ଦିରରେ ଅଧ୍ୟୟନ କରିଥିଲେ। ବାଲିମେଳା ଜବାହର ନବୋଦୟ ବିଦ୍ୟାଳୟରେ ଦଶମ ଶ୍ରେଣୀ ଉତ୍ତୀର୍ଣ୍ଣ ହେବା ପରେ ପୁନେରେ ଯୁକ୍ତ ଦୁଇ ପଢ଼ିଥିଲେ । ବିପ୍ଲବଙ୍କ ବାପା ଶମ୍ଭୁନାଥ ଠାକୁର ଚାଷବାସ କରୁଥିବା ବେଳେ ମା' ସସ୍ମିତା ଗୃହିଣୀ ଅଟନ୍ତି। ବିପ୍ଲବଙ୍କ ଏହି ସଫଳତା ପାଇଁ ତାର୍ଲାକୋଟ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ କରୁଣାକର ମଲ୍ଲିକ,



କୋରୁକୋଣ୍ଡା ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ବୀଣାପାଣି ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ମଣିଶଙ୍କର ମଜୁମଦାର୍, ତାର୍ଲାକୋଟାର ପୂର୍ବତନ ସରପଞ୍ଚ ସୋମନାଥ ବାର୍ସେ, ବୀଣାପାଣି ବିଦ୍ୟା ମନ୍ଦିରର ଅଧ୍ୟକ୍ଷ ଆଡମିନ୍ ହରିଜନ, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ର ଛାତ୍ରୀ ଓ ଅଞ୍ଚଳ ଅଞ୍ଚଳବାସୀ ବିପ୍ଲବଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରି ଥି ଲେ। ବିପ୍ଲବଙ୍କ ସଫଳତାକୁ ନେଇ ସମଗ୍ର ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।

## ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ଯୋଗଦେଲେ ସାଂସଦ/ବିଧାୟକ



ବାଲିଗୁଡା ୧୮ /୭(ଅକ୍ଷର ଓଡିଶା) କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ଓ ବାଲିଗୁଡ଼ା ବିଧାୟକ ଚକ୍ରମଣୀ କଂହରଙ୍କ ଶୁକ୍ରବାର ତୁମୁଡିବନ୍ଧ ବ୍ଲକରେ ମାରାଥନ ଗସ୍ତ ଅନୁଷ୍ଠିତ ହୋଇଛି। ଏହି ଗସ୍ତ ଅବସରରେ ଉଭୟ ଜନପ୍ରତିନିଧିଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିବା ବେଳେ ଅଞ୍ଚଳର ବିକାଶ, ଶିକ୍ଷା ଓ ଭିତ୍ତିଭୂମି ସମ୍ପର୍କରେ ବିଭିନ୍ନ ଘୋଷଣା ଓ ପ୍ରତିଶ୍ରୁତି ଦିଆଯାଇଛି ।ଶୁକ୍ରବାର ସକାଳ ପ୍ରାୟ ୧୦ଟା ସମୟରେ ସାଂସଦ ଓ ବିଧାୟକ ତୁମୁଡିବନ୍ଧ ଜଳେଶପଟା ମନ୍ଦିର ଛକରେ ପହଞ୍ଚିଥିଲେ। ସେଠାରେ ପ୍ରଥମେ ବିଜେପି ର କାର୍ଯ୍ୟକର୍ତ୍ତା ମାନେ ଭବ୍ୟ ସ୍ୱାଗତ କରିଥିଲେ। ପରେ ସ୍ଥାନୀୟ ବରିଷ୍ଠ ନେତା ପ୍ରମୋଦ କୁମାର ସାହୁଙ୍କ ନେତୃତ୍ୱରେ ଏକ ବିଶାଳ ବାଇକ ରାଲିରେ ଉଭୟଙ୍କୁ ତୁମୁଡିବନ୍ଧ ନେତାଜୀ ସୁଭାଷ ବୋଷ ମହାବିଦ୍ୟାଳୟ ପରିସରକୁ ପାଛୋଟି ନିଆଯାଇଥିଲା। ରାଲିରେ ବହୁ ସଂଖ୍ୟାରେ ଯୁବକ ଓ ସାଧାରଣ ଲୋକ ସାମିଲ ହୋଇଥିଲେ ।ମହାବିଦ୍ୟାଳୟ ପରିସରରେ ସରସ୍ୱତୀ ବିଦ୍ୟାମନ୍ଦିର ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ସାଂସଦ ଓ ବିଧାୟକଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ଶିଶୁମନ୍ଦିର ପାଇଁ ଜମି ଯୋଗାଇ ଦିଆଯାଇଥିବାବେଳେ ବିଦ୍ୟାଳୟର ସ୍ଥାୟୀ ଭବନ ନିର୍ମାଣ ପାଇଁ ବିଧାୟକ ଚକ୍ରମଣୀ କଂହର ୧୦ ଲକ୍ଷ ଟଙ୍କା ଅନୁଦାନ ଦେଇଥିବା ସୂଚନା ଦେଇଥିଲେ ।ସେହିପରି କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପାଣ୍ଠିରୁ ଶିଶୁମନ୍ଦିର ଭବନ ନିର୍ମାଣ ପାଇଁ ୫୦ ଲକ୍ଷ ଟଙ୍କା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାସହ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧକ୍ଷା କଳ୍ପନା କଂହର ବିଦ୍ୟାଳୟ ପାଇଁ ଏକ ଶିଶୁ ଭବନ ଯୋଗାଇ ଦେବାକୁ ଘୋଷଣା କରିଥିଲେ ।କାର୍ଯ୍ୟକ୍ରମରେ ଉପସ୍ଥିତ ଜନସାଧାରଣ ତୁମୁଡିବନ୍ଧ ଅଞ୍ଚଳର ଶିକ୍ଷା, ଯୋଗାଯୋଗ ଓ ଅନ୍ୟାନ୍ୟ ଭିତ୍ତିଭୂମିର ସାମଗ୍ରିକ ବିକାଶ ପାଇଁ ଦାବି ଉଠାଇଥିଲେ। ଏହାର ଉତ୍ତରରେ ସାଂସଦ ଓ ବିଧାୟକ ଅଞ୍ଚଳର ବିକାଶ ପାଇଁ ନିରନ୍ତର ପ୍ରୟାସ ଜାରି ରହିବ ବୋଲି କହିଥିଲେ।

## ଚପଲ ବ୍ୟବସାୟୀଙ୍କ ପରଲୋକ

ବିନିକା.୧୮।୦୭.(ପ୍ରତାପ ରୁଦ୍ର କର୍ଣ୍ଣ)ସୁବର୍ଣ୍ଣପୁର ଜିଲ୍ଲା ରାମପୁର ନିବାସୀ ସ୍ୱର୍ଗତ ଅକ୍ଷୟ କୁମାର ବୌଠାରୁଙ୍କର ୬୫ ବର୍ଷ ବୟସରେ ୧୬ ଜୁଲାଇ ୨୦୨୬ ତାରିଖ ରାତି ପ୍ରାୟ ୮:୩୦ ମିନିଟ୍ ସମୟରେ ପରଲୋକ ଘଟିଯାଇଛି। ସ୍ୱର୍ଗତ ଅକ୍ଷୟ କୁମାର ବୌଠାରୁ ରାମପୁର ଅଞ୍ଚଳର ଜଣେ ସୁପରିଚିତ ଓ ପୁରାତନ ଚପଲ ବ୍ୟବସାୟୀ ଭାବେ ବେଶ୍ ଜଣାଶୁଣା ଥିଲେ। ତାଙ୍କ ସରଳ ବ୍ୟକ୍ତିତ୍ୱ, ମିଷ୍ଟଭାଷୀ ସ୍ୱଭାବ ଏବଂ ସାମାଜିକ ସମ୍ପର୍କ ପାଇଁ ସେ ସମସ୍ତଙ୍କ ପ୍ରିୟ ଥିଲେ। ତାଙ୍କ ଦେହାନ୍ତ ଖବର ପ୍ରଚାର ପାଇବା ପରେ ରାମପୁର ସମେତ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।୧୭ ଜୁଲାଇ ୨୦୨୬ ତାରିଖରେ ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଥିଲା । ବଡ଼ ପୁଅ ସୌରଭ ବୌଠାରୁ ମୁଖାଗ୍ନି ପ୍ରଦାନ କରିଥିଲେ ।ତାଙ୍କର ଏହି ବିୟୋଗରେ ରାମପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ସାବଧାନ ! ବନ୍ତଲା ଛକରେ ବୁଲୁଛି ହାତୀ

ବନ୍ତଲା ୧୮ /୭(ଅକ୍ଷର ଓଡିଶା) ଅନୁଗୋଳ ଜିଲ୍ଲା ବନ୍ତଲା ଛକ ଅଞ୍ଚଳରେ ଏକ ବଣୁଆ ହାତୀ ଭୋର ଚାରିଟା ସମୟରେ ବୁଲୁଥିବା ଦୃଶ୍ୟ ସିସିଟିଭି କ୍ୟାମେରାରେ କଏଦ ହୋଇଛି। ହାତୀଟି ରାସ୍ତାରେ ଚଳାଚଳ କରୁଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ପରିବେଶ ସୃଷ୍ଟି ହୋଇଛି। ବନ ବିଭାଗ ପକ୍ଷରୁ ଲୋକଙ୍କୁ ସତର୍କ ରହିବା, ହାତୀ ନିକଟକୁ ନଯିବା ଏବଂ ତାକୁ ବିରକ୍ତ ନକରିବା ପାଇଁ ପରାମର୍ଶ ଦିଆଯାଉଛି। ବିଶେଷକରି ରାତି ସମୟରେ ଅନାବଶ୍ୟକ ଘର ବାହାରକୁ ନ ବାହାରିବା ଏବଂ ସତର୍କତାର ସହ ଯାତାୟାତ କରିବାକୁ



ଅନୁରୋଧ କରାଯାଇଛି। ହାତୀର ଗତିବିଧି ଉପରେ ବନ ବିଭାଗ ନଜର ରଖିଛି।

## ମାଉସୀମା ମନ୍ଦିରରେ ପହଞ୍ଚିଲେ ତିନି ଠାକୁର

ରାଇଘର:୧୮/୦୭ (ଅକ୍ଷର ଓଡିଶା )ନବରଙ୍ଗପୁର ଜିଲ୍ଲାର ରାଇଘର ବ୍ଲକରେ ପବିତ୍ର ରଥଯାତ୍ରା ଅବସରରେ ଘଟିଥିବା ଅଘଟଣ ପରେ ଆଜି ଭକ୍ତମାନଙ୍କ ମନରେ ଖୁସିର ମାହୋଲ ଦେଖିବାକୁ ମିଳିଛି। ଶ୍ରୀଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ରଥ ସଫଳତାର ସହ ଟଣାଯାଇ ମାଉସୀମା ମନ୍ଦିର ନିକଟରେ ପହଞ୍ଚିଛି। ଏହି ଦୃଶ୍ୟକୁ ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁ ଓ ଭକ୍ତମାନଙ୍କ ଭିଡ଼ ଜମିଥିଲା। ସମଗ୍ର ଅଞ୍ଚଳ "ଜୟ ଜଗନ୍ନାଥ" ଧ୍ୱନିରେ ପ୍ରକମ୍ପିତ ହୋଇଯାଇଥିଲା ।ଉଲ୍ଲେଖଯୋଗ୍ୟ ଯେ, ଚଳିତ ବର୍ଷ ରଥଯାତ୍ରା ସମୟରେ ରଥ ଟଣା ଚାଲିଥିବା ବେଳେ ହଠାତ୍ ରଥର ଏକ ଚକ ଭାଙ୍ଗିଯାଇଥିଲା। ଏହି ଅପ୍ରତ୍ୟାଶିତ ଘଟଣା ଯୋଗୁଁ ରଥଟଣା କିଛି ସମୟ ପାଇଁ ବନ୍ଦ ରଖିବାକୁ ପଡ଼ିଥିଲା। ଭକ୍ତମାନଙ୍କ ମନରେ ସାମୟିକ ନିରାଶା ସୃଷ୍ଟି ହୋଇଥିଲେ ମଧ୍ୟ, ସମସ୍ତେ ଧୈର୍ଯ୍ୟର ସହ ପରିସ୍ଥିତିକୁ ସାମ୍ନା କରିଥିଲେ ।ରଥର ଚକ ମରାମତି କାମ ସମାପ୍ତ ହେବା ପରେ ଆଜି ଅପରାହ୍ନ ପ୍ରାୟ ୨ଟା ସମୟରେ ପୁଣିଥରେ ରଥଟଣା ଆରମ୍ଭ କରାଯାଇଥିଲା। ରଥ ଟାଣିବା ପାଇଁ ସକାଳୁ ହିଁ ରାଇଘର ଓ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ପହଞ୍ଚିଥିଲେ। ପ୍ରଶାସନ, ରଥଯାତ୍ରା



କମିଟି, ସେବାୟତ ଓ ସ୍ୱେଚ୍ଛାସେବୀମାନଙ୍କ ସହଯୋଗରେ ରଥଟିକୁ ସୁରକ୍ଷିତ ଭାବେ ମାଉସୀମା ମନ୍ଦିର ନିକଟକୁ ଅଣାଯାଇଥିଲା ।ରଥ ମାଉସୀମା ମନ୍ଦିରରେ ପହଞ୍ଚିବା ପରେ ଭକ୍ତମାନଙ୍କ ମଧ୍ୟରେ ଅପାର ଆନନ୍ଦ ଦେଖିବାକୁ ମିଳିଥିଲା। ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ଓ ସ୍ୱେଚ୍ଛାସେବୀମାନେ ନିୟୋଜିତ ଥିଲେ। ସେମାନଙ୍କ ସହଯୋଗରେ ସମଗ୍ର ରଥଟଣା କାର୍ଯ୍ୟକ୍ରମ ଶାନ୍ତିଶୃଙ୍ଖଳାର ସହ ସମାପ୍ତ ହୋଇଥିଲା ।ରଥର ଚକ ଭାଙ୍ଗିଯିବା ଘଟଣା ରଥଯାତ୍ରାରେ ସାମୟିକ ବାଧା ସୃଷ୍ଟି କରିଥିଲେ ମଧ୍ୟ, ଶେଷରେ ପ୍ରଭୁଙ୍କ କୃପାରୁ ରଥ ମାଉସୀମା ମନ୍ଦିରରେ ପହଞ୍ଚିବା ସହ ଭକ୍ତମାନଙ୍କ ମନରେ ଆନନ୍ଦର ଲହରୀ ଖେଳିଯାଇଛି। ରାଇଘରର ଏହି ପବିତ୍ର ରଥଯାତ୍ରା ପୁଣିଥରେ ଧାର୍ମିକ ଏକତା, ଭକ୍ତିଭାବ ଓ ସାମାଜିକ ସଦ୍ଭାବର ଏକ ସୁନ୍ଦର ବାର୍ତ୍ତା ଦେଇଛି।


ରବିବାର ୧୯।୦୭।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

# ସୋନପୁର ସହରର ଅମ୍ବେଦକର ଛକରୁ ବ୍ଲକ ଛକ ପର୍ଯ୍ୟନ୍ତ ସନ୍ଧ୍ୟାରେ ଅସହ୍ୟ ଟ୍ରାଫିକ ଜାମ

ସୁବର୍ଣ୍ଣପୁର,୧୮/୨(ପବିତ୍ର ସିଂ ବରିହା)ସୋନପୁର ସହରର ଅମ୍ବେଦକର ଛକରୁ ବ୍ଲକ ଛକ ପର୍ଯ୍ୟନ୍ତ ମୁଖ୍ୟ ସଡ଼କରେ ପ୍ରତିଦିନ ସନ୍ଧ୍ୟା ହେଲେ ତୀବ୍ର ଟ୍ରାଫିକ ସମସ୍ୟା ଦେଖାଦେଉଛି। ଏହି ରାସ୍ତା ସହରର ଅତ୍ୟନ୍ତ ବ୍ୟସ୍ତ ମାର୍ଗ ହୋଇଥିବାବେଳେ ସନ୍ଧ୍ୟା ସମୟରେ ବିଭିନ୍ନ ଫାଷ୍ଟ ଫୁଡ୍ ଦୋକାନରେ ଭିଡ଼ ବଢ଼ିବା ସହ ଅନେକ ଲୋକ ନିଜ ଦୁଇଚକିଆ

## ପ୍ରଶାସନର ହସ୍ତକ୍ଷେପ ଦାବି

ଓ ଚାରିଚକିଆ ଯାନକୁ ରାସ୍ତା କଡ଼ ଏବଂ କେତେକ ସମୟରେ ସିଧାସଳଖ ରାସ୍ତା ଉପରେ ପାର୍କିଂ କରୁଛନ୍ତି। ଫଳରେ ଯାତାୟାତ ବ୍ୟବସ୍ଥା ସମ୍ପୂର୍ଣ୍ଣ ବ୍ୟାହତ ହେଉଛି ଏବଂ ଦୀର୍ଘ ସମୟ ଧରି ଜାମ ପରିସ୍ଥିତି ସୃଷ୍ଟି ହେଉଛି।ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ପ୍ରତିଦିନ ସନ୍ଧ୍ୟା ୬ଟାରୁ ରାତି ୯ଟା ପର୍ଯ୍ୟନ୍ତ ଏହି ସମସ୍ୟା ସର୍ବାଧିକ ଦେଖାଦେଉଛି। ଫାଷ୍ଟ ଫୁଡ୍ ଦୋକାନଗୁଡ଼ିକରେ ଖାଇବାକୁ ଆସୁଥିବା ଗ୍ରାହକମାନେ ପାର୍କିଂ ପାଇଁ ନିର୍ଦ୍ଦିଷ୍ଟ ସ୍ଥାନ ନଥିବାରୁ ଯେଉଁଠାରେ ସୁବିଧା ମିଳୁଛି ସେଠାରେ ଗାଡ଼ି ରଖିଦେଉଛନ୍ତି। ଏଥିଯୋଗୁଁ ରାସ୍ତା ସଂକୀର୍ଣ୍ଣ ହୋଇଯାଉଛି ଏବଂ ବସ୍, ଟ୍ରକ୍, ଅଟୋ, ବାଇକ୍ ଓ ଅନ୍ୟାନ୍ୟ ଯାନବାହନ ଚଳାଚଳରେ ବାଧା ସୃଷ୍ଟି ହେଉଛି।ବିଶେଷକରି ସ୍କୁଲ, କଲେଜ ଛାତ୍ରଛାତ୍ରୀ, ଚାକିରିଆ ଲୋକ, ରୋଗୀ ନେଇ ଯାଉଥିବା ଆମ୍ବୁଲାନ୍ସ ଓ ଜରୁରୀ ସେବାର ଯାନବାହନ ମଧ୍ୟ ଏହି ଜାମରେ ଫସି ରହୁଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ, ଏହି ସମସ୍ୟା ଦୀର୍ଘଦିନ ଧରି ଚାଲିଥିଲେ ମଧ୍ୟ ସ୍ଥାୟୀ ସମାଧାନ ପାଇଁ ପ୍ରଶାସନ ପକ୍ଷରୁ ଦୃଶ୍ୟମାନ ପଦକ୍ଷେପ ନିଆଯାଇନାହିଁ।ସହରବାସୀଙ୍କ ମତରେ, ଏହି ସଡ଼କରେ ନିୟମିତ ଟ୍ରାଫିକ ପୋଲିସ ମୁତୟନ,



ବେଆଇନ ପାର୍କିଂ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ, ଫାଷ୍ଟ ଫୁଡ୍ ଦୋକାନ ନିକଟରେ ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା ଏବଂ ନୋ-ପାର୍କିଂ ନିୟମକୁ କଡ଼ାକଡ଼ି ପାଳନ କରାଗଲେ ସମସ୍ୟାର ବହୁ ଅଂଶରେ ସମାଧାନ ହୋଇପାରିବ।ସହରର ବିକାଶ ସହିତ ଯାନବାହନ ସଂଖ୍ୟା ମଧ୍ୟ ବଢୁଥିବାରୁ ଯାତାୟାତ ପରିଚାଳନାକୁ ନେଇ ପ୍ରଶାସନ ଅଧିକ ସକ୍ରିୟ ହେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ଓ ସାଧାରଣ ନାଗରିକମାନେ ମତ ପ୍ରକାଶ କରିଛନ୍ତି। ଲୋକଙ୍କ ସୁବିଧା, ସଡ଼କ ସୁରକ୍ଷା ଏବଂ ସୁଚାରୁ ଯାତାୟାତ ବ୍ୟବସ୍ଥା ପାଇଁ ସୋନପୁର ପ୍ରଶାସନ ଓ ଟ୍ରାଫିକ ବିଭାଗ ତୁରନ୍ତ ଏହି ସମସ୍ୟା ପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ସହରବାସୀ ଆଶା ପ୍ରକାଶ କରିଛନ୍ତି।

# ଅବକାରୀ ଚଢଉ ୩୪୫୦ ଲିଟର ଦେଶୀ ମଦ ଜବତ

ଆଠଗଡ଼,୧୭/୭(ଅକ୍ଷର ଓଡ଼ିଶା)କଟକ ଜିଲ୍ଲା ଅବକାରୀ ଅଧୀକ୍ଷକ ଶ୍ରୀ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶ କ୍ରମେ ଏବଂ ଆଠଗଡ ଅବକାରୀ ଉପ ଅଧୀକ୍ଷକ ସିଏଚ ତିରୁପଥି ଏବଂ ଆଠଗଡ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତିଗିରିଆ ଥାନା ଅନ୍ତର୍ଗତ ଭୀରୁଡ଼ା (ଉପରଗଡ, ଗରପଡ଼ା, ପାଇକସାହି),ପଣସ ପାଟଣା ଗ୍ରାମ ଏବଂ ସଂରକ୍ଷିତ ଜଙ୍ଗଲରେ ଆଠଗଡ ଅବକାରୀ ବିଭାଗ, ବାଙ୍କୀ ଅବକାରୀ ଥାନା, କଟକ ସଦର – ୩ ଅବକାରୀ ବିଭାଗ ଏବଂ ଜିଲ୍ଲା ମୋବାଇଲ ୟୁନିଟ କଟକ ସହିତ ଏକ ମିଳିତ ଚଢ଼ଉ କରାଯାଇଥିଲା।ଉକ୍ତ ଚଢ଼ଉରେ ସର୍ବମୋଟ ୩୪୩୦ ଲିଟର ଦେଶୀ ମଦ, ୨୨୨୨୫ ଲିଟର



ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ଼ ପୋଚ ଉଦ୍ଧାର କରାଯାଇ ଘଟଣା ସ୍ଥଳରେ ନଷ୍ଟ କରାଯିବା ସହ ଏକ ମହିନ୍ଦ୍ରା ୪୭୫ ଟ୍ରାକ୍ଟର ଜବତ କରାଯାଇଛି।ଏହି ଘଟଣାରେ ୮ ଗୋଟି ମାମଲା ରୁଜୁ କରାଯିବା ସହ ୨ ଜଣ ଆସାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ମରଣକୁ ନିମନ୍ତ୍ରଣ କରୁଛି ତେନ୍ତୁଳି ଗଛ !

## ବିଦ୍ୟୁତ ଖୁଣ୍ଟ ଭାଙ୍ଗିବାର ଦୁଇ ମାସ ପରେ ବି ଗଛରେ ଝୁଲୁଛି ବିଦ୍ୟୁତ ତାର

ରାଇଘର ୧୮/୨୬(ଭୁବନେଶ୍ୱର ସୁନାନୀ) ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ମହଣ୍ଡ ପଞ୍ଚାୟତ ଅନ୍ତର୍ଗତ କୋସରାଭଟା ଗାଁରେ ବିଦ୍ୟୁତ ବିଭାଗର ଅବହେଳାର ଏକ ସାଂଘାତିକ ଚିତ୍ର ସାମ୍ନାକୁ ଆସିଛି। ପ୍ରାୟ ଦୁଇ ମାସ ପୂର୍ବେ ଏକ ବୋରୱେଲ୍ ଗାଡ଼ି ଧକ୍କା ଦେବା ଫଳରେ ବିଦ୍ୟୁତ ଖୁଣ୍ଟ ଭାଙ୍ଗିଯାଇଥିଲା। ପରେ ସେହି ସ୍ଥାନରେ ନୂତନ ବିଦ୍ୟୁତ ଖୁଣ୍ଟ ପୋତାଯାଇଥିଲେ ମଧ୍ୟ, ବିଦ୍ୟୁତ ତାରକୁ ଏପର୍ଯ୍ୟନ୍ତ ତେନ୍ତୁଳି ଗଛ ଉପରେ ରଖାଯାଇଛି।ଫଳରେ ଗାଁର ଅଧାରୁ ଅଧିକ ଅଞ୍ଚଳ ଅନ୍ଧାରରେ ରହୁଥିବା ବେଳେ, ଗଛରେ ଝୁଲୁଥିବା ବିଦ୍ୟୁତ ତାର ଯେକୌଣସି ସମୟରେ ବଡ଼ ଦୁର୍ଘଟଣାର କାରଣ ହୋଇପାରେ। ଦୁଇ ମାସ ବିତିଯାଇଥିଲେ ମଧ୍ୟ ବିଦ୍ୟୁତ ବିଭାଗ ପକ୍ଷରୁ ସ୍ଥାୟୀ ସମାଧାନ ନ କରାଯିବାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।ଯେକୌଣସି ସମୟରେ ଅଘଟଣ ଘଟିବା ପୂର୍ବରୁ ବିଦ୍ୟୁତ ବିଭାଗ ତୁରନ୍ତ ତାରଗୁଡ଼ିକୁ



ସୁରକ୍ଷିତ ଭାବେ ସ୍ଥାନାନ୍ତର କରି ବିଦ୍ୟୁତ ସେବା ସ୍ୱାଭାବିକ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଲୋକଙ୍କ ଗୁହାରି ଓ ସମସ୍ୟା ଶୁଣିବା ସହ ନିଆରା ଢଙ୍ଗରେ ଜନ୍ମଦିନ ପାଳନ କଲେ ପାରଳା ବିଧାୟକ



ପାରଳାଖେମୁଣ୍ଡି,୧୮/୭(ତାରିଣୀ ପ୍ରସାଦ ପଣ୍ଡା): ଲୋକଙ୍କ ଗୁହାରି ଓ ସମସ୍ୟା ଶୁଣିବା ସହ , ନିଆରା ଢଙ୍ଗରେ ଜନ୍ମଦିନ ପାଳନ କଲେ ପାରଳା ବିଧାୟକ ରୂପେଶ ପାଣିଗ୍ରାହୀ. ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ ଅନ୍ତର୍ଗତ ଆଡାଗାଁ ନିକଟରେ ଥିବା ହନୁମାନ ମନ୍ଦିର ପ୍ରାଙ୍ଗଣରେ ପାରଳାଖେମୁଣ୍ଡି ବିଧାୟକ ରୁପେଶ ପାଣିଗ୍ରାହୀଙ୍କ ଜନ୍ମଦିନକୁ ପାଳନ କରାଯାଇଛି. ପ୍ରଥମେ ଗୋଷାଣୀ ବ୍ଲକ ଅଧକ୍ଷ ଏନ ବିରରାଜୁ ସମେତ ଶତାଧିକ ପ୍ରଶଂସକ ବିଧାୟକଙ୍କୁ ଫୁଲମାଳ ଓ ଫୁଲ ତୋଡା, ବାଜା ବଜାଇ ନୃତ୍ୟ ପ୍ରଦର୍ଶନ କରି ବିଧାୟକଙ୍କୁ ସ୍ୱାଗତ ଜଣାଇଥିଲେ. ପରେ ମହାବୀର ହନୁମାନଙ୍କ ଦର୍ଶନ କରି ଅଶିର୍ବାଦ ଭିକ୍ଷା କରିଥିଲେ ବିଧାୟକ, ଆଡାଗାଁ ଓ ନିକଟତମ ଗ୍ରାମର ୩ ଶହରୁ ଉର୍ଦ୍ଧ ପ୍ରଶଂସକଙ୍କ ଉପସ୍ଥିତିରେ କେକ୍ କାଟିଥିଲେ ବିଧାୟକ. ଶତାଧିକ ପ୍ରଶଂସକ ବିଧାୟକଙ୍କୁ ଶୁଭେଚ୍ଛା ଜଣାଇଥିଲେ, ପରେ ସମସ୍ତଙ୍କୁ ମିଷ୍ଟାନ ବର୍ଣ୍ଟନ କରିଥିଲେ ଏହି ଅବସରେ ପାଖାପାଖି ଗ୍ରାମ ଗୁଡିକରୁ ଆସିଥିବା ଲୋକଙ୍କ ଗୁହାରି ଓ ସମସ୍ୟା ବିଷୟରେ ଶୁଣିଥିଲେ ବିଧାୟକ. ଏହି ଗ୍ରାମଞ୍ଚଳରେ ଥିବା ସମସ୍ୟାର ସମାଧାନ ଅତି ଶୀଘ୍ର ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବେ ବୋଲି ବିଧାୟକ ଲୋକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ।

# ବନ୍ୟା କ୍ଷୟକ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପାଇଁ ରାଜସ୍ୱ ମନ୍ତ୍ରୀଙ୍କୁ ଭେଟିଲେ ଆଠଗଡ଼ ବିଧାୟକ



ଆଠଗଡ଼,୧୮/୭(ଅକ୍ଷର ଓଡ଼ିଶା)ଓଡ଼ିଶା ବିଧାନସଭାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ଅଧକ୍ଷ ତଥା ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଲୋକସେବା ଭବନରେ ବ୍ୟକ୍ତିଗତ ଭାବେ ଭେଟି ଆଠଗଡ଼ ନିର୍ବାଚନ ମଣ୍ଡଳୀରେ ସାପୁଆ ଓ କଣ୍ଟିଆ ନଦୀରେ ବନ୍ୟାଜଳ ପ୍ରଭାହିତ ହୋଇ ୧୨ ଗୋଟି ଗ୍ରାମରେ କ୍ଷତିଗ୍ରସ୍ତ ହେଇଥିବା ଚାଷୀ ମାନଙ୍କୁ କ୍ଷତିପୂରଣ ଯୋଗାଇ ଦେବା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ମନ୍ତ୍ରୀ ଶ୍ରୀଯୁକ୍ତ ପୂଜାରୀ କ୍ଷୟକ୍ଷତିର ଆକଳନ କରି ରିପୋର୍ଟ ପ୍ରଦାନ କରିବା ପାଇଁ କଟକ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରେ କଟକ ଜିଲ୍ଲାପାଳଙ୍କ ପକ୍ଷରୁ ଡେପୁଟି କଲେକ୍ଟର କ୍ଷୟକ୍ଷତିର ଆକଳନ କରି ତୁରନ୍ତ ଜଣାଇବା ପାଇଁ ଆଠଗଡ଼ ତହସିଲଦାରଙ୍କୁ ଚିଠି କରିଥିବା ସୂଚନା ମିଳିଛି।

# ଗୋରୁ ବୋଝେଇ ପିକଅପ ଜବତ ୨ ଗିରଫ

ଆଠଗଡ଼,୧୮/୭(ଅକ୍ଷର ଓଡ଼ିଶା) ଜାତୀୟ ୫୫ ନମ୍ବର ରାଜପଥର ଖୁଣ୍ଟୁଣୀ ବଜାର ଠାରେ ଏକ ଗୋରୁ ବୋଝେଇ ପିକଅପ ଗାଡ଼ିକୁ ସ୍ଥାନୀୟ ପୋଲିସ ଜବତ କରିଛି। ଉକ୍ତ ଭ୍ୟାନରେ ଥିବା ୧୦ଟି ଗାଈଙ୍କୁ ଉଦ୍ଧାର କରାଯାଇଛି। ଗାଈ ଚାଲାଣ କରିବା ଅଭିଯୋଗରେ ଢେଙ୍କାନାଳ ଗୋବିନ୍ଦପୁର ଅଞ୍ଚଳର ସାହିଲ ଖାଁ ଓ ଆଫ୍ରୋଜ ଖାଁଙ୍କୁ ଅଟକ ରଖି ଅଧିକ ପଚରା ଉଚରା କରାଯାଉଥିବା ବେଳେ ଆଜି କୋର୍ଟ ଫରୱାର୍ଡ କରାଯାଇଛି।ଉଲ୍ଲେଖଯୋଗ୍ୟ ଯେ, ସ୍ଥାନୀୟ କିଛି ଯୁବକ ପିକଅପ ଗାଡ଼ିରେ ଗୋରୁ ବୋଝେଇ ନେଉଥିବା ଖବର ପାଇ ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ଥାନା ଅଧିକାରୀ ଜହର ଆବେଦନ ପହଞ୍ଚି ଅଟକ



ରଖିଥିବା ଗାଡ଼ିକୁ ଜବତ କରି ଗାଈଙ୍କୁ ଉଦ୍ଧାର କରିଥିଲେ। ଏଇ ସମୟରେ ଦୁଇ ଅଭିଯୁକ୍ତ ଖସି ପଳାଇ ଯିବାକୁ ଉଦ୍ୟମ କରୁଥିବା ବେଳେ ପୋଲିସ ଏବଂ ସ୍ଥାନୀୟ ଯୁବକମାନେ ମାଡ଼ି ବସିଥିଲେ।

# କୁସୁମାଠେଙ୍ଗ ପ୍ରାଥମିକ ବିଦ୍ୟାଳୟରେ ନୂତନ ପରିଚାଳନା କମିଟି ଗଠିତ

ନିମାପଡ଼ା, ୧୮/୦୭ (ବିଜୟ ବେହେରା): ନିମାପଡ଼ା ବ୍ଲକ ଅନ୍ତର୍ଗତ ତୁଳସୀପୁର ପଞ୍ଚାୟତର କୁସୁମାଠେଙ୍ଗ ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାଳୟ ପରିଚାଳନା କମିଟି ଗଠିତ ହୋଇଯାଇଛି। ଗତ ୧୪ ଜୁଲାଇ ୨୦୨୬ ମଙ୍ଗଳବାର ଦିନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତୋଫାନ ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା।ଏହି ପ୍ରକ୍ରିୟାରେ ୧୧ ଜଣ ସଦସ୍ୟ ଓ ସଦସ୍ୟାଙ୍କୁ ନେଇ କମିଟି ଗଠନ କରାଯାଇଥିଲା। କମିଟିର ସଭାପତି ପଦ ପାଇଁ ସର୍ବସମ୍ମତି ନ ହେବାରୁ ଭୋଟ ଗ୍ରହଣ କରାଯାଇଥିଲା। ଏଥିରେ ସଞ୍ଜୟ ଦାସ ୬ ଖଣ୍ଡ ଭୋଟ ପାଇ ବିଜୟୀ



ହୋଇଥିଲେ। ପ୍ରଧାନ ଶିକ୍ଷକ ତାଙ୍କୁ ସଭାପତି ଭାବେ ବିଜୟୀ ଘୋଷଣା କରିଥିଲେ। ନବ ନିର୍ବାଚିତ ସଭାପତି ଓ କିଛି ସଦସ୍ୟ ବିଦ୍ୟାଳୟରେ ପହଞ୍ଚି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ତେବେ, ନବ ନିର୍ବାଚିତ ସଭାପତି ଜଣେ ଦଳିତ ବର୍ଗର ହୋଇଥିବାରୁ କିଛି ସଦସ୍ୟ ଏହାକୁ ବିରୋଧ କରୁଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

# ନିଟ ପରୀକ୍ଷାରେ ଉତୀର୍ଣ୍ଣ ଆଶିଷ ଜେନାଙ୍କୁ ଶୁଭେଚ୍ଛା

ଧର୍ମଶାଳା ୧୮/୦୭/ (ଅକ୍ଷର ଓଡିଶା)ଧର୍ମଶାଳା ବ୍ଲକ ଅନ୍ତର୍ଗତ ଆରୁହା ଗ୍ରାମର ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ସୁପୁତ୍ର ଆଶିଷ ଜେନା ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ସମଗ୍ର ଅଞ୍ଚଳ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି।ଏହି ଗୌରବମୟ ସଫଳତା ଅବସରରେ ଆଜି ଆମ ପ୍ରିୟ ବିଧାୟକ ଶ୍ରୀ ହିମାଂଶୁ ଶେଖର ସାହୁଙ୍କ ମା' ଶ୍ରୀମତୀ ମିନତୀ ସାହୁ ଏବଂ ୧୩ ନମ୍ବର ମଣ୍ଡଳ ସଭାପତି ଜିତେନ୍ଦ୍ର ରାଉତ, ମଣ୍ଡଳ ପ୍ରଭାରୀ ତପନ କୁମାର ମାହୁନ୍ତି ତାଙ୍କ ବାସଭବନରେ ପହଞ୍ଚି ଆଶିଷଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଆନ୍ତରିକ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ। ଆଶିଷଙ୍କ



ଏହି କୃତିତ୍ୱ ଧର୍ମଶାଳାର ଆଗାମୀ ପିଢ଼ିର ଛାତ୍ରଛାତ୍ରୀଙ୍କ ପାଇଁ ନିଶ୍ଚିତ ଭାବେ ପ୍ରେରଣାଦାୟକ ହେବ। ତାଙ୍କର ଭବିଷ୍ୟତ ଜୀବନ ଅଧିକ ସଫଳତାମୟ ହେଉ ବୋଲି ଶୁଭେଚ୍ଛା ଶୁଭକାମନା ଜଣାଇଥିଲେ ।

# ବିଜେପିରେ ମିଶିଲେ ଖଡ଼ିଆଳ ନଗରପାଳ, ବର୍ଷିଲେ ବିଧାୟକ

ନୂଆପଡା ୧୮/୦୭( ଅକ୍ଷର ଓଡିଶା )ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀଙ୍କ ଏକାନ୍ତ ଅନୁଗତ ଖଡ଼ିଆଳ ନଗରପାଳ ଉଜ୍ଜ୍ୱଳ ଗୁପ୍ତା ଗତକାଲି ବିଜେପିରେ ମିଶିଛନ୍ତି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟ ଶୈଳୀ ଓ ରାଜ୍ୟ ସରକାରଙ୍କ ଉନ୍ନୟନ ମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ସେ ବିଜେପିରେ ଯୋଗ ଦେଇଥିବା ପ୍ରତିକ୍ରିୟା ଦେଇଛନ୍ତି। ନିଜ ପ୍ରତିକ୍ରିୟାରେ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀଙ୍କ ପ୍ରଶଂସା କରିବା ସହ ଆଗାମୀ ଦିନରେ ତାଙ୍କୁ ବିଜେପିରେ ଆଣିବା ପାଇଁ ଚେଷ୍ଟା କରିବେ ବୋଲି କହିଛନ୍ତି ଯାହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିଧାୟକ ଅଧିରାଜ ପାଣିଗ୍ରାହୀ। ଆଜି ଖଡ଼ିଆଳ ବିଜେଡି କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ କରି ସେ ଉଜ୍ଜ୍ୱଳ ଗୁପ୍ତାଙ୍କ ବିରୋଧରେ ବର୍ଷିଛନ୍ତି। ଶ୍ରୀଯୁକ୍ତ ଗୁପ୍ତା ନିଜର ସ୍ୱାର୍ଥ ସାଧନ ପାଇଁ ବିଜେପିକୁ ଯାଇଛନ୍ତି ବୋଲି କହିବା ସହ ସେ ବିଜେଡ଼ିରେ ଅଛନ୍ତି ଓ ଆଗାମୀ ନିର୍ବାଚନ ବିଜେଡ଼ିରୁ ଲଢ଼ିବେ ବୋଲି କହିଛନ୍ତି। ଉଲ୍ଲେଖ ଯୋଗ୍ୟଯେ ଖଡ଼ିଆଳ ନଗର ପାଳ ଉଜ୍ଜ୍ୱଳ ଗୁପ୍ତା ବିଧାୟକ ପାଣିଗ୍ରାହୀଙ୍କ ଏକାନ୍ତ ଅନୁଗତ ,ସେ ୨୦୨୨ ଏନ୍ ଏ ସି ନିର୍ବାଚନରେ କଂଗ୍ରେସ ଦଳର ପ୍ରାର୍ଥୀ ହୋଇ ଅଧକ୍ଷ ଭାବରେ ନିର୍ବାଚିତ ହୋଇଥିଲେ।୨୦୨୪ ବିଧାନ ସଭା ନିର୍ବାଚନ ସମୟରେ ବିଧାୟକ ଅଧିରାଜ୍ ପାଣିଗ୍ରାହୀ ବିଜେଡ଼ିରେ ମିଶିଥିଲେ ମଧ୍ୟ ଉଜ୍ଜ୍ୱଳ ଗୁପ୍ତା ଦଳ ପରିବର୍ତ୍ତନ କରି ନଥିଲେ। କିନ୍ତୁ ଦଳ ବିରୋଧି କାମ କରିଥିବା ଅଭିଯୋଗ କରି କଂଗ୍ରେସ ତାଙ୍କୁ ନିଲମ୍ବିତ କରିଥିଲା। ସେ ବିଜେପିରେ ଯୋଗ ଦେବା ପରେ ଅନେକ କଥା ଆଲୋଚନା ହେଉଛି।

# ଗୋପୀନାଥ ମେମୋରିଆଲ ଟ୍ରଷ୍ଟର ପ୍ରଥମ ଜନ୍ମବାର୍ଷିକ ଉତ୍ସବ ପାଳନ

କଟକ,୧୮/୭(ଅକ୍ଷର ଓଡ଼ିଶା): ଓଡିଶା ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଏବଂ ସଂସ୍କୃତି ବିଭାଗ ସହଯୋଗରେ ଖଲର୍ଦ୍ଧା ଗ୍ରାମ ସ୍ଥିତ ଗୋପୀନାଥ ଟ୍ରଷ୍ଟ କାର୍ଯ୍ୟାଳୟ ପରିସରରେ ପ୍ରଥମ ଜନ୍ମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡାକ୍ତର ସୁବାଶିଷ ଶତପଥୀ, ମୁଖ୍ୟ ବକ୍ତାଭାବରେ ଭଏସ ଅଫ ମିଡ଼ିଆ ର ଜିଲ୍ଲାସଭାପତି ଅନିଲ ଦାସ, ସମ୍ମାନୀତ ଅତିଥି ଖାଉଟି ସମବାୟ ସୁରକ୍ଷା ସଂଘ ର ନିର୍ଦ୍ଦେଶକ ବାବାଜୀ ଚରଣ ଭୋଇ, ଦିଲ୍ଲୀପ ବେହେରା, ପଶୁପ୍ରେମୀ ନାରାୟଣ ଭୋଇ, ସୁବୋଧ କୁମାର ରାଉତରାୟ, ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ।ଅନୁଷ୍ଠାନର ଛାତ୍ରଛାତ୍ରୀ ମାନେ ସ୍ୱାଗତସଂଗୀତ ଗାନ କରିଥିଲେ । ଏହି ସଭାରେ ସଭାପତିତ୍ୱ କରିଥିଲେ ଅନୁଷ୍ଠାନର ସଭାପତି ସଦାନନ୍ଦ ଓଝା ଏବଂ ସମ୍ପାଦିକା ରମାମଣି ଓଝା ଧନ୍ୟବାଦ ଅର୍ପଣ କରିଥିଲେ ।

# ବନ୍ୟା ମୁକାବିଲାରେ ପ୍ରଶାସନର ତ୍ୱରିତ ପଦକ୍ଷେପ କ୍ଷୟକ୍ଷତି ଆକଳନ କାର୍ଯ୍ୟ ଜାରି

ଆଠଗଡ଼,୧୮/୭(ଅକ୍ଷର ଓଡ଼ିଶା)ଗତ କିଛିଦିନଧରି ଲଗାଣ ବର୍ଷା ଯୋଗୁଁ କଟକ ଜିଲ୍ଲାର ଆଠଗଡ଼ ଅଞ୍ଚଳର ବିଭିନ୍ନ ସ୍ଥାନରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବିଶେଷକରି ସାପୁଆ ନଦୀରେ ଅତ୍ୟଧିକ ପରିମାଣର ବନ୍ୟାଜଳ ପ୍ରବାହିତ ହେବା ଫଳରେ ଏହି ପରିସ୍ଥିତି ଉପୁଜିଥିବା ସୂଚନା ମିଳିଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଉଦ୍ଧାର, ରିଲିଫ୍ ଏବଂ କ୍ଷୟକ୍ଷତି ଆକଳନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି।ବନ୍ୟା ପ୍ରଭାବିତ ଅଞ୍ଚଳର ସ୍ଥିତିର ପ୍ରତ୍ୟକ୍ଷ ଅନୁଧ୍ୟାନ ପାଇଁ ଆଠଗଡ଼ ଉପଜିଲ୍ଲାପାଳ ଆଠଗଡ଼ ତହସିଲଦାର , ଆଠଗଡ଼ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କ ସମେତ ବିଭିନ୍ନ ବିଭାଗର ପ୍ରଶାସନିକ ଅଧିକାରୀ ମାନେ ମିଳିତ ଭାବେ ତରଡିଙ୍ଗ, ସମସରପୁର ଓ ଇଚ୍ଛାପୁର ପଞ୍ଚାୟତ ସମେତ ଅନ୍ୟାନ୍ୟ ପ୍ରଭାବିତ ଅଞ୍ଚଳ ଗସ୍ତ କରି ସ୍ଥିତିର ସମୀକ୍ଷା କରିଥିଲେ।ଗସ୍ତ ସମୟରେ ଜଳବନ୍ଦୀ ଓ ବିପଦ ସଙ୍କୁଳ ଅବସ୍ଥାରେ ଥିବା ପରିବାର ଗୁଡ଼ିକୁ ପ୍ରଶାସନର ସହଯୋଗରେ ସୁରକ୍ଷିତ ଭାବେ ନିକଟସ୍ଥ ବାତ୍ୟା ଆଶ୍ରୟସ୍ଥଳୀ ଓ ବିଦ୍ୟାଳୟକୁ ସ୍ଥାନାନ୍ତର କରା ଯାଇଥିଲା। ପ୍ରଭାବିତ ଲୋକଙ୍କ ନିମନ୍ତେ ଆବଶ୍ୟକ ରିଲିଫ୍ ବ୍ୟବସ୍ଥା ମଧ କରାଯାଇଥିଲା।ପ୍ରଶାସନ ପକ୍ଷରୁ ପ୍ରାୟ ୫୦୦ ଜଣ ବନ୍ୟା ପ୍ରଭାବିତ ବ୍ୟକ୍ତିଙ୍କୁ ଚୁଡ଼ା, ଗୁଡ଼, ବିସ୍କୁଟ୍ ଆଦି ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିବା ବେଳେ ୧୫୦ ଜଣଙ୍କୁ ରନ୍ଧା ଖାଦ୍ୟ ମଧ ଯୋଗାଇ ଦିଆଯାଇଥିଲା। ପ୍ରଭାବିତ ଅଞ୍ଚଳରେ ଲୋକ ମାନଙ୍କୁ ଆବଶ୍ୟକ ସମସ୍ତ ସହାୟତା ପହଞ୍ଚାଇବା ପାଇଁ ପ୍ରଶାସନ ପକ୍ଷରୁ ନିରନ୍ତର ପଦକ୍ଷେପ ଗ୍ରହଣ କରାଯାଉଛି।ଅନ୍ୟ ପକ୍ଷରେ କୃଷି ବିଭାଗ ପକ୍ଷରୁ ଫସଲ କ୍ଷୟକ୍ଷତିର ପ୍ରାଥମିକ ଆକଳନ ଆରମ୍ଭ କରାଯାଇଛି। ପ୍ରାରମ୍ଭିକ ଆକଳନ ଅନୁଯାୟୀ, ଆଠଗଡ଼ ବ୍ଲକର ୧୫ଟି ପଞ୍ଚାୟତରେ ପ୍ରାୟ ୬,୯୦୦ ହେକ୍ଟର ଚାଷ ଜମି ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ଅଧିକ ସଠିକ୍ ଆକଳନ ପାଇଁ ବିଭାଗୀୟ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ ଜାରି ରଖିଛନ୍ତି।ପ୍ରଶାସନ ପକ୍ଷରୁ ପରିସ୍ଥିତି ଉପରେ ନିରନ୍ତର ନଜର ରଖାଯାଉଥିବା ବେଳେ ଆବଶ୍ୟକତା ଅନୁଯାୟୀ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରାଯାଉଛି। ପ୍ରଭାବିତ ଅଞ୍ଚଳରେ ଲୋକଙ୍କ ସୁରକ୍ଷା ଏବଂ ଆବଶ୍ୟକ ସେବା ଯୋଗାଣକୁ ସର୍ବାଧିକ ପ୍ରାଥମିକତା ଦିଆଯାଉଥିବା ପ୍ରଶାସନ ସୂଚନା ଦେଇଛି।

# ସାମାନ୍ୟ ଅର୍ଥ ଅଭାବରୁ ଗଡି ପାରୁନି ରଥ

ରାଜନଗର, ୧୮/୦୭(କାମାକ୍ଷା ପ୍ରସାଦ ସ୍ୱାଇଁ)ଅନ୍ୟାନ ଉତ୍ସବ ମଧ୍ୟରୁ ରଥଯାତ୍ରା ଉତ୍ସବ ଅନ୍ୟତମ ଓଡ଼ିଆ ଙ୍କ ମଉଡମଣୀ କାଳିଆ ଠାକୁରକୁ ବର୍ଷର ଗୋଟିଏ ଦିନରେ ଭକ୍ତ ଗଣ ମନ୍ଦିର ବାହାରେ ଦେଖିବାକୁ ସୁଯୋଗ ପାଆନ୍ତି। ଖାଲି ଦେଖିବାକୁ ସୁଯୋଗ ପାଆନ୍ତି ନାହିଁ ତାହା ସହିତ ରଥ ଦଉଡି ଧରି ଟାଣି ଟାଣି ନେଇଯାଆନ୍ତି ମାଉସୀ ମା ମନ୍ଦିରକୁ, ତେଣୁ ଏହି ରଥଯାତ୍ରା ପ୍ରତି ଓଡ଼ିଆ ଙ୍କ ମନରେ ଅନେକ ଆବେଗ ସୃଷ୍ଟି କରେ କାଳିଆ ଠାକୁରକୁ ପାଖରେ ଦେଖିବା ପାଇଁ କିନ୍ତୁ ଦୁଃଖ ପରୀତାପର ବିଷୟ ଯେଉଁ କାଳିଆ ଠାକୁରକୁ ଦେଖିବା ପାଇଁ କୋଟି କୋଟି ଭକ୍ତ ଙ୍କ ଅକ୍ଷୀରୁ ଲୁହ ଚାଲିଆସେ ଓ କୋଟି କୋଟି ପାପ କୁ ନାଶ କରି ବୈରାଗ୍ୟ ପ୍ରାପ୍ତି କରନ୍ତି ଆଜି ସେହି କାଳିଆ ଠାକୁରାଙ୍କ ପାଇଁ ଅର୍ଥ ଅଭାବ ରୁ ରଥ ହୋଇପାରୁନି। ଯିଏ ଦୁନିଆକୁ ଚକ ଅଖ ସବୁ ଦେଇଛି ତାପାଇଁ ଚକ ଟିଏ ମିଳୁ ନାହିଁ, ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବ୍ଲକ ରିଘାଗଡ଼ ଗାଁର ଆରାଧ ପ୍ରଭୁ ବଳଦେବଜୀଉ ଙ୍କୁ ମନ୍ଦିରରେ। ଏହି ମନ୍ଦିର ସାଢେ ତିନି ଶହ ବର୍ଷ ପୂର୍ବର ଯାହାକୁ କନିକା ରାଜା ନିର୍ମାଣ କରିଥିଲେ ବିଗ୍ର ବଡ଼ ସହିତ ମନ୍ଦିର ବି ବଡ଼ କିନ୍ତୁ ପଚାଶ ବର୍ଷ ପୂର୍ବରୁ ରଥଯାତ୍ରା ରେ ପ୍ରଭୁ ବଳଦେବଜୀଉ ରଥରେ ବସି ଭାଇ ଭଉଣୀ



ଙ୍କ ସହିତ ଭକ୍ତ ଙ୍କ ଗହଣରେ ମାଉସୀ ମା ମନ୍ଦିର ଯାଉଥିଲେ, ହେଲେ ଏବେ ରଥ ନାହିଁ କି ଭକ୍ତ ମଧ ନାହିଁ। ଅର୍ଥ ଅଭାବରୁ ମନ୍ଦିରର କାରୁ କାର୍ଯ୍ୟରେ ଉର୍ନତି ହୋଇନି କିମ୍ବା ରଥଯାତ୍ରାରେ ରଥ ମଧ ଗଡୁନି। ରଥଯାତ୍ରାରେ ରଥ ନିର୍ମାଣ ନହେବାରୁ ନିଆରା ମୁରୁଜ ରଥରେ ପ୍ରଭୁ ବଳଦେବଜୀଉ ଭାଇ ଓ ଭଉଣୀ ସହିତ ମାଉସୀ ମା ମନ୍ଦିରକୁ ଯାଉଛନ୍ତି। ଏଭଳି ଦୁଃଖଦ ଘଟଣା ବର୍ଷ ବର୍ଷ ଧରି ଚାଲି ଆସୁଥିଲେ ସୁଦ୍ଧା କାହାର ନଜର ପଡୁନି। ଅନେକ ଛୋଟ ଛୋଟ ମନ୍ଦିର ରହିଛି ଯେଉଁଠି ରଥ ଟଣା ଯାଉଛି କିନ୍ତୁ ରିଘାଗଡ଼ ପ୍ରଭୁ ବଳଦେବଜୀଉ ଙ୍କର ଅତି ପ୍ରାଚୀନ ଓ ବଡ଼ ମନ୍ଦିର ହୋଇଥିଲେ ସୁଦ୍ଧା ରଥ ଗଡି ପାରୁନି।କାହାର ବି ନଜର ଆସୁନି ଏହି ମନ୍ଦିର ଉପରେ । ଯିଏ ଭାଗ୍ୟ ଲେଖୁଛି ତାହା ଭାଗ୍ୟରେ ରଥ ନାହିଁ। ତେବେ ଦେଖା ଯାଉ ଭକ୍ତଙ୍କର ଦୀର୍ଘ ଦିନର ଏହି ଦାବି ନେତା ମନ୍ତ୍ରୀ ଓ ପ୍ରଶାସନ କେବେ ପୂରଣ କରୁଛି।

# ଦଣ୍ଡପାଟ ଅଞ୍ଚଳରେ ପୁଣି ଆଉ ଜଣେ ଦାଦନ ଶ୍ରମିକର ମୃତ୍ୟୁ

କୋକସରା:- ୧୮ /୭ (ମଙ୍ଗରାଜ ବେହେର) କଳାହାଣ୍ଡି ଜିଲ୍ଲା, କୋକସରା ବ୍ଲକ,ଖୁଣ୍ଟିଆ ପଞ୍ଚାୟତ ଅନ୍ତର୍ଗତ ସରଧାପୁର ଗ୍ରାମର ଜଣେ ଦାଦନ ଶ୍ରମିକର ମୃତ୍ୟୁ ଘଟିଥିବା ଜଣା ପଡ଼ିଛି।ସୂଚନା ଅନୁସାରେ ସରଧାପୁର ଗ୍ରାମର ତୁଳସୀ ରାମ ଧୁରୁ (୨୩) ଗତ ପାଞ୍ଚ ମାସ ତଳେ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିଲେ। ସେ କର୍ଣ୍ଣାଟକ ରାଜ୍ୟ, କୋଲାର ଜିଲ୍ଲାର ମାଲୁର ଥାନା ଅଞ୍ଚଳର ଏକ ଫ୍ଲିପ୍ କାର୍ଡ କମ୍ପାନୀରେ କାମ କରୁଥିଲେ। କାର୍ଯ୍ୟରତ ଥିବା ସମୟରେ ସେ ଅସୁସ୍ଥ ହୋଇ ପଡ଼ିବାରୁ ତାଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ନିଆ ଯାଇଥିଲା। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବର୍ତ୍ତମାନ ପର୍ଯ୍ୟନ୍ତ ତାଙ୍କ ଶବ ବ୍ୟବଚ୍ଛେଦ ହୋଇ ନ ଥିବାରୁ ମୃତ ଦେହ ଘରକୁ ପହଞ୍ଚି ପାରିନାହିଁ।ବର୍ତ୍ତମାନ ତୁଳସୀଙ୍କ ମୃତ୍ୟୁ ଖବର ଶୁଣିଲା ପରେ ପରିବାର ତଥା ଗାଁ ରେ ଶୋକର ଛାୟା ଖେଳି ଯାଇଛି। ବର୍ତ୍ତମାନ ତୁଳସୀଙ୍କ ବାପା କୋକସରା ଥାନାକୁ ଯାଇ ପୁଅର ମୃତ ଦେହ ଆଣିବାର ବ୍ୟବସ୍ଥା କରିବାକୁ ପୋଲିସ୍ ପ୍ରଶାସନ ପାଖରେ ନିବେଦନ କରିଛନ୍ତି।

# ବୁଗୁଡ଼ା ପଞ୍ଚାୟତ ସମିତିର ନବମ ସାଧାରଣ ବୈଠକ




ବୁଗୁଡ଼ା : ୧୮ /୦୭/(ଅକ୍ଷର ଓଡିଶା ): ବୁଗୁଡ଼ା ପଞ୍ଚାୟତ ସମିତି ପକ୍ଷରୁ ସମ୍ମିଳନୀ କକ୍ଷରେ ଶୁକ୍ରବାରଦିନ ନବମ ସାଧାରଣ ବୈଠକ ବ୍ଲକ ଅଧକ୍ଷା କେ.ପ୍ରିୟଦର୍ଶିନୀ ଆଚାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ କରିଥିଲେ। ବୁଗୁଡା ବ୍ଲକ ଅଧୀନସ୍ଥ ସମସ୍ତ ପଞ୍ଚାୟତର ସର୍ବାଙ୍ଗୀନ ବିକାଶ, ଗ୍ରାମୀଣ ଭିତ୍ତିଭୂମିର ସୁଦୃଢ଼ୀକରଣ ଏବଂ ସରକାରୀ ଯୋଜନା ଗୁଡ଼ିକୁ ସମାଜର ଅନ୍ତିମ ପର୍ଯ୍ୟାୟରେ ରହୁଥିବା ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବା ସରକାରଙ୍କ ମୂଳ ଲକ୍ଷ୍ୟ ବୋଲି ମନ୍ତ୍ରୀ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ସ୍ଥାନୀୟ ଜନପ୍ରତିନିଧି, ବ୍ଲକ ପ୍ରଶାସନ ଓ ବିଭିନ୍ନ ବିଭାଗର ସରକାରୀ ଅଧିକାରୀମାନଙ୍କ ସହ ବିସ୍ତୃତ ଆଲୋଚନା କରି କାର୍ଯ୍ୟଗୁଡ଼ିକୁ ଅଧିକ ତ୍ୱରାନ୍ୱିତ କରିବା ସହ ତୁରନ୍ତ ଅଧୁରା କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ବିଭଗୀୟ ଅଧିକାରୀଙ୍କୁ କୁହାଯାଇଥିଲା । ବୁଗୁଡା ବ୍ଲକର ଅଧିକାଂଶ ପଞ୍ଚାୟତରେ ପିଇବା ପାଣିର ଅସୁବିଧା ଲାଗିରହିଥିବା ବେଳେ ଦୀର୍ଘବର୍ଷ ବିତିଯାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଅପାରଗତା ଓ ଦ୍ୱାୟିତ୍ୱହୀନତା ପାଇଁ ସାଧାରଣ ଜନତା ଅସୁବିଧାର ସମ୍ମୁଖୀନ ହେଉଥିବା ପଞ୍ଚାୟତ ସରପଞ୍ଚ ଓ ସମିତି ମେମ୍ବର ଅସନ୍ତୋଷ ପ୍ରକାଶ କରିଥିଲେ । ଏପରିକି ପଞ୍ଚାୟତ ପ୍ରତିନିଧିଙ୍କୁ କୌଣସି ସରକାରୀ ଯୋଜନା ସମ୍ପର୍କରେ ବ୍ଲକ ପ୍ରଶାସନ ଅଣଦେଖା କରୁଥିବା ଅଭିଯୋଗ କରିଥିଲେ। ଯାହାକୁ ନେଇ ବ୍ଲକ ଅଧକ୍ଷା କେ ପ୍ରିୟଦର୍ଶିନୀ ଆଚାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଆଗାମୀ ଯୋଜନା ସମ୍ପର୍କରେ ଅବଗତ କରାଇବା ପାଇଁ କହିଥିଲେ । ସେହିପରି ଗ୍ରାମ୍ୟ ଜଳଯୋଗଣ ବିଭାଗ ଦ୍ୱାରା ବିଭିନ୍ନ ସ୍ଥାନରେ ସୋଲାର ପାନେଲ ମାଧମରେ ଜଳଯୋଗଣ ପାଇଁ ବ୍ୟବସ୍ଥା ହୋଇଥିଲେ ମଧ୍ୟ ତାହା କାମରେ ଆସୁନଥିବା ଅଭିଯୋଗ ହୋଇଥିଲା।

# ରାଜା ବେଶରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ

ଧର୍ମଶାଳା: ୧୮ /୦୭/(ଅକ୍ଷର ଓଡିଶା)ପବିତ୍ର ରଥଯାତ୍ରା ଅବସରରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ଏକ ନିଆରା ଦୃଶ୍ୟ ଦେଖିବାକୁ ମିଳିଛି। ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଏହି ପବିତ୍ର ଦିନରେ 'ରାଜ ବେଶ' ଧାରଣ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ତାଙ୍କର ଏହି ଭିନ୍ନ ସ୍ୱରୂପ।କଣ ଏହି ରାଜ ବେଶର କାହାଣୀରଥଯାତ୍ରା ପରମ୍ପରା ଅନୁସାରେ, ପୁରୀ ଶ୍ରୀମନ୍ଦିରରେ ଗଜପତି ମହାରାଜାଙ୍କ ଦ୍ୱାରା 'ଛେରା ପହଁରା' କରାଯାଇଥାଏ। ସେହିପରି ଧର୍ମଶାଳାରେ ମଧ ଭଗବାନ ଜଗନ୍ନାଥଙ୍କ ରଥଯାତ୍ରାକୁ ଭବ୍ୟ କରିବା ପାଇଁ ବିଧାୟକ ହିମାଂଶୁ ଶେଖର ସାହୁ ଏକ ସ୍ୱତନ୍ତ୍ର ବେଶଭୂଷାରେ ସଜ୍ଜିତ ହୋଇ ଉପସ୍ଥିତ ହୋଇଥିଲେ। ରାଜକୀୟ ପୋଷାକ ଓ ସେହି ଅନୁଯାୟୀ ଆଭୂଷଣ ପରିଧାନ କରି ସେ ରଥଯାତ୍ରାରେ ସାମିଲ ହୋଇଥିଲେ, ଯାହାକୁ ଅଞ୍ଚଳବାସୀ 'ନୂତନ ରାଜା'ଙ୍କ ଆଗମନ ଭାବେ ବର୍ଣ୍ଣନା କରୁଛନ୍ତି।



ରବିବାର ୧୯।୦୭।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

# ଆଜି ସ୍ପେନ-ଆର୍ଜେଣ୍ଟିନା ଫାଇନାଲ

ନୂଆଦିଲ୍ଲୀ, ୧୮/୦୭ : ୨୦୨୬ ଫିଫା ବିଶ୍ୱକପ୍‌ର ଫାଇନାଲ୍ ମ୍ୟାଚ୍‌କୁ ନେଇ ସାରା ବିଶ୍ୱ ଉତ୍ସାହିତ। ଏହି ମ୍ୟାଚ୍‌ରେ ଦୁଇଟି ମହାନ ଦଳ ସ୍ପେନ୍ ଏବଂ ଆର୍ଜେଣ୍ଟିନା ପରସ୍ପରକୁ ଭେଟିବେ। କିନ୍ତୁ ଏହି ମ୍ୟାଚ୍‌ର ଆଉ ଏକ ଆକର୍ଷଣୀୟ ଦିଗ

## ପଡିଆ ବାହାରେ ଲଢ଼ିବେ ଗୁରୁ-ଶିଷ୍ୟ

ହେଉଛି ଉଭୟ ଦଳର କୋଚ୍‌ଙ୍କ ମଧ୍ୟରେ ଥିବା ସମ୍ପର୍କ। ସ୍ପେନ୍ ଦଳର କୋଚ୍ ଲୁଇସ୍ ଡେ ଲା ଫୁଏନ୍ତେ ଏବଂ ଆର୍ଜେଣ୍ଟିନା ଦଳର କୋଚ୍ ଲିଓନେଲ୍ ସ୍କାଲୋନିଙ୍କ ପାଇଁ ଏହି ମୁକାବିଲା କେବଳ ଏକ ଖେଳ ନୁହେଁ, ବରଂ ଏହା ଗୁରୁ ଏବଂ ଶିଷ୍ୟଙ୍କ ମଧ୍ୟରେ ଏକ ଲଢ଼େଇ। ସ୍ପେନ ପ୍ରଶିକ୍ଷକ ଲୁଇସ୍ ଡେ ଲା ଫୁଏନ୍ତେ ଜଣେ ୬୫ ବର୍ଷୀୟ ଅଭିଜ୍ଞ ପ୍ରଶିକ୍ଷକ ଯିଏ ସ୍ପେନର ଯୁବ ଦଳ ସହିତ




କାମ କରିଛନ୍ତି। ଆର୍ଜେଣ୍ଟିନା ପ୍ରଶିକ୍ଷକ ୪୮ ବର୍ଷୀୟ ଲିଓନେଲ୍ ସ୍କାଲୋନି ଫୁଏନ୍ତେଙ୍କ ପୂର୍ବତନ ଛାତ୍ର। ଡେ ଲା ଫୁଏନ୍ତେ ୨୦୧୭ ମସିହାରେ ସ୍ପାନିସ୍ ଫୁଟବଲ୍ ଫେଡେରେସନ୍‌ର ପ୍ରଶିକ୍ଷକପାଠ୍ୟକ୍ରମରେ ତାଙ୍କର ଶିକ୍ଷକ ଥିଲେ। ବର୍ତ୍ତମାନ, ଦୁଇଜଣ ମୁହାଁମୁହିଁ ଠିଆ ହୋଇଛନ୍ତି, ଗୋଟିଏ ପଟେ ପରାମର୍ଶଦାତା ଏବଂ ଅନ୍ୟ ପଟେ ଶିଷ୍ୟ। ସ୍କାଲୋନି ନିଜେ କହିଛନ୍ତି ଯେ ଏହି ମ୍ୟାଚ୍ ସେମାନଙ୍କ ସମ୍ପର୍କକୁ ପରିବର୍ତ୍ତନ କରିବ ନାହିଁ, କିନ୍ତୁ ଏହା ଫୁଟବଲର ସବୁଠାରୁ ବଡ଼ ପ୍ରତିଯୋଗିତା, ଏବଂ ଦୁଇଟି ଦଳ ପରସ୍ପର ସହିତ ଲଢୁଥିବା ସମୟରେ, ପଡିଆ ବାହାରେ ଦୁଇ ପ୍ରଶିକ୍ଷକ ପରସ୍ପରର ରଣନୀତିକୁ ପାଖରୁ ଜାଣିବେ। ମିଡଫିଲ୍ଡର ଭାବରେ ତାଙ୍କ କ୍ୟାରିଅର ଆରମ୍ଭ କରିଥିଲେ, ସ୍ପାନିସ୍ କ୍ଲବ ପାଇଁ ଖେଳିଥିଲେ ଏବଂ ୨୦୧୫ରେ ଅବସର ନେଇଥିଲେ। ସେ ୨୦୧୮ ରେ ଆର୍ଜେଣ୍ଟିନାର ବରିଷ୍ଠ ଦଳର ମଧ୍ୟବର୍ତ୍ତୀକାଳୀନ ପ୍ରଶିକ୍ଷକ ହୋଇଥିଲେ ଏବଂ ପ୍ରାରମ୍ଭରେ ବହୁତ ସମାଲୋଚନାର ସମ୍ମୁଖୀନ ହୋଇଥିଲେ, କିନ୍ତୁ ସେ ଦଳକୁ ପରିବର୍ତ୍ତନ କରିଥିଲେ। ସେ ୨୦୨୨ ବିଶ୍ୱକପ୍ ଏବଂ ୨୦୨୧ ଏବଂ ୨୦୨୪ରେ କୋପା କପ ବିଜୟୀ କରାଇଥିଲେ।

# କ୍ରିକେଟ୍ କିମ୍ବଦନ୍ତି ସୋବର୍ସଙ୍କ ଦେହାନ୍ତ

ବାର୍ବାଡୋସ୍, ୧୮/୦୭ : ବିଶ୍ୱ କ୍ରିକେଟ୍‌ର ମହାନତମ ଅଲରାଉଣ୍ଡରଙ୍କ ମଧ୍ୟରୁ ଅନ୍ୟତମ ୱେଷ୍ଟଇଣ୍ଡିଜ୍ କ୍ରିକେଟର୍ ସାର୍ ଗ୍ୟାର୍‌ଫିଲ୍ଡ ସୋବର୍ସଙ୍କ ୮୯ ବର୍ଷ ବୟସରେ ପରଲୋକ ହୋଇଛି। ବାର୍ବାଡୋସ୍‌ସ୍ଥିତ ବାସଭବନରେ ସେ ଶୁକ୍ରବାର ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ଆଉ ମାତ୍ର ୧୦ ଦିନ ପରେ ସେ ନିଜର ୯୦ତମ ଜନ୍ମଦିନ ପାଳନ କରିଥାନ୍ତେ। ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ କ୍ରିକେଟ୍ ୱେଷ୍ଟଇଣ୍ଡିଜ୍ ପକ୍ଷରୁ 'ଏକ୍ସ'ରେ ଲେଖାଯାଇଛି 'ଏକ ମହାନ ଇନିଂସ୍‌ର ଅନ୍ତ ଘଟିଛି। ସାର୍ ଗ୍ୟାର୍‌ଫିଲ୍ଡ ସୋବର୍ସ ସବୁବେଳେ ଆମ ହୃଦୟରେ ଅମର ରହିବେ'। ସେହିପରି ବିସିସିଆଇ ମଧ୍ୟ ଶ୍ରଦ୍ଧାଞ୍ଜଳି ଜଣାଇ ତାଙ୍କୁ ମହାନତମ ଅଲ୍‌ରାଉଣ୍ଡର୍ ଭାବେ ବର୍ଣ୍ଣନା କରିଛି। ସୋବର୍ସ ବିଶ୍ୱ କ୍ରିକେଟ୍ ପାଇଁ ଉଲ୍ଲେଖନୀୟ ଅବଦାନ ଦେଇଛନ୍ତି ବୋଲି ବିସିସିଆଇ 'ଏକ୍ସ'ରେ ଲେଖିଛି। ସୋବର୍ସ ବ୍ୟାଟିଂ ସହ ବାମହାତୀ ଦ୍ରୁତ ଗତିର, ଅର୍ଥୋଡକ୍ସ ସ୍ପିନ୍ ଓ ରିଷ୍ଟ ସ୍ପିନ୍ ବୋଲିଂରେ ସମାନ ପାରଦର୍ଶିତା ପ୍ରଦର୍ଶନ କରିବା ସହ ଜଣେ ଅସାଧାରଣ ଫିଲ୍ଡର ଥିଲେ। ୧୯୫୪ରୁ ୧୯୭୪ ମଧ୍ୟରେ ୱେଷ୍ଟଇଣ୍ଡିଜ୍ ପାଇଁ ୯୩ଟି ଟେଷ୍ଟ ଖେଳି ସେ ୮୦୩୨ ରନ୍ ସଂଗ୍ରହ କରିବା ସହ ୨୩୫ଟି ୱିକେଟ୍ ହାସଲ କରିଥିଲେ। ସେ ୧୯୫୨-୫୩ ଋତୁରେ ମାତ୍ର ୧୬ ବର୍ଷରେ ପ୍ରଥମ ଶ୍ରେଣୀ ପଦାର୍ପଣ କରିଥିଲେ ଓ ତାର ବର୍ଷକ ପରେ ଜାମାଇକାରେ ଇଂଲଣ୍ଡ ବିପକ୍ଷରେ ଟେଷ୍ଟ ପଦାର୍ପଣ କରିଥିଲେ। ଭାରତ ବିପକ୍ଷରେ ସେ ୧୯୫୮ରୁ ୧୯୭୧ ମଧ୍ୟରେ ୧୮ ଟେଷ୍ଟ ଖେଳି ୧୧୭୩ ରନ୍ କରିବା ସହ ୨୬ ୱିକେଟ୍ ନେଇଥିଲେ। ପୁରୁଷ କ୍ରିକେଟ୍‌ରେ ଆଇସିସିର ସର୍ବୋଚ୍ଚ ବାର୍ଷିକ ସମ୍ମାନ 'ସାର୍ ଗାରଫିଲ୍ଡ ସୋବର୍ସ ପୁରସ୍କାର' ତାଙ୍କ ସମ୍ମାନରେ ପ୍ରଦାନ କରାଯାଏ। ୨୦୨୩ରେ ଭାରତର ୱେଷ୍ଟ୍‌ଇଣ୍ଡିଜ ଗସ୍ତ ସମୟରେ ସେ ଦଳୀୟ ଖେଳାଳିମାନଙ୍କୁ ଭେଟିଥିଲେ। ସୋବର୍ସଙ୍କ ପରଲୋକ ଖବର ପ୍ରସାରିତ ହେବା ପରେ ସାମଜିକ ଗଣମାଧ୍ୟମରେ ଶୋକର ସୁଅ ଛୁଟିଛି।




# ରଥଯାତ୍ରା ଉପଲକ୍ଷେ ସଇଡାରେ ଏକ ଦିବାସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ : ସଇଡା ଚମ୍ପିୟାନ



କୁଚିଣ୍ଡା, ୧୮।୭ (ଚତୁର୍ଭୁଜ ଜୟପୁରିଆ ) : ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସାଧୀନ କ୍ଲବ ଦ୍ୱାରା ସଇଡାଠାରେ ଏକ ଦିବାସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଇଡା ଚମ୍ପିୟାନ ହୋଇଛି। ଏହି ଏକ ଦିବାସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଅଞ୍ଚଳର ବଛା ବଛା ଆଠ ଗୋଟି ଫୁଟବଲ ଦଳ ଅଂଶଗ୍ରହଣ କରିଥିଲେ । ମୁଖ୍ୟଅତିଥିଭାବେ ଗୋକୁଳ ପୃଷ୍ଟି, ବିଜୁ ସାହୁ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଧନଞ୍ଜୟ ପୃଷ୍ଟି ପୂର୍ବତନ ଫୁଟବଲ ଖେଳାଳି ରାଜକୁମାର କଣ୍ଡରା ପ୍ରମୁଖ ଯୋଗଦେଇଥିଲେ । ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ସୋମ ଏକାଦଶ ସଇଡା ସହିତ ଶ୍ରଦ୍ଧାପାଲି ମଧ୍ୟରେ ଗୋଟିଏ ଆକର୍ଷଣୀୟ ଫୁଟବଲ ମ୍ୟାଚ ହୋଇଥିଲା । ଶେଷରେ ସୋମ ଏକାଦଶ ଗୋଟିଏ ହୋଲ ସ୍କୋର କରି ଫାଇନାଲ କେ ପ୍ରବେଶ କରିଥିଲା । ଦ୍ୱିତୀୟ ସେମିଫାଇନାଲ ୟୁଟୁବ କ୍ଲବ ସହ ବାମରା ବ୍ଲକ ତଳସରା ସହିତ ସୁନ୍ଦର ମ୍ୟାଚ ହୋଇଥିଲା ଖେଳରେ କେହି କାହାରିକୁ ଗୋଲ ସ୍କୋର କରିପାରିନଥିଲେ ଶେଷରେ ପେନାଲଟିକ ସାହାଯ୍ୟରେ ୟୁଟୁବ କ୍ଲବ ୪-୩ ରେ ଉତୀର୍ଣ୍ଣ ହୋଇ ଫାଇନାଲକୁ ପ୍ରବେଶ କରିଥିଲେ ଓ ଶେଷ ଫାଇନାଲ ଖେଳରେ ସୋମ ଏକାଦଶ ସଇଡା ଓ ୟୁଟୁବ କ୍ଲବ ମଧ୍ୟରେ ହୋଇଥିଲା ଦୁଇ ଟିମ ମଧ୍ୟରେ ଉନ୍ନତ ମାନର ଖେଳ ପ୍ରଦର୍ଶନ ପରେ ଗୋଲ ସ୍କୋର କେହି କାହାରିକୁ କରିପାରିନଥିଲେ ଶେଷରେ ପେନାଲଟିକ ସାହାଯ୍ୟରେ ସଇଡା ଚାମ୍ପିୟାନ ହୋଇଥିଲା । ଅତିଥିଙ୍କ ଦ୍ୱାରା ଚମ୍ପିୟାନ ଦଳକୁ ଟ୍ରଫି ଶହ ଦଶ ହଜାର ଟଙ୍କା ଓ ଉପବିଜେତା ଦଳଙ୍କୁ ଟ୍ରଫି ଶହ ସାତ ହଜାର ଟଙ୍କା ପ୍ରଦାନ କରିଥିଲେ। ରେଫରୀ ଭାବେ ଖେଳ ପରିଚାଳନା କରୁଥିଲେ ଶତାବ୍ଦୀ ଜୟପୁରିଆ, ପ୍ରଶାନ୍ତ ମୁଣ୍ଡା ରାଜା ମହାପାତ୍ର । ଟୁର୍ଣ୍ଣାମେଣ୍ଟ ସହଯୋଗରେ ଅଭି ମନୋହାରୀ, ଶଙ୍କର ରାଉତ, ସୁନୀଲ ବାଘ, କୁନୁ ବାଘ, ବିଟ ବାଘ, ସାଧୀନ କ୍ଲବର ସମସ୍ତେ ସହଯୋଗ କରିଥିଲେ।

## ରୋହିତଙ୍କ ଅବସର ନେଇ ଦ୍ୱନ୍ଦ୍ୱ

# ବିସିସିଆଇ କହିଲା ଆମ ପାଖରେ ନାହିଁ ସୂଚନା

ଲଣ୍ଡନ୍, ୧୮/୦୭ : ଭାରତୀୟ ଦିନିକିଆ ଦଳର ପୂର୍ବତନ ଅଧିନାୟକ ତଥା ହିଟ୍ ମ୍ୟାନ୍ ରୋହିତ ଶର୍ମାଙ୍କ ଖେଳ ଜୀବନ ରବିବାର ଲର୍ଡସରେ ଶେଷ ହୋଇଯିବ ବୋଲି ଚାଲିଥିବା ଚର୍ଚ୍ଚା ଦ୍ୱନ୍ଦ୍ୱାତ୍ମକ ପରିସ୍ଥିତିରେ ପହଞ୍ଚିଯାଇଛି। ରୋହିତଙ୍କ ପକ୍ଷରୁ କୌଣସି ଆନୁଷ୍ଠାନିକ ସୂଚନା ଦିଆଯାଇନଥିଲେ ମଧ୍ୟ ତାଙ୍କ ସମ୍ପୂର୍ଣ୍ଣ ପରିବାର ଶୁକ୍ରବାର ଲଣ୍ଡନ୍‌ରେ ପହଞ୍ଚିବା ଏହି ଅବସର ନିଷ୍ପତ୍ତିକୁ ଖୋରାକ ଯୋଗାଇଛି। ବିସିସିଆଇ କିନ୍ତୁ ଶୁକ୍ରବାର ସ୍ପଷ୍ଟ କରିଛି ଆମ ପାଖରେ ରୋହିତଙ୍କ ଅବସର ସମ୍ପର୍କରେ କିଛି ସୂଚନା ନାହିଁ। ସେ ଆମକୁ କିଛି ଜଣାଇନାହାନ୍ତି। ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି 'ରବିବାର ଲର୍ଡସରେ ରୋହିତ ଶର୍ମା ଶେଷ ମ୍ୟାଚ୍ ଖେଳିବେ ନାହିଁ। ସେ ଭାରତୀୟ ଦିନିକିଆ ଦଳର ନିୟମିତ ସଦସ୍ୟ ଅଛନ୍ତି। ଯୋଜନାରେ ଥିବା ପର୍ଯ୍ୟନ୍ତ ସେ ଖେଳ ଜାରି ରଖିବେ। ଅର୍ଥାତ୍ ରୋହିତ ରବିବାର ଶେଷ ମ୍ୟାଚ୍ ଖେଳିବେ ନାହିଁ'। ଏହା ପୂର୍ବରୁ ଚୟନକର୍ତ୍ତାମାନେ କେଉଁଠି ରୋହିତଙ୍କୁ ରୋକଠୋକ୍ ଭାବେ କହି ସାରିଛନ୍ତି ଯେ ୨୦୨୭ ଦିନିକିଆ ବିଶ୍ୱକପ୍ ଯୋଜନାରେ ସେ ଆଉ ନାହାନ୍ତି। ଏହି କାରଣରୁ ରୋହିତ ଲର୍ଡସ ଭଳି ଐତିହାସିକ ଷ୍ଟାଡିୟମ୍‌ରେ ଅବସର ନେବାକୁ ପସନ୍ଦ କରିଥିବା ବିଶ୍ୱାସ କରାଯାଉଛି। ରବିବାର ଭାରତ ଏଠାରେ ଇଂଲଣ୍ଡ ବିପକ୍ଷ ଶେଷ ଦିନିକିଆ ଖେଳିବ। ସୂଚନାଯୋଗ୍ୟ, ପୂର୍ବରୁ ରୋହିତ ଟେଷ୍ଟ୍ ଓ ଟ୍ୱେଣ୍ଟି-୨୦ରୁ ଅବସର ନେଇ ସାରିଛନ୍ତି। ଭାରତ ପାଇଁ ରୋହିତ ୬୭ ଟେଷ୍ଟ୍, ୨୮୭ ଦିନିକିଆ, ୧୫୯ ଟ୍ୱେଣ୍ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ମୋଟ ଉପରେ ୨୦,୦୦୦ରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ରନ୍ ବି ସଂଗ୍ରହ କରିଛନ୍ତି।



ଭାରତୀୟ ଦଳର ବିସ୍ଫୋରକ ବ୍ୟାଟର୍ ରୋହିତ ଶର୍ମା ନିଜ ଫର୍ମକୁ ନେଇ ଇଂଲଣ୍ଡରେ ସଂଘର୍ଷ କରୁଥିବାବେଳେ ତାଙ୍କ ଅବସରକୁ ନେଇ ଚର୍ଚ୍ଚା ଲାଗି ରହିଛି। ତେବେ ଏ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି ଭାରତୀୟ ଦଳର ବ୍ୟାଟିଂ ପ୍ରଶିକ୍ଷକ ସିତାଂଶୁ କୋଟାକ୍। କୋଟାକ କହିଛନ୍ତି ଯେ ଏହା ସତ ଯେ ପ୍ରଥମ ଦୁଇ ମ୍ୟାଚ୍‌ରେ ରୋହିତ ଅଧିକ ରନ୍ କରିପାରି ନାହାନ୍ତି। କିନ୍ତୁ ସେଥି ଯୋଗୁଁ ସେ ଚାପରେ ରହୁଛନ୍ତି ବୋଲି କହିବା ଠିକ୍ ନୁହେଁ। ''ରୋହିତଙ୍କ ପରି ଜଣେ ବଡ଼ ଖେଳାଳି ଚାପରେ ରହିବା କଥା ବିଶ୍ୱାସଯୋଗ୍ୟ ନୁହେଁ। ସେ ପ୍ରଥମ ଦୁଇ ମ୍ୟାଚ୍‌ରେ ରନ୍ କରିପାରି ନାହାନ୍ତି, କିନ୍ତୁ ତାହା ତାଙ୍କ ଉପରେ ବିଶେଷ ପ୍ରଭାବ ପକାଇବ ନାହିଁ। ଅନେକ କ୍ରିକେଟ୍‌ର ଏମିତି ସମୟ ଦେଇ ଗତି କରନ୍ତି। କିନ୍ତୁ ସେ ସଂଘର୍ଷ କରୁଥିବା କଥା କହିବା ଠିକ୍ ନୁହେଁ। ଲର୍ଡସ୍‌ରେ ସେ ଏକ ଭଲ ପାଳି ଖେଳିବେ ବୋଲି ଆଶା କରାଯାଉଛି।'' ଏଜବାଷ୍ଟନ୍‌ରେ ଖେଳାଯାଇଥିବା ଇଂଲଣ୍ଡ ବିପକ୍ଷ ପ୍ରଥମ ଦିନିକିଆରେ ରୋହିତ ୨୧ ବଲ୍ ଖେଳି

## ରୋହିତଙ୍କ ଉପରେ କୌଣସି ଚାପ ନାହିଁ: କୋଟାକ୍

ମାତ୍ର ୧୧ ରନ୍ କରିଥିବାବେଳେ କାର୍ଡିଫ୍‌ର ସୋଫିଆ ଗାର୍ଡେନ୍ସରେ ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚ୍‌ରେ ସେ ୪୭ ବଲ୍‌ରୁ ୨୬ ରନ୍ କରିଥିଲେ। ତାଙ୍କର ଏହି ଖରାପ ଲୟ ପରେ ଅବସର ଚର୍ଚ୍ଚା ବଢିଯାଇଛି। କେତେକ ଖବର ଅନୁସାରେ ଲର୍ଡସ୍‌ରେ ହେବାକୁ ଥିବା ତୃତୀୟ ଦିନିକିଆ ତାଙ୍କର ଶେଷ ଅନ୍ତର୍ଜାତୀୟ ଦିନିକିଆ ହୋଇପାରେ। ଏପରିକି କେତେକ ରିପୋର୍ଟରେ ୨୦୨୭ ବିଶ୍ୱକପ୍ ଦଳରେ ରୋହିତଙ୍କୁ ନେଇ କୌଣସି ଯୋଜନା ନଥିବା ଚୟନ କମିଟି ତାଙ୍କୁ ସଂକେତ ଦେଇସାରିଥିବା ଦାବି କରାଯାଉଛି। ଏସବୁ ମଧ୍ୟରେ ରବିବାର ହେବାକୁ ଥିବା ଲର୍ଡସ୍ ମ୍ୟାଚ୍ ଉପରେ ସମସ୍ତଙ୍କ ନଜର ରହିବ।

# ତୃତୀୟ ଦିନିକିଆରୁ ୱାଶିଂଟନ ବାଦ୍



ନୂଆଦିଲ୍ଲୀ, ୧୮/୦୭ : ଭାରତ ଓ ଇଂଲଣ୍ଡ ମଧ୍ୟରେ ଚାଲିଥିବା ୩ ମ୍ୟାଚ ବିଶିଷ୍ଟ ଦିନିକିଆ ଶୃଙ୍ଖଳାର ଅନ୍ତିମ ତଥା ନିର୍ଣ୍ଣାୟକ ମ୍ୟାଚ ରବିବାର ଐତିହାସିକ ଲର୍ଡସ ଗ୍ରାଉଣ୍ଡରେ ଖେଳାଯିବ। ଉକ୍ତ ମ୍ୟାଚରୁ ଭାରତୀୟ ଅଲରାଉଣ୍ଡର ୱାଶିଂଟନ ସୁନ୍ଦର ଓହରି ଯାଇଛନ୍ତି। ଗୁରୁବାର ଦ୍ୱିତୀୟ ଦିନିକିଆ ଅବସରରେ ୱାଶିଂଟନ ମାଂସପେଶୀଜନିତ ସମସ୍ୟାରେ ପଡ଼ିଥିଲେ। ପରେ ସେ ବୋଲିଂ କରିବାକୁ ଆସି ନଥିଲେ। ସୁନ୍ଦରଙ୍କ ବଦଳରେ ଚୂଡାନ୍ତ ଏକାଦଶରେ କାହାକୁ ସ୍ଥାନ ମିଳିବ ତାହା ଉପରେ ନଜର ରହିଛି। ସୁନ୍ଦରଙ୍କ ସ୍ଥାନରେ କୁଳଦୀପ ଯାଦବ, ପ୍ରିନ୍ସ ଯାଦବ ଓ ଅର୍ଶଦୀପ ସିଂହଙ୍କ ମଧ୍ୟରୁ ଜଣଙ୍କୁ ଚୂଡାନ୍ତ ଏକାଦଶରେ ସ୍ଥାନ ମିଳିବାର ଆଶା କରାଯାଉଛି। ପୂର୍ବରୁ ଆଘାତଜନିତ ସମସ୍ୟା ଲାଗି ଉକ୍ତ ଶୃଙ୍ଖଳାରୁ ହର୍ଷିତ ରାଣା ଓ ନୀତିଶ କୁମାର ରେଡ୍ଡି ମଧ୍ୟ ବାଦ୍ ପଡ଼ିଥିଲେ। ସୂଚନାଯୋଗ୍ୟ, ୩ ମ୍ୟାଚ ବିଶିଷ୍ଟ ଦିନିକିଆ ଶୃଙ୍ଖଳା ବର୍ତ୍ତମାନ ୧-୧ ବରାବର ରହିଛି।

# ଡୋପିଂ ଉଲ୍ଲଙ୍ଘନ ପାଇଁ ପାକିସ୍ତାନୀ କ୍ରିକେଟର୍ ନିଲମ୍ବିତ




ଦୁବାଇ, ୧୮/୦୭ : ଡୋପିଂ ଉଲ୍ଲଙ୍ଘନ ଲାଗି ପାକିସ୍ତାନୀ କ୍ରିକେଟ୍‌ର ମହମ୍ମଦ ନୱାଜ୍‌ଙ୍କ ଉପରେ ତିନିମାସ ପାଇଁ ନିଲମ୍ବନ ଲଗାଇଛି ଆଇସିସି। ସେ କେତେକ ଗଞ୍ଜେଇ ଜାତୀୟ ପଦାର୍ଥ ସେବନ କରିଥିବା ସ୍ପଷ୍ଟ ହେବା ପରେ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ଲଗାଯାଇଛି। ତେବେ ନୱାଜ ଆଇସିସିର ନିର୍ଦ୍ଦିଷ୍ଟ ପୁନଃସୁଧାର କାର୍ଯ୍ୟକ୍ରମ ସଫଳତାର ସହ ସମ୍ପୂର୍ଣ୍ଣ କଲେ ତାଙ୍କର ତିନି ମାସର ନିଲମ୍ବନ ଅବଧି ହ୍ରାସ ପାଇପାରେ। ଏହି ୩୨ ବର୍ଷୀୟ ଖେଳାଳିଙ୍କ ନମୁନାରେ ଗଞ୍ଜେଇରୁ ପ୍ରସ୍ତୁତ ଏକ ଚେତନାହାରକ ପଦାର୍ଥ 'କାର୍ବୋକ୍ସି-ଟିଏଚ୍‌ସି' ଥିବା ଜଣାପଡ଼ିଥିଲା। ଏହି ନମୁନା ଗତ ଫେବ୍ରୁଆରି ମାସରେ ଚାଲିଥିବା ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ପାକିସ୍ତାନ-ନେଦରଲାଣ୍ଡସ୍ ମ୍ୟାଚ୍ ପରେ ନିଆଯାଇଥିଲା। ଆଇସିସିର ଡୋପିଂ ନିରୋଧୀ ଆଇନ ଅନୁସାରେ 'କାର୍ବୋକ୍ସି-ଟିଏଚ୍‌ସି'କୁ ନିଷିଦ୍ଧ ପଦାର୍ଥ ଶ୍ରେଣୀରେ ରଖାଯାଇଛି। ଏହି ନିଷିଦ୍ଧ ସେବନକୁ ନୱାଜ୍ ସ୍ୱୀକାର କରିଛନ୍ତି। ତେବେ ଉକ୍ତ ପ୍ରତିଯୋଗିତା (ଟ୍ୱେଣ୍ଟି-୨୦ ବିଶ୍ୱକପ୍) ବାହାରେ ସେ ଏହି ସେବନ କରିଥିଲେ ଏବଂ ତାଙ୍କର ପ୍ରଦର୍ଶନ ସହିତ ଏହାର କୌଣସି ସମ୍ପର୍କ ନଥିଲା ବୋଲି ଯୁକ୍ତି ବାଢ଼ିଛନ୍ତି।

# ପଲସଦା ନଦୀ ଉପରେ ନୂତନ ଓସାରିଆ ବ୍ରିଜ ନିର୍ମାଣ ଦାବି

ବୋଡ଼େନ, ୧୮/୦୭ (ଅକ୍ଷର ଓଡ଼ିଶା): ଖଡ଼ିଆଳରୁ ବୋଡ଼େନକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର ପଲସଦା ନଦୀ ଉପରେ ନିର୍ମିତ ପୁରୁଣା ବ୍ରିଜଟି ଅଣଓସାରିଆ ଥିବାରୁ ଏଠାରେ ଏକ ନୂତନ ଓସାରିଆ ବ୍ରିଜ ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି ।ବୋଡ଼େନ ବ୍ଲକ ମୁଖ୍ୟାଳୟ ହୋଇଥିବାରୁ ଏହି ରାସ୍ତା ଦେଇ ପ୍ରତିଦିନ ଶତାଧିକ ଛୋଟ ଓ ବଡ଼ ଯାନବାହାନ ଚଳାଚଳ କରିଥାଏ। କିନ୍ତୁ ପଲସଦା ନଦୀ ଉପରେ ଥିବା ବ୍ରିଜଟିର ଓସାର କେବଳ ୧୦ରୁ ୧୨ ଫୁଟ ହୋଇଥିବାରୁ ଏକାସାଙ୍ଗରେ ଦୁଇଟି ଚାରିଚକିଆ ଯାନ ସୁରକ୍ଷିତ ଭାବେ ଅତିକ୍ରମ କରିପାରୁନାହିଁ। ଫଳରେ ଗୋଟିଏ ଯାନକୁ ଅଟକି ରହିବାକୁ ପଡୁଥିବା ବେଳେ ଅନ୍ୟ ଯାନଟି ଯାତାୟାତ କରିଥାଏ ।ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଏହି ବ୍ରିଜ ଉପରେ ଏକାସାଙ୍ଗରେ ଦୁଇଟି ବଡ଼ ଯାନ ଚଳାଚଳ କରିବାକୁ ଚେଷ୍ଟା କଲେ ଦୁର୍ଘଟଣା ଘଟିବାର ଆଶଙ୍କା ରହୁଛି। ପୂର୍ବରୁ ମଧ୍ୟ ଏଭଳି ପରିସ୍ଥିତି ଯୋଗୁଁ ଛୋଟ ବଡ଼ ଦୁର୍ଘଟଣା ଘଟିଥିବା ଅଭିଯୋଗ ହେଉଛି ।ଖଡ଼ିଆଳରୁ ବୋଡ଼େନ ପର୍ଯ୍ୟନ୍ତ ପ୍ରାୟ ୨୬ କିଲୋମିଟର ରାସ୍ତା ଓସାରିଆ ଭାବେ ନିର୍ମାଣ ହୋଇଥିବା ବେଳେ କେବଳ ପଲସଦା ବ୍ରିଜଟି ଅଣଓସାରିଆ ରହିଥିବାରୁ ଯାତାୟାତରେ ବାଧା ସୃଷ୍ଟି ହେଉଛି। ତେଣୁ ଲୋକଙ୍କ ସୁରକ୍ଷା ଓ ସୁବିଧା ଦୃଷ୍ଟିରୁ ଏଠାରେ ଏକ ନୂତନ ଓସାରିଆ ବ୍ରିଜ ନିର୍ମାଣ କରିବାକୁ ସ୍ଥାନୀୟ ବାସିନ୍ଦାମାନେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ନିକଟରେ ଦାବି କରିଛନ୍ତି।



# ସ୍ୱାମୀର ଦ୍ୱିତୀୟ ବିବାହକୁ ନେଇ ଥାନାରେ ଅଭିଯୋଗ ଆଣିଲେ ସ୍ତ୍ରୀ

ଅନୁଗୋଳ ୧୮/୦୭ (ଅଜିତ କୁମାର ଭୋଇ )ଅନୁଗୋଳ ଜିଲ୍ଲା ବଁଅରପାଳ ଥାନା ନିକଟସ୍ଥ ନୂଆହତା ଗ୍ରାମରେ ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ନାମରେ ଦ୍ୱିତୀୟ ସ୍ତ୍ରୀ ରଖିଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ମହିଳାଙ୍କ ସ୍ୱାମୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ମିଳିଥିବା ସୂଚନା ଅନୁସାରେ ଅଭିଯୋଗକାରିଣୀ ଜଣଙ୍କ ହେଲେ କଣ୍ଡାବଣିଆ ଥାନା ନିକଟ ଶିବପୁର ଗ୍ରାମ ବର୍ଷା ସିଂହ। ଅଭିଯୋଗକାରିଣୀଙ୍କ କହିବା ମୁତାବକ ଜୁନ ମାସ ୨୮ ତାରିଖ ସକାଳ ୯ ଘଟିକା ସମୟରେ ସ୍ୱାମୀ ବିଭୁନା ପ୍ରଧାନ କାରଖାନାକୁ ଡ୍ୟୁଟି ଯାଉଚି କହି ଯାଇଥିଲେ। କିନ୍ତୁ ସନ୍ଧ୍ୟା ହୋଇ ଯାଇଥିଲେ ମଧ୍ୟ ଘରକୁ ଫେରି ନଥିଲେ। ବର୍ଷା ସ୍ୱାମୀଙ୍କୁ ସାଙ୍ଗସାଥି ଓ ବନ୍ଧୁବାନ୍ଧବଙ୍କ ଘରେ ଖୋଜାଖୋଜି କରି ନପାରିବାରୁ ଶେଷରେ ନିରୁପାୟ ହୋଇ ଥାନାରେ ନିଖୋଜ ହୋଇଥିବା ନେଇ ଲିଖିତ ଅଭିଯୋଗ କରିଥିଲେ। ଗତ କାଲି ରାତି ପ୍ରାୟ ୧୧ ଘଟିକା ସମୟରେ ସ୍ୱାମୀ ବିଭୁନା ଘରକୁ ଆସି ଖାଇ ପିଇ ଶୋଇଗଲେ । ମହିଳା ଜଣଙ୍କ ପୂର୍ବଦିନ ରାତିରେ instagramରେ ଦେଖିଲେ କି ତାଙ୍କ ସ୍ୱାମୀ ଆଉ ଜଣେ ଝିଅକୁ ଦ୍ୱିତୀୟ ବିବାହ କରିଛନ୍ତି। ଏନେଇ ସକାଳ ସମୟରେ ସ୍ୱାମୀଙ୍କୁ ଘର ଭିତରେ ତାଲା ପକାଇ ଦେଇ ଥାନାରେ ଅଭିଯୋଗ କରିଛନ୍ତି ସ୍ତ୍ରୀ । ପରେ ପୁଲିସ ମହିଳାଙ୍କ ସ୍ୱାମୀଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ମହିଳା ଜଣଙ୍କ ନଅ ବର୍ଷ ହେଲା ଭଲ ପାଇ ଅନୁଗୋଳ ଜଗନ୍ନାଥ ମନ୍ଦିରରେ ବିବାହ କରିଥିଲେ। ତାଙ୍କର ୫ ବର୍ଷର ଗୋଟିଏ ଝିଅ ଅଛି। ମହିଳା ଜଣଙ୍କ କିପରି ଭାବରେ ଚଳି ପାରିବେ ସେ ନେଇ ଥାନାରେ ଅଭିଯୋଗ କରିଛନ୍ତି।



# ହିନ୍ଦୋଳ କଲ୍ୟାଣ ସଂଗଠନର ସ୍ୱାସ୍ଥ୍ୟ ଓ ପରିବେଶ ପାଇଁ ଯୋଗାଶିକ୍ଷା ସଚେତନତା କାର୍ଯ୍ୟକ୍ରମ

ଖଜୁରିଆକଟା ୧୮/୭(ନୀଳକଣ୍ଠ ଦାସ)ହିନ୍ଦୋଳ କଲ୍ୟାଣ ସଂଗଠନ, ଭୁବନେଶ୍ୱରର ସ୍ୱାସ୍ଥ୍ୟ ଓ ପରିବେଶ ପାଇଁ ଯୋଗ ଶିକ୍ଷା ସଚେତନ କାର୍ଯ୍ୟକ୍ରମ ସ୍ଥାନୀୟ ହିନ୍ଦୋଳ ବ୍ଲକ ଦୁଦୁରକୋଟ ଜନତାରାଜ ଉଚ୍ଚବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଥିଲା । ଏଥିରେ ହିନ୍ଦୋଳ କଲ୍ୟାଣ ସଂଗଠନର ଉପ ସଭାପତି ରତିକାନ୍ତ ଗଡ଼ନାୟକ, ସଂଗଠନର ଯୋଗ ଶିକ୍ଷକ ପ୍ରଦୀପ ଦାସ, ସଂଗଠନର ଆଜୀବନ ସଦସ୍ୟ ପ୍ରହଲ୍ଲାଦ ସାମଲ ଓ ଅକ୍ଷୟ କୁମାର ପାଳ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ସାହୁ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ଜନତାରାଜ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ସାହୁ ସଭାର ସଭାପତିତ୍ୱ କରିଥିଲେ ଓ ଅନୁଷ୍ଠାନିକ ଭାବରେ ଅତିଥି ମାନଙ୍କ ପରିଚୟ କରାଇ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଏହାପରେ ଯୋଗ ଶିକ୍ଷକ ପ୍ରଦୀପ ଦାସ ଛାତ୍ର ଛାତ୍ରୀ ମାନଙ୍କୁ ଯୋଗ ପ୍ରଶିକ୍ଷଣ କରାଇଥିଲେ । ଏଥିରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରାଦୁମ୍ନ ସାମଲ, କମିଟିର ସଦସ୍ୟ ରମାକାନ୍ତ ସାମଲ, ଅବସରପ୍ରାପ୍ତ ଶିକ୍ଷୟତ୍ରୀ ଶ୍ରୀମତୀ ଗାୟତ୍ରୀ ପଟ୍ଟନାୟକ, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ସୋନାଲି ଚୌଧୁରୀ, ପୁଷ୍ପଲତା ଜେନା, ସୁଶ୍ରୀ ଶୁଭସ୍ମିତା ସାହୁ, ପ୍ରାଦୁମ୍ନ ସାମଲ, ଆଦିତ୍ୟ ନାୟକ ଉପସ୍ଥିତଥିଲେ।

# ସ୍ୱଦେଶୀ ଜାଗରଣ ମଞ୍ଚ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ

## ବୃକ୍ଷରୋପଣ ଜଳ ସଂରକ୍ଷଣ ପ୍ଲାଷ୍ଟିକ ବର୍ଜ୍ଜନ ପାଇଁ ଆହ୍ୱାନ




ଗୋଲାମୁଣ୍ଡା ୧୮/୦୭ (ଅକ୍ଷର ଓଡ଼ିଶା) କଳାହାଣ୍ଡି ଜିଲ୍ଲା। ଗୋଲାମୁଣ୍ଡା ବ୍ଲକ ପକ୍ଷରୁ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପ ପରିସର ମଧ୍ୟରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ମୁଖ୍ୟ ଅତିଥି ଭାବେ ଜୁନାଗଡ଼ ବିଧାୟକ ପ୍ରାର୍ଥୀ ତଥା ଭାରତୀୟ ଜନତା ପାର୍ଟିର ଜଣେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ କୁମାର ମେହେର, ସମ୍ମାନନୀୟ ଅତିଥି ଭାବେ ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ତଥା ରାଜ୍ୟ ଯୁବ ମୋର୍ଚ୍ଚାର କାର୍ଯ୍ୟକର୍ତ୍ତା ବିନ୍ଦୁ ମହାନନ୍ଦ, ମଣ୍ଡଳ ସଭାପତି ବ୍ୟଶାଖୁ କେତକୀ, ସ୍ୱଦେଶୀ ଜାଗରଣ ମଞ୍ଚ ଜିଲ୍ଲା ପର୍ଯ୍ୟାବରଣ ପ୍ରମୁଖ ପ୍ରଦୀପ କୁମାର ପଣ୍ଡା, ସ୍ୱଦେଶୀ ଜାଗରଣ ମଞ୍ଚର ଜିଲ୍ଲା ପ୍ରଚାର ପ୍ରମୁଖ ଶ୍ୟାମ ସୁନ୍ଦର ଅଗ୍ରୱାଲ ଏବଂ ସ୍ଥାନୀୟ ବରିଷ୍ଠ ଅଧିକାରୀ ଓ ଗୋଲାମୁଣ୍ଡା ଭାରତୀୟ ଜନତା ପାର୍ଟିର ମଣ୍ଡଳ ସ୍ତରୀୟ ବହୁ ପଦାଧିକାରୀ ଓ ସଦସ୍ୟବୃନ୍ଦ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ । ଏହି ଅବସରରେ ପରିବେଶ ସୁରକ୍ଷା ପ୍ରସଙ୍ଗରେ ଏକ ସଚେତନ ସଭା ଅନୁଷ୍ଠିତ ହୋଇଥିଲା ।

ମୁଖ୍ୟ ସମ୍ପାଦକ- ଚୌଧୁରୀ ରମାକାନ୍ତ ଦାସ
Chief Editor- Chaudhury Ramakanta Das

କାର୍ଯ୍ୟକାରୀ ସମ୍ପାଦକ- ଭରତ ଚନ୍ଦ୍ର ବେହେରା
Executive Editor- Bharat Chandra Behera

Published & Owned by **BHARAT KUMAR BEHERA**, Published at -99/6, Kalinga Vihar, Bhubaneswar-751019. Printed at **PRINT-TECH OFFSET PVT. LTD.**, F-66/1 & 2, Chandaka Industrial Area, Bhubaneswar-751024. T- 0674-3595878, M-9937223063/9937053063, E-akhyaraodisha@gmail.com

ସମ୍ପାଦକ: ଭରତ କୁମାର ବେହେରା
Editor: Bharat Kumar Behera